47

ଓଡ଼ିଶାର କୃତୀ ଆଦିବାସୀ ସନ୍ତାନ - ୬

# ସନ୍ଥକବି ଭୀମଭୋଇ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

କଲ୍ୟାଣ ବିଭାଗ

ଭୁବନେଶ୍ୱର

# ସନ୍ଥକବି ଭୀମଭୋଇ

ଦୁର୍ଗାଚରଣ କୁଅଁର

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
କଲ୍ୟାଣ ବିଭାଗ
ଭୁବନେଶ୍ୱର

# SANTHAKABI BHIMABHOI

Writer : Durga Charan Kuanr

Publisher : Academy of Tribal Dialects & Culture,
Welfare Department,
Adivasi Exibition Ground,
Unit -1, Bhubaneswar - 751009
1997

Printed at : Konark Art Press

Price : (Twenty Five rupees only)

SANTHAKABI BHIMABHOI

Writer : Durga Charan Kuanr

Publisher : Academy of Tribal Dialects & Culture,
Welfare Department,
Adivasi Exibition Ground,
Unit -1, Bhubaneswar - 751009
1997

Printed at : Konark Art Press

Price : (Twenty Five rupees only)

(୧)

# ଭୀମ ଭୋଇଙ୍କ ଜୀବନ ବୃତ୍ତାନ୍ତ

ଆଧୁନିକ ଭାରତୀୟ ଧର୍ମ ଧାରାକୁ ମହିମା ଧର୍ମ ଓଡ଼ିଶାର ଏକ ବିଶିଷ୍ଟ ଅବଦାନ । ଏହି ଧର୍ମର ପ୍ରବର୍ତ୍ତକ ମହିମା ଗୋସାଇଁ ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ତାଙ୍କର ଧର୍ମ ପ୍ରଚାର କରିଥିଲେ । ନିଜ ଜୀବନ କାଳ ଭିତରେ ସେ ମହିମା ଦର୍ଶନ, ନୀତି ନିୟମ ଇତ୍ୟାଦି ଉପଦେଶ ଆକାରରେ ତାଙ୍କର ଶିଷ୍ୟମାନଙ୍କୁ ଅବଗତ କରାଇ ଏହି ଧର୍ମକୁ ଏକ ବିଧିବଦ୍ଧ ଅନୁଷ୍ଠାନ ରୂପେ ପ୍ରତିଷ୍ଠିତ କରିଯାଇଥିଲେ ବି ଲିଖିତ ଆକାରରେ ସେ କିଛି ଛାଡ଼ି ଯାଇନାହାନ୍ତି । ତାଙ୍କ ତିରୋଧାନ ପରେ ଏହି ଧର୍ମ ସଂସ୍ଥାର ପରିଚାଳନା, ପ୍ରଚାର ଓ ପ୍ରସାର ଦାୟିତ୍ୱ ତାଙ୍କ ଶିଷ୍ୟବର୍ଗଙ୍କ ଉପରେ ପଡ଼ିଥିଲା । ମହିମା ଗୋସାଇଁଙ୍କ ଦ୍ୱାରା ମହିମା ଧର୍ମରେ ଦୀକ୍ଷିତ ହେବା ପରେ ଗୁରୁଙ୍କ ଦ୍ୱାରା ଆଦିଷ୍ଟ ହୋଇ ଭୀମ ଭୋଇ ବହୁ ସ୍ତୁତି,ଭଜନ, ଜଣାଣ, ଚଉତିଶା ଓ କାବ୍ୟ କବିତା ରଚନା କରି ମହିମା ଧର୍ମ ପ୍ରଚାରରେ ନିଜର କାବ୍ୟ ପ୍ରତିଭାକୁ ସଂପୂର୍ଣ୍ଣ ବିନିଯୋଗ କରିଥିଲେ । ଭୀମଭୋଇ ହେଉଛନ୍ତି ମହିମା ଗୋସାଇଁଙ୍କ ଦ୍ୱାରା ଦୀକ୍ଷିତ ଦ୍ୱିତୀୟ ଶିଷ୍ୟ । ପ୍ରଥମ ଦୀକ୍ଷିତ ଶିଷ୍ୟ ରୂପେ ସିଦ୍ଧ ଗୋବିନ୍ଦବାବା (ଜଗନ୍ନାଥଦାସ)ଙ୍କର ମହିମା ସଂପ୍ରଦାୟରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ମହିମା ଧର୍ମକୁ ଏକ ଲୋକପ୍ରିୟ ଗଣଧର୍ମରେ ପରିଣତ କରିବା ଦିଗରେ ଭକ୍ତ କବି ଭୀମ ଭୋଇଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ମହିମା ଧର୍ମର ପ୍ରତିଷ୍ଠାତା ମହିମା ଗୋସାଇଁଙ୍କ ଜୀବନ କାହାଣୀ ଭଳି ଧର୍ମର ପ୍ରମୁଖ କବି ଓ ତାତ୍ତ୍ୱିକ ଭୀମଭୋଇଙ୍କ ଜୀବନ ବୃତ୍ତାନ୍ତ ଏବେ ସୁଦ୍ଧା ରହସ୍ୟାବୃତ । ପାହାଡ ପର୍ବତ ଘେରା ପୂର୍ବତନ ଗଡଜାତ ଅଞ୍ଚଳର ନିରକ୍ଷର ଅସ୍ପୃଶ୍ୟ ଶ୍ରେଣୀ ତଥା ସମାଜର ନିମ୍ନ ବର୍ଗର ଲୋକମାନଙ୍କ ମଧ୍ୟରେ ମହିମା ଧର୍ମ ପ୍ରଥମେ ପ୍ରସାର ଲାଭ କରିଥିଲା । ଧର୍ମର ପ୍ରବର୍ତ୍ତକ ବା ପ୍ରମୁଖ ଭକ୍ତକବିଙ୍କ ଜୀବନୀ ସଂପର୍କରେ କୌଣସି ତଥ୍ୟ ସଂଗ୍ରହ କରିବାର ଆବଶ୍ୟକତା ହୁଏତ ସେମାନେ ଅନୁଭବ କରିନଥିଲେ । ଏଥିପାଇଁ ଆବଶ୍ୟକ ସାଂସ୍କୃତିକ ଓ ଇତିହାସ ଚେତନା ସେମାନଙ୍କର ନଥିଲା । ମହିମା ସନ୍ନ୍ୟାସୀମାନେ ସେମାନଙ୍କ ବ୍ୟକ୍ତିଗତ ପରିଚୟ ଗୋପନ ରଖିବାର ଏକ ନିୟମ ରହିଛି ।

ସନ୍ନ୍ୟାସ ଗ୍ରହଣ କରିବା ପରେ ପିତୃଦତ୍ତ ନାମ ପରିବର୍ତ୍ତେ ସେମାନେ ଏକ ଧର୍ମୀୟ ନାମ ଗ୍ରହଣ କରିଥାନ୍ତି । ସେମାନଙ୍କ ସମ୍ବନ୍ଧରେ ପ୍ରକୃତ ତଥ୍ୟ ସଂଗ୍ରହ କରିବା ଦିଗରେ ଏହା ମଧ୍ୟ ଏକ ଅନ୍ତରାୟ । ମହିମା ଗୋସାଇଁ ଓ ଭୀମଭୋଇଙ୍କ ଦେହତ୍ୟାଗର ବହୁବର୍ଷ ପରେ ସହରୀ ଶିକ୍ଷିତ ସଂପ୍ରଦାୟ ଓ ବୁଦ୍ଧିଜୀବୀମାନଙ୍କ ଦୃଷ୍ଟି ସେମାନଙ୍କ ପ୍ରତି ଆକୃଷ୍ଟ ହୋଇଥିଲା । ସେତେବେଳକୁ ସେମାନଙ୍କ ସମ୍ବନ୍ଧରେ ଲୋକମୁଖରେ ନାନା ଅଲୌକିକ କାହାଣୀ ଓ କିମ୍ବଦନ୍ତୀମାନ ପ୍ରଚଳିତ ଥିଲା ଯେଉଁଥିରୁ ପ୍ରକୃତ ତଥ୍ୟ ଉଦ୍‌ଘାଟନ କରିବା କଷ୍ଟକର । ଏସବୁ ଦୃଷ୍ଟିରୁ ସାଂପ୍ରତିକ କାଳରେ ଗବେଷକମାନଙ୍କର ବହୁ ଅନୁସନ୍ଧାନ ସତ୍ତ୍ୱେ ଭୀମଭୋଇଙ୍କ ପ୍ରକୃତ ପିତାମାତା, ଜନ୍ମସ୍ଥାନ, ଜନ୍ମତାରିଖ, ସେ ଅନ୍ଧଥିଲେ କି ନାହିଁ ଇତ୍ୟାଦି ବିଷୟରେ ତଥାପି ମତାନୈକ୍ୟ ରହିଛି ।

ମହିମା ଧର୍ମ ଓ ଭୀମ ଭୋଇଙ୍କ ସମ୍ବନ୍ଧରେ ଓଡ଼ିଶାରେ ସବିଶେଷ ଆଲୋଚନା ହେବାର ବହୁ ପୂର୍ବରୁ ଦୁଇଜଣ ବଙ୍ଗାଳୀ ଗବେଷକ ନଗେନ୍ଦ୍ର ନାଥ ବସୁ ଓ ବିଜୟ ଚନ୍ଦ୍ର ମଜୁମଦାର ଏ ସଂପର୍କରେ ଇଂରାଜୀରେ କିଛି ଲେଖା ଲେଖି କରିଥିଲେ । ନଗେନ୍ଦ୍ରନାଥ ବସୁ ତାଙ୍କ 'Modern Buddhism and its followers in Orissa ପୁସ୍ତକରେ ଭୀମ ଭୋଇଙ୍କ ପୁରା ନାମ ଭୀମସେନ ଭୋଇ ଅରକ୍ଷିତ ଦାସ ଏବଂ ସେ ଢେଙ୍କାନାଳର ଯୋରନ୍ଦା ଗ୍ରାମରେ ଏକ କନ୍ଧ ପରିବାରରେ ଜନ୍ମଗ୍ରହଣ କରିଥିବା କଥା କହିଅଛନ୍ତି ।[୧] କିନ୍ତୁ ବସୁଙ୍କର ଏ ମତ ଆଧୁନିକ ଗବେଷକମାନଙ୍କ ଦ୍ୱାରା ଭୁଲ ପ୍ରମାଣିତ ହୋଇଛି । କେତେକ ଗବେଷକ ଭୀମଭୋଇଙ୍କ ଜନ୍ମସ୍ଥାନ ରେଢାଖୋଲର ଗ୍ରାମଡିହା, କାଙ୍କଣପଡା, ଜଟାଣିଂଗା ଇତ୍ୟାଦି ବୋଲି କହିଥିବା ବେଳେ ଅନ୍ୟ କେତେକ ତାଙ୍କ ଜନ୍ମ ସ୍ଥାନ ରେଢାଖୋଲ ଅନ୍ତର୍ଗତ କୌଣସି ଗ୍ରାମ ବୋଲି ଉଲ୍ଲେଖ କରିଅଛନ୍ତି । ବ୍ରହ୍ମାବଧୂତ ସନ୍ନ୍ୟାସୀ ବିଶ୍ୱନାଥ ବାବା ତାଙ୍କ 'ସତ୍ୟ ମହିମାଧର୍ମର ଇତିହାସ' ପୁସ୍ତକରେ (ପୃ:୫୪) ମହିମା ସ୍ୱାମୀ 'ରେଢାଖୋଲ ଅନ୍ତର୍ଗତ ଗ୍ରାମଡିହା କଙ୍କଣପଡା ମୌଜାସ୍ଥ ଭୀମଭୋଇଙ୍କ ଦ୍ୱାରରେ ଉପସ୍ଥିତ' ହୋଇ ତାଙ୍କୁ ଦର୍ଶନ ଦେଇଥିବା ବିଷୟ ଉଲ୍ଲେଖ କରିଅଛନ୍ତି କିନ୍ତୁ ଏହାକୁ ସେ ଭୀମଭୋଇଙ୍କ ଜନ୍ମସ୍ଥାନ ବୋଲି କହିନାହାନ୍ତି । ଗ୍ରାମର ନାମ ନେଇ ମତପାର୍ଥକ୍ୟ ଥିଲେ ବି ରେଢାଖୋଲରେ ଭୀମଭୋଇ ଜନ୍ମଗ୍ରହଣ କରିଥିବା

---

(୧) ଡାଃ ରଘୁ ଲେଙ୍କା- 'ଓଡ଼ିଆ ସାହିତ୍ୟରେ ତିନିଭାଗ' ପୃ: ୧୨-୧୩

ବିଷୟରେ ଅଧିକାଂଶ ଲେଖକ ଏକମତ । ଭାଗୀରଥି ନେପାକ ତାଙ୍କର 'ଭୀମଭୋଇ ଆତ୍ମପରିଚିତି ଓ ଅନ୍ୟାନ୍ୟ ପ୍ରସଂଗ' ପୁସ୍ତକରେ (ପୃ:୪୧) ଭୀମ ଭୋଇଙ୍କ ଉପରେ ଗବେଷଣା କରିଥିବା ଶ୍ରୀ ସୁରେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂହଙ୍କ ମତାମତ ଉଦ୍ଧାର କରି ସେ ଜଟା ଶିଂଘା ଗ୍ରାମରେ ଜନ୍ମଗ୍ରହଣ କରିଥିବା ବିଷୟ ଉଲ୍ଲେଖ କରିଅଛନ୍ତି । ଶ୍ରୀଚନ୍ଦନ ସିଂହଙ୍କ 'ଭୀମଭୋଇ ସମୀକ୍ଷା' ପୁସ୍ତକରୁ ସେ ଦେଇଥିବା ଏକ ଉଦ୍ଧୃତି ପ୍ରଣିଧାନ ଯୋଗ୍ୟ- 'ଜଟା ଶିଂଘା ଏବେ ସୋନପୁରରେ... ବୀର ମହାରାଜପୁରର ନିକଟବର୍ତ୍ତୀ । କିନ୍ତୁ ଅତୀତରେ ତାହା ଥିଲା ରେଢାଖୋଲରେ । ସେତେବେଳେ ରେଢାଖୋଲର ସୀମାରେଖା ଆଜିର ମାନଚିତ୍ରଠାରୁ ଅନେକ ବେଶୀଥିଲା । ସମ୍ବଲପୁରର ମାନେଶ୍ୱର ମନ୍ଦିରଯାଏ ରେଢାଖୋଲ ପରିବ୍ୟାପ୍ତ ଥିଲା' । ଭୀମଭୋଇଙ୍କ ଉପରେ ବିଶେଷ ଗବେଷଣା କରିଥିବା ପଶ୍ଚିମ ଓଡ଼ିଶା ନିବାସୀ ଶ୍ରୀନେପାକ କବିଙ୍କର ଜନ୍ମସ୍ଥାନ ଜଟାଶିଂଘା ବୋଲି ଶ୍ରୀଚନ୍ଦନ ସିଂହଙ୍କ ସହିତ ଏକମତ ହୋଇଅଛନ୍ତି । ଏହି ଜଟାଶିଂଘା ଗ୍ରାମ ଏବେ ନବଗଠିତ ସୋନପୁର ଜିଲ୍ଲାର ବୀରମାହାରାଜପୁର ତହସିଲ ଅନ୍ତର୍ଭୁକ୍ତ ।

କିମ୍ବଦନ୍ତୀ ଓ ଲୋକ ବିଶ୍ୱାସ ଅନୁଯାୟୀ ଜଟାଶିଂଘା ଗ୍ରାମର ଏକ ପୋଖରୀ ହୁଡାରେ ଗୋଟିଏ ସଦ୍ୟଜାତ ଶିଶୁ ପରିତ୍ୟକ୍ତ ଅବସ୍ଥାରେ ପଡିଥିଲା । 'ସେହି ଗ୍ରାମର ନିଃସନ୍ତାନ ଦରିଦ୍ର କନ୍ଧଦମ୍ପତି ଦନାଇ (ଜନାର୍ଦ୍ଦନ) ଓ ମହରଗୀ (ଗୁରୁବାରୀ) ଜ୍ୟେଷ୍ଠମାସ ଶେଷର ଏକ ପ୍ରଭାତରେ ପୋଖରୀ ହୁଡାରେ ଥିବା ଡାଳବଣିଆରୁ ଡାଳ ଭୋଟାଇବାକୁ ଯାଇ ଶିଶୁଟିକୁ ଦେଖିଥିଲେ ଏବଂ ଏହାକୁ ଈଶ୍ୱରଙ୍କର ଆଶୀର୍ବାଦ ମନେକରି ପିଲାଟିକୁ ଆଣି ଲାଳନପାଳନ କରିଥିଲେ । ଲୋକାପବାଦ ଭୟରେ ଦନାଇ ଓ ଗୁରୁବାରୀ ଯଥାଶୀଘ୍ର ଜଟାଶିଂଘା ତ୍ୟାଗ କରି ବୌଦ୍ଧ ରାଜ୍ୟର ଗୋପ-ମଧୁପୁର ଗ୍ରାମରେ ଯାଇ ବସବାସ କଲେ ଓ ପିଲାଟିର ନାମ ଭୀମ ରଖିଲେ । ଭୀମ ଭୋଇ ତାଙ୍କ 'ସ୍ତୁତିଚିନ୍ତାମଣି' ଗ୍ରନ୍ଥରେ (ବୋଲି-୨୨) ଗୋପ-ମଧୁପୁରର ସ୍ମୃତିଚାରଣ କରି ଲେଖିଛନ୍ତି;

"ଜନନୀ ଉଦର ଗୋପ ମଧୁପୁର ପାଶୋର ନଯାଏ ଚିତ୍ତୁ
ମାତୃଗର୍ଭଗତେ ପାଠ ପଢିଥିଲି ଦିନେ ଦିନେ ଅଛିହେତୁ ।"

କିଛି ଦିନପରେ ଭୀମଙ୍କର ପାଳକପିତା ଦନାଇଙ୍କର ମୃତ୍ୟୁ ହେବାରୁ ଗୁରୁବାରୀ ଦେବର ଧନେଶ୍ୱର ଭୋଇଙ୍କୁ ଦ୍ୱିତୀୟ ବିବାହ କରି ଧନେଶ୍ୱର ରହୁଥିବା ରେଢାଖୋଲର

ଜଙ୍କଣପଡା ଗ୍ରାମକୁ ଚାଲିଗଲେ । ଭୀମଙ୍କର ହେତୁ ହେବା ପରେ ସେ ଧନେଶ୍ୱରଙ୍କୁ ହିଁ ତାଙ୍କର ପିତା ବୋଲି ଜାଣିଥିଲେ । ଏକ ଭଜନରେ (ଭଜନମାଳା, ସଂଖ୍ୟା-୨୨୭) ସେ ନିଜକୁ "ବିନ୍ଧି ପଞ୍ଚବାଣ ଭଣେ ଭୀମ ହୀନ ଧନେଶ୍ୱର ଔରସ" ବୋଲି କହିଅଛନ୍ତି । ଧନେଶ୍ୱରଙ୍କ ଔରସରୁ ଗୁରୁବାରୀଙ୍କର ଦୁଇଟି ସନ୍ତାନ ଜନ୍ମହେବାପରେ ଦରିଦ୍ର ଶ୍ରମଜୀବୀ ପରିବାରଟିରେ ଭୀମ କ୍ରମେ ଅବାଞ୍ଛିତ ହୋଇପଡ଼ିଲେ । ତାଙ୍କୁ ଗଣ୍ଡେ ପେଟପୂରା ଖାଇବାକୁ ବି ମିଳିଲାନାହିଁ । ଅତି କିଶୋର ବୟସରୁ ପରଘରେ ଚାକିରୀ ଖଟି, ବଣରେ ଗୋରୁ ଚରାଇ କିମ୍ବା ଭିକ୍ଷା କରି ତାଙ୍କୁ ପ୍ରାଣ ବଞ୍ଚାଇବାକୁ ପଡିଥିଲା । ବାଲ୍ୟ ଜୀବନର କରୁଣ କାହାଣୀ ଅତି ମର୍ମସ୍ପର୍ଶୀ ଭାଷାରେ ସେ ତାଙ୍କର 'ସ୍ତୁତି ଚିନ୍ତାମଣି' ଗ୍ରନ୍ଥରେ ବ୍ୟକ୍ତ କରିଅଛନ୍ତି ;

"ସପ୍ତ ବରଷରୁ ଅଷ୍ଟମ ନବମ ଦଶମ ଏଗାର ହେଲା,
ବାର ବରଷକୁ ବତ୍ସାଙ୍କ ସଙ୍ଗତେ ବନେ ବୁଲି ଦିନ ଗଲା ।
ଆଗପଛ କଥା ହୃଦୟରେ ଚିନ୍ତା ପଡି ପୁଣି ପୁଣି ଆସି
ଶୋକ ସନ୍ତାପରେ ରୋଦନ କରଇ ବୃକ୍ଷଛାୟା ମୂଳେ ବସି ।
ଏ ଦରିଦ୍ରମାନ ଶୁଣ ସାଧୁଜନ ବୋଲୁଥିବ ଅବା ବୃଥା,
ମିଥ୍ୟା କହୁଥିଲେ ଶ୍ରୀ ଗୁରୁ ଦଣ୍ଡିବେ ନିତ୍ୟ ସତ୍ୟବ୍ରତ କଥା ।
ବସାଇଲେ ଚରି ପଛେ ଅନୁସରି ବୁଲୁଥାଇ ସଙ୍ଗେ ସଙ୍ଗେ,
କହେ ଭୀମଭୋଇ ପୂର୍ବକାଳ କଥା କଟାଡ଼ି ହେଉଛି ଅଙ୍ଗେ ।

(ବୋଲି -୨୧)

ପୁନଶ୍ଚ

"ବୁଲୁଥାଇ ବନେ ନିତି ପ୍ରତିଦିନେ ବତ୍ସାଙ୍କୁ ସଙ୍ଗତେ ଘେନି
କ୍ଷୁଧାତୃଷା କାଳେ ଜୀବନ ନିକଟେ ପିଉଥାଇ ଝରପାଣି ।
ଆକାଶକୁ ଚାହିଁ ମନରେ ଭାବଇ କରୁଥାଇ ପାତ୍ର ହେଜ,
ଦେବ ହୋଇନାହିଁ ଯିବି କି ମୁଁ ନାହିଁ ନମିଳିବ ପାଣି ପେଜ ।

ଧନ୍ୟ ଏ ପିଣ୍ଡ ନ ହୋଇ ଖଣ୍ଡ ଖଣ୍ଡ ପଡିଅଛି ଯେତେ ମାତ
ଗାଳି ଦ୍ୱନ୍ଦ ପଞ୍ଚଆତକୁ ପକାଇ ଦୃଢ କରିଥାଇ ବୁକ ।
ଲୁହ ନାହିଁ ରକ୍ତ ବହୁଥାଇ ମୋର ଶ୍ରୀ ହସ୍ତେ ଦିଅଇ ପୋଛି
କେହି ନ ଜାଣନ୍ତି ଶ୍ରୀଗୁରୁ ଜାଣନ୍ତି ଯେତେ କଷ୍ଟ ପାଇଅଛି ।"

(ବୋଲି-୨୨)

ଭୀମଭୋଇ ଅନ୍ଧଥିବାର ଏକ ଧାରଣା ବହୁତ ଦିନ ଧରି ପ୍ରଚଳିତ ହୋଇ ଆସିଛି । କେତେକଙ୍କ ମତରେ ସେ ଜନ୍ମରୁ ଅନ୍ଧଥିଲେ । ଅନ୍ୟ କେତେକଙ୍କ ମତରେସେ ବାଲ୍ୟକାଳରେ ଦୃଷ୍ଟିଶକ୍ତି ହରାଇ ମହିମା ଗୋସାଇଁଙ୍କ ସହିତ ସାକ୍ଷାତକାଳରେ କିଛି ସମୟ ପାଇଁ ଦୃଷ୍ଟିଶକ୍ତି ଫେରିପାଇଥିଲେ ବି ବିଷୟ ଦର୍ଶନ ଏଡିବା ପାଇଁ ପୁନର୍ବାର ଅନ୍ଧତ୍ୱକୁ ବରଣ କରିନେଇଥିଲେ । କିନ୍ତୁ ଭୀମଭୋଇ ତାଙ୍କ ରଚନାବଳୀରେ ନିଜ ବିଷୟରେ ଅନେକ କଥା କହିଥିଲେ ବି କେଉଁଠାରେ ହେଲେ ସେ ଅନ୍ଧଥିବା ଉଲ୍ଲେଖ କରି ନାହାନ୍ତି । ବରଂ ସେ ଯେ ଚକ୍ଷୁଷ୍ମାନ ଥିଲେ ତା'ର ସ୍ପଷ୍ଟ ପ୍ରମାଣ ତାଙ୍କ ନିଜ ଲେଖାରୁ ହିଁ ମିଳିଥାଏ ।

'ସ୍ତୁତିଚିନ୍ତାମଣି'ର ଏକବିଂଶ ବୋଲିରେ ସେ ଲେଖିଛନ୍ତି :

"ଚାରି ବରଷ ସଂପୂର୍ଣ୍ଣ ସମୟରେ ଦେଖାଥିଲା ଜ୍ୟେଷ୍ଠ ମାସେ
ନିର୍ବେଦ କର୍ମେ ଯୋଗୀପୁତ୍ର ଗୋଟିଏ ଭ୍ରମୁଥିଲେ ଗ୍ରାମଦେଶେ ।
କଷା କଉପୀନ ଚଡାଇ ସେ ପୁଣି ଦିଶୁଥାନ୍ତି ଅପ୍ରଚ୍ଛନ୍ନ
ବେନି ଭୁଜରେ ପ୍ରତ୍ୟକ୍ଷେ ଦେଖିଅଛି ଥିଲା ଶଙ୍ଖଚକ୍ର ଚିହ୍ନ ।"

ଏହି ଯୋଗୀପୁତ୍ର ଜଣକ ଗୋବିନ୍ଦ ବାବା, କେତେକଙ୍କ ମତରେ ସ୍ୱୟଂ ମହିମା ଗୋସାଇଁ ଥିଲେ ବୋଲି ବିଶ୍ୱାସ କରାଯାଏ । ଉକ୍ତ ବୋଲିର ପ୍ରାରମ୍ଭରେ ସେ କହିଛନ୍ତି :

"ଆହୁରି ରହିଲା ବର୍ଣ୍ଣି ନ ସରିଲା ସଂସାର ବିଷୟ କଥା
ଲେଖନ ପତର ଧରି ନିରନ୍ତର କେତେ ମୁଁ ଲଗିବି ପୋଥା ।"

ନିଜ ହାତରେ ପୋଥି ଲେଖିବା କଥା ସେ ଏକ ଚଉତିଶାରେ ମଧ୍ୟ ଉଲ୍ଲେଖ କରିଅଛନ୍ତି:

"ତରତର ହେଇ ମୁଁ ଯେ ଡିଆଉଛି ପଦ
ଚାହି ନାହିଁ ଆଗପଛ ଭେଦ କି ନିର୍ବେଦ,
ଚିନି ତ୍ରୈଲୋକ ଜଗତା
ଡାକପତ୍ରେ ଲେଖୁଅଛି ବୁଝିବ ବାରତା ।"

(ଚଉତିଶା, ସଂଖ୍ୟା-୧)

ଜଣେ ଅନ୍ଧଲୋକ ପକ୍ଷରେ ଲେଖନ ତାଳ ପତ୍ର ଧରି ପୋଥି ଲେଖିବା, ବଣରେ ଗୋରୁ ଚରାଇବା କିମ୍ବା ଆକାଶକୁ ଚାହିଁ ସମୟ ଜାଣିବା ଆଦୌ ସମ୍ଭବ ନୁହେଁ । 'ସ୍ତୁତି ଚିନ୍ତାମଣି'ର ଏକଷଠୀ ବୋଲିରେ ସେ ପୁଣି ଲେଖିଅଛନ୍ତି;

" ରୂପ ଗୁଣ ବର୍ଣ୍ଣ ଜାତୁ ଯେତେକ ନେତ୍ରେ ଯାହା ଅଛି ଦେଖି
ଶୋଭା ସୁନ୍ଦର ସୁରଙ୍ଗ ଦ୍ରବ୍ୟମାନ ଯାହା ଦେଖିଅଛି ଆଖି ।
ବେଶ ଭୂଷଣ ବୟସ ଦ୍ରବ୍ୟମାନ ଗଜମନ୍ଦ ଆଦିଯେତେ
କଳା ଗୋରା ରଙ୍ଗ ପିଙ୍ଗଳ ଶ୍ୟାମଳ ଦେଖିଅଛି ନେତ୍ରପଥେ ।
ଏ ପାତକମାନ ନେତ୍ରେ ଘୋଟି ଅଛି କୁହୁଡ଼ି ଜାଲ ପରାଏ
ବ୍ରହ୍ମଧୂଳିରେ ଘସାଇ କ୍ଷମାକର ଅଣାକାର ବ୍ରହ୍ମମୟେ ।"

ଭକ୍ତ କବିଙ୍କ ନିଜ ରଚନାରେ ସେ ଚକ୍ଷୁଷ୍ମାନ ଥିବାର ଏଭଳି ଅନେକ ପ୍ରମାଣ ଥିବା ସତ୍ତ୍ୱେ ସେ ଅନ୍ଧଥିଲେ ବୋଲି କହିବାର କୌଣସି ଯଥାର୍ଥତା ନାହିଁ । ତାଙ୍କ ଅନ୍ଧତ୍ୱର ସମର୍ଥନରେ ଏକ ଭଜନ (ସଂଖ୍ୟା-୨୯୧)ର ଗୋଟିଏ ପଦ ସାଧାରଣତଃ ଉଦ୍ଧାର କରାଯାଇଥାଏ । ଭଜନର ସେହି ଶେଷ ପଦଟି ଏହିପରି :

"ସୂର୍ଯ୍ୟ କିରଣ ନଥାଇ ପଡ଼ିଛି ତେଜ
ଆଦ୍ୟ ନ ଜାଣି ବୋଲନ୍ତି ସମସ୍ତେ ଭଜ
ଏକ ଗୋଟି ପାଦକୁ     ଦୁଇପାଦ ବିରାଜ
ବୋହୂର ଛନ୍ଦପୁଞ୍ଜ     ଶାଖୁ ମୂଳରୁ ବାଞ୍ଛ
ଭଣିଲେ ଭୀମ ଅନ୍ଧ     ମୁଁ ପାପୀ ଜନ୍ମ ଅନ୍ଧ
ଭାଗ୍ୟଥିଲେ ଧରିଥିବି ଶ୍ରୀ ଗୁରୁପାଦ ।

ଶୂନ୍ୟବ୍ରହ୍ମଙ୍କ ଅବତାର ରୂପେ ପୃଥିବୀରେ ଅବତୀର୍ଣ୍ଣ ହୋଇଥିବା ମହିମା ଗୋସାଇଁଙ୍କୁ ଭୀମ ଭୋଇ ରହସ୍ୟପୂର୍ଣ୍ଣ ବ୍ୟଞ୍ଜନାରେ ସଂଶିତ ଭଜନରେ ବର୍ଣ୍ଣନା କରିଅଛନ୍ତି । ଗୁରୁଙ୍କ ପ୍ରତି ବିନୟ ପ୍ରକାଶ ପୂର୍ବକ ସେ ନିଜକୁ ପାପୀ ଓ ଜନ୍ମଅନ୍ଧ ବୋଲି କହିଅଛନ୍ତି । ଏହାକୁ ଆକ୍ଷରିକ ଅର୍ଥରେ ନ ନେଇ ସେ ଜନ୍ମରୁ ଜ୍ଞାନାନ୍ଧ ଥିବା ଅର୍ଥରେ ଗ୍ରହଣ କରିବା ସମୀଚୀନ ହେବ । ଏଥିରୁ ସେ ଚର୍ମଚକ୍ଷୁରେ ଅନ୍ଧଥିବା ପ୍ରମାଣିତ ହୁଏ ନାହିଁ । ସାରଳା ଦାସଙ୍କ ଠାରୁ ଆରମ୍ଭକରି ଭୀମ ଭୋଇଙ୍କ ପର୍ଯ୍ୟନ୍ତ ବହୁ କବି ବିନୟ ପ୍ରକାଶ ପୂର୍ବକ ନିଜକୁ ମୂର୍ଖ, ଅପଣ୍ଡିତ, ଅଜ୍ଞାନ, ପାମର, ବାତୁଳ ଇତ୍ୟାଦି କହିଥିବାର ଦୃଷ୍ଟାନ୍ତ ବିରଳ ନୁହେଁ । ଭୀମ ଭୋଇଙ୍କ ନିଜ ରଚନାରେ ସେ ଚକ୍ଷୁଷ୍ମାନ ଥିବାର ବହୁ ପ୍ରମାଣ ଥିବା ସତ୍ତ୍ୱେ ଏବଂ ସେ କେଉଁଠାରେ ହେଲେ ନିଜକୁ ଅନ୍ଧ ବୋଲି କହିନଥିବା ବେଳେ ତାଙ୍କୁ ଅନ୍ଧ ବୋଲି କହିବା ସତ୍ୟର ଅପଳାପ ମାତ୍ର । କବି ତାଙ୍କର ଆତ୍ମଜୀବନୀମୂଳକ ଗ୍ରନ୍ଥ 'ସ୍ତୁତି ଚିନ୍ତାମଣି' ତଥା ଅନ୍ୟାନ୍ୟ ରଚନାରେ କୌଣସି ସଂକୋଚ ପ୍ରକାଶ ନକରି ନିଜ ସଂପର୍କରେ ଅନେକ କଥା କହିଅଛନ୍ତି । ସେ ଥିଲେ ନିର୍ଭୀକ ଓ ସତ୍ୟବାଦ୍- "ସତ୍ୟରେ ମରିବି ସତ୍ୟରେ ତରିବି ଏହି ଆଜ୍ଞା ମୋତେ ହେଉ । କହେ ଭୀମଭୋଇ ଏ ମୃତ୍ୟୁ ମଣ୍ଡଳେ ଯଶଅପଯଶ ଥାଉ ।" (ସ୍ତୁ:ଚି: ବୋଲି-୨୨) । ସେ ଯଦି ଅନ୍ଧ ଥିଲେ ବିନା ଦ୍ୱିଧାରେ ନିଜ ରଚନାରେ ସେ ତାହା ନିଶ୍ଚୟ ପ୍ରକାଶ କରିଥାନ୍ତେ । ସ୍ପଷ୍ଟବାଦିତା ଥିଲା ତାଙ୍କର ସ୍ୱଭାବଗତ । ଭୀମ ଭୋଇ (୧୮୫୦-୧୮୯୫) ଫକୀର ମୋହନ ସେନାପତି, ରାଧାନାଥ ରାୟ, ମଧୁସୂଦନ ରାଓ ଓ ଗଙ୍ଗାଧର ମେହେରଙ୍କ ପ୍ରାୟ ସମସାମୟିକ ଥିଲେ ବି ସହରୀ ସଭ୍ୟତାଠାରୁ ବହୁତ ଦୂର ପୂର୍ବତନ ଗଡଜାତ ଅଞ୍ଚଳର ଏକ ପଲ୍ଲୀରେ ଆଶ୍ରମିକ ଜୀବନ ଯାପନ କରୁଥିଲେ । ତାଙ୍କର କୌଣସି ଫଟୋଚିତ୍ର ନାହିଁ । ଫଟୋଚିତ୍ର ଥିଲେ ତାଙ୍କର ଅନ୍ଧତ୍ୱ ନେଇ ଯେଉଁ ବିତର୍କ ସୃଷ୍ଟି ହୋଇଛି ତାହା ବୋଧହୁଏ ହୋଇନଥାନ୍ତା । ଚିତ୍ରଶିଳ୍ପୀମାନେ ସ୍ୱ ସ୍ୱ କଳ୍ପନାରୁ ଭୀମ ଭୋଇଙ୍କର ଯେଉଁ ରୂପ ଅଙ୍କନ କରିଅଛନ୍ତି ସେଥିରେ ସେ ଅନ୍ଧଥିବାର ଧାରଣା ଦିଆଯାଇଛି । ଲୋକମାନଙ୍କ ମନରୁ ଭୀମଭୋଇଙ୍କ ଅନ୍ଧତ୍ୱ ସଂପର୍କରେ ଥିବା ଭ୍ରାନ୍ତ ଧାରଣା ଦୂର କରିବା ପାଇଁ ତାଙ୍କ ରୂପଚିତ୍ର ନୂତନ ଭାବେ ଅଙ୍କିତ ହେବା ଉଚିତ ।

ଭୀମଭୋଇଙ୍କ ଜନ୍ମତାରିଖ ନେଇ ମଧ୍ୟ ମତାନୈକ୍ୟ ରହିଛି । ପରଘରେ ଚାକିରୀ କରି ପେଟ ପୋଷୁଥିବା ଦରିଦ୍ର ଆଦିବାସୀ ପରିବାରର ଏକ ଅବହେଳିତ ବାଳକର

ଜନ୍ମଜାତକ ନେଇ କେହି ମୁଣ୍ଡ ଖେଳାଇ ଥିବା ଆଶାକରାଯାଏ ନାହିଁ । ଏହି ବାଳକ ପରଜୀବନରେ ଜଣେ ଭକ୍ତକବି ରୂପେ ପ୍ରସିଦ୍ଧି ଲାଭ କରିବା ପରେ ତାଙ୍କ ତିରୋଧାନର ବହୁ ବର୍ଷ ଉଭାରୁ ସହରୀ ବୁଦ୍ଧିଜୀବୀମାନେ ଯେତେବେଳେ ତାଙ୍କର ଜନ୍ମତାରିଖ ଅନୁସନ୍ଧାନ କରିବା ଆରମ୍ଭ କଲେ କେତେକ ଲୋକ ବିଶ୍ୱାସ ଓ ଅନୁମାନ ଉପରେ ନିର୍ଭର କରିବା ବ୍ୟତୀତ ଅନ୍ୟ ଉପାୟ ନଥିଲା । ସେଥିପାଇଁ ତାଙ୍କ ଜନ୍ମ ତାରିଖ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇବା ସ୍ୱାଭାବିକ । ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତି ପ୍ରାଚୀ ସମିତି ଦ୍ୱାରା ପ୍ରକାଶିତ ତାଙ୍କ 'ସ୍ତୁତିଚିନ୍ତାମଣି'ର ମୁଖବନ୍ଧରେ ଭୀମ ଭୋଇଙ୍କ ଜନ୍ମ ସାଲ ୧୮୫୫ ବୋଲି କହିଥିବା ବେଳେ ପଣ୍ଡିତ ବିନାୟକ ମିଶ୍ର ତାଙ୍କ ଓଡ଼ିଆ ସାହିତ୍ୟର ଇତିହାସ'ରେ ଜନ୍ମ ସମୟ ୧୮୬୦ ବୋଲି ନିର୍ଦ୍ଧାରଣ କରିଅଛନ୍ତି । ଅଧ୍ୟାପକ ଶ୍ରୀରାମଚନ୍ଦ୍ର ଦାସ ତାଙ୍କର 'କବି ଭୀମଭୋଇ' ପୁସ୍ତକରେ କେତେକ ଯୁକ୍ତି ଉପସ୍ଥାପନ କରି ୧୮୪୬କୁ ତାଙ୍କର ଜନ୍ମବର୍ଷ ବୋଲି ଗ୍ରହଣ କରିଅଛନ୍ତି । କିନ୍ତୁ ଅଧିକାଂଶ ଗବେଷକ ୧୮୫୦ ସାଲକୁ ଭୀମ ଭୋଇଙ୍କ ଜନ୍ମ ସମୟ ବୋଲି ଗ୍ରହଣ କରିଥିବାର ଦେଖାଯାଏ । ମୂଳତଃ କିମ୍ବଦନ୍ତୀ ଓ ଲୋକବିଶ୍ୱାସକୁ ଆଧାର କରି ଭକ୍ତ କବିଙ୍କ ଜନ୍ମକାଳ ନିର୍ଦ୍ଧାରଣର ପ୍ରୟାସ କରାଯାଇ ଥିବାରୁ ଏପ୍ରକାର ମତାନୈକ୍ୟ ପାଇଁ ଯଥେଷ୍ଟ ଅବକାଶ ରହିଛି । ବର୍ତ୍ତମାନ ପରିସ୍ଥିତିରେ ଏସବୁର ସତ୍ୟାସତ୍ୟ ନିର୍ଣ୍ଣୟ କରିବା କଷ୍ଟକର । ପରଜୀବନରେ ଭକ୍ତକବି ଭାବେ ପ୍ରସିଦ୍ଧି ଲାଭ କରିଥିବା ଭୀମ ଭୋଇଙ୍କ ତିରୋଧାନ ଦିବସ ଜାଣିବାରେ କିନ୍ତୁ କୌଣସି ଅସୁବିଧା ହୋଇନାହିଁ । ୧୮୯୫ ମସିହା ଫାଲ୍ଗୁନ ମାସ ଶିବରାତ୍ରି ଦିନ ସେ ତାଙ୍କ ଖଲିଆପାଲି ଆଶ୍ରମରେ ଦେହ ତ୍ୟାଗ କରିଥିଲେ ।

ମହିମା ଗୋସାଇଁଙ୍କ ଦ୍ୱାରା ମହିମା ଧର୍ମରେ ଦୀକ୍ଷିତ ହେବା ପରେ ଦରିଦ୍ର, ଅବହେଳିତ ଭୀମ ଭୋଇଙ୍କ ଜୀବନର ସୋତ ସଂପୂର୍ଣ୍ଣ ବଦଳି ଯାଇଥିଲା । ମହିମା ଗୋସାଇଁଙ୍କ ଆଦିଶିଷ୍ୟ ସୁସଂଗଠକ ଗୋବିନ୍ଦ ବାବା ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ପଶ୍ଚିମ ଓଡ଼ିଶା ଭ୍ରମଣ କାଳରେ ଅନ୍ଧକବି ବାଳକ ଭୀମ ଡାଲଖାଇ, ରସରକେଳି, ଡଉଳ ଇତ୍ୟାଦି ସେ ଅଞ୍ଚଳର ଲୋକପ୍ରିୟ ଗୀତମାନ ରଚନା କରି ସୁଲଳିତ କଣ୍ଠରେ ଗାନ କରୁଥିବାର ସନ୍ଧାନ ବୋଧହୁଏ ପାଇଥିଲେ । ଲୋକମାନଙ୍କ ମଧ୍ୟରେ ମହିମା ଧର୍ମର

ପ୍ରଚାର ନିମିତ୍ତ ଭଜନ, ଜଣାଣ ଇତ୍ୟାଦି ରଚନା କରିବା ପାଇଁ ଜଣେ ଗୀତିକାରର ଆବଶ୍ୟକତା ଥିଲା । ଦିନେ ନିଶାର୍ଦ୍ଧରେ ମହିମା ଗୋସାଇଁ ଗୋବିନ୍ଦବାବାଙ୍କୁ ସାଥିରେ ଧରି ଭୀମ ରହୁଥିବା ରେଢାଖୋଲସ୍ଥ କଙ୍କଣପଡା ଗ୍ରାମରେ ତାଙ୍କୁ ସାକ୍ଷାତ କରି ମହିମା ଧର୍ମରେ ଦୀକ୍ଷିତ କରିଥିଲେ । ଏହା ୧୮୬୨ ସାଲର ଘଟଣା । ସମୟ ପବିତ୍ର କାର୍ତ୍ତିକ ମାସ । କପିଳାସ ଗିରିରେ ଦୀର୍ଘ ୨୪ବର୍ଷ କାଳ ଆତ୍ମଯୋଗ ସାଧନାରେ ରହିବା ପରେ ମହିମା ଗୋସାଇଁ ଧର୍ମପ୍ରଚାର ଉଦ୍ଦେଶ୍ୟରେ ବାହାରିଥା'ନ୍ତି । ଭୀମଭୋଇ ତାଙ୍କ ଜୀବନର ଏହି ଶୁଭ ମୁହୂର୍ତ୍ତକୁ ଏକ ଭଜନରେ ନିମ୍ନମତେ ବର୍ଣ୍ଣନା କରିଅଛନ୍ତି;

"ବିଜୟେ ଶ୍ରୀଗୁରୁ ଅବନା ମନ୍ଦିରୁ ଶୂନ୍ୟେ ଯା ବାଜା ପ୍ରକାଶ
ଜ୍ଞାନନେତ୍ରେ ଦେଖି ଉଠିଲି ଚମକି ରୂପ ବିଭୂତିର ତ୍ରାସ ସେ
ପୁଣ୍ୟ କାର୍ତ୍ତିକ ମାସ, ଶୁକ୍ଳପକ୍ଷ ଦଶମୀ ଦିବସ
ତହିଁ ଭେଟ ହେଲେ ଗୁରୁ ଶିଷ୍ୟ, ଦଣ୍ଡ ପ୍ରଣମିତ ଗୁରୁପାଣ
କୃପା ଜନ୍ମ ବାନ୍ଧବ ବିଶ୍ୱାସ ଯେ ।

(ଭଜନମାଳା, ସଂଖ୍ୟା-୨୫୭)

ଦୀକ୍ଷାଦାନ ପରେ ମହିମା ଧର୍ମତତ୍ତ୍ୱ ଓ ନୀତି ନିୟମ ସମ୍ବନ୍ଧରେ ଭୀମଭୋଇଙ୍କୁ ଅବଗତ କରାଇ ମହିମା ଗୋସାଇଁ ତାଙ୍କୁ ମହିମା ଧର୍ମ ପ୍ରଚାର ପାଇଁ ଆଦେଶ ଦେଇଥିଲେ । ଭୀମ ଭୋଇଙ୍କ ଭାଷାରେ :

"ବୋଲନ୍ତି ଶୁଣରେ ନନ୍ଦନ । ବଖାଣ ନିର୍ବେଦ ସାଧନ ॥
ଶ୍ରୀଗୁରୁ ଶିଷ୍ୟଙ୍କ ଚରିତ । ଶାସ୍ତ୍ରେ କରାଅ ଉଦିତ ॥"

(ନିର୍ବେଦ ସାଧନ, ୧ମ ଅଧ୍ୟାୟ)

ଏହାପରେ ମହିମା ଗୋସାଇଁ ଧର୍ମପ୍ରଚାର ଉଦ୍ଦେଶ୍ୟରେ ବାହାରି ଯାଇଥିଲେ ଏବଂ ଭୀମ ଭୋଇଙ୍କ ରଚନା ସବୁକୁ ଲେଖିରଖିବା ପାଇଁ ଚାରିଜଣ ଲେଖନକାର- ବାସୁଦେବ ପଣ୍ଡା, ହରିପଣ୍ଡା, ଧର୍ମାନନ୍ଦ ଓ ମାର୍କଣ୍ଡଙ୍କୁ ମହିମା ଧର୍ମରେ ଦୀକ୍ଷିତ କରି ତାଙ୍କ ନିକଟକୁ ପଠାଇ ଥିଲେ । ଏମାନେ ଶେଷ ଜୀବନ ପର୍ଯ୍ୟନ୍ତ ଭୀମଭୋଇଙ୍କ ସହଯୋଗୀ ରୂପେ ରହି ପରମ

ନିଷ୍ଠାର ସହିତ ତାଙ୍କର ସେବା କରିଥିଲେ । ଷୋଳ ବର୍ଷ ବୟସରେ ଭୀମଭୋଇ କାବ୍ୟ କବିତା ଲେଖା ଆରମ୍ଭ କରିଥିବା ବିଷୟ 'ଆଦିଅନ୍ତ ଗୀତା', ଅଷ୍ଟମ ଅଧ୍ୟାୟରେ କହିଅଛନ୍ତି, "ଜନମ କାଳରୁ ମୂର୍ଖ ମୁଁ ହୋଇଥିଲି । ଷୋଳ ବରଷକେ କବି ମୁଁ କୃତ୍ୟ କଲି ।।" ମହିମା ସନ୍ନ୍ୟାସୀ ଭାବେ ଗ୍ରାମରୁ ଗ୍ରାମାନ୍ତର ଭ୍ରମଣ କରି ନିଜ ଦ୍ୱାରା ରଚିତ ଭଜନ ଜଣାଣ ମାନ ସୁମଧୁର କଣ୍ଠରେ ଗାନ କରି ଏବଂ ମହିମା ଧର୍ମର ନୀତି, ନିୟମ, ଆଦର୍ଶ ଲୋକମାନଙ୍କ ମଧ୍ୟରେ ପ୍ରଚାର କରି ଭୀମଭୋଇ ବହୁ ଲୋକଙ୍କୁ ମହିମା ଧର୍ମ ପ୍ରତି ଆକୃଷ୍ଟ କରିବାକୁ ସକ୍ଷମ ହୋଇଥିଲେ । ତାଙ୍କ ଦ୍ୱାରା ରଚିତ ଭଜନ, ସ୍ତୁତି, ଜଣାଣ, ଚଉତିଶା ଇତ୍ୟାଦି ମହିମା ଗୋସାଇଁଙ୍କ ଦ୍ୱାରା ଅନୁମୋଦିତ ହେବା ପରେ ବିଭିନ୍ନ ସ୍ଥାନରେ ଥିବା ମହିମା ଭକ୍ତମାନଙ୍କ ନିକଟକୁ ପଠାଇ ଦିଆଯାଉଥିଲା । ଗୁରୁ ଆଜ୍ଞା ଶିରୋଧାର୍ଯ୍ୟ କରି ସେ କେବଳ ମହିମା ସାହିତ୍ୟ ରଚନାରେ ମନୋନିବେଶ କରିଥିଲେ ।

"କବି ପସରା ମୋତେ ଶିରେ ବୁହାଇ ଦେଲେ
ଅତିଥିରୂପେ ସ୍ୱାମୀ ବ୍ରହ୍ମାଣ୍ଡରେ ବୁଲିଲେ
ଭଣେ ଭୀମ ଅରକ୍ଷିତ ନୁହେଁ ମୁଁ ରୁଛି ହେ ।"

(ଭଜନମାଳା, ସଂଖ୍ୟା-୮୦)

ଅବଶେଷରେ ଭୀମଭୋଇ ସୋନପୁର ନିକଟସ୍ଥ ଖଲିଆପାଲିଠାରେ ଆଶ୍ରମ ପ୍ରତିଷ୍ଠାକରି ଗୃହୀଭକ୍ତ ଭାବରେ ଅବଶିଷ୍ଟ ଜୀବନ କଟାଉଥିଲେ ଏବଂ ମହିମା ଧର୍ମ ସମ୍ବନ୍ଧୀୟ କାବ୍ୟ କବିତା ରଚନାରେ ନିଜକୁ ସଂପୂର୍ଣ୍ଣ ଉତ୍ସର୍ଗ କରିଥିଲେ । ଗୃହୀଭକ୍ତ ହୋଇ ରହିବା ପାଇଁ ଗୁରୁଦେବଙ୍କ ଠାରୁ ଅନୁମତି ପ୍ରାର୍ଥନା କରିଥିବା ବିଷୟ ସେ 'ସ୍ତୁତିଚିନ୍ତାମଣି'ର ଷୋଳଶ ବୋଲିରେ ଉଲ୍ଲେଖ କରିଅଛନ୍ତି : "ଗୃହଧର୍ମେ ଥିବି ଅନାଶ୍ରା ହୋଇବି ଆଜ୍ଞା ହେଉ ଏହି ବାବେ । ଶ୍ରୀଗୁରୁ ଛାମୁରେ ଭୀମ ଅରକ୍ଷିତ କରପଦ୍ମ ଯୋଡ଼ି ମାଗେ ।"

ମହିମା ଧର୍ମ ପ୍ରଚାର କାଳରେ ରକ୍ଷଣଶୀଳ ହିନ୍ଦୁ ସମାଜ ଦ୍ୱାରା ନାନା ଭାବେ ନିର୍ଯ୍ୟାତିତ ହେବାର ବିଶଦ ବିବରଣୀ ଭୀମଭୋଇ ତାଙ୍କ 'ସ୍ତୁତିଚିନ୍ତାମଣି' ଗ୍ରନ୍ଥରେ ଦେଇ ଅଛନ୍ତି । ମହିମା ଧର୍ମ ଜାତିଭେଦ ପ୍ରଥା, ଦେବଦେବୀ ଉପାସନା, ବ୍ରାହ୍ମଣ୍ୟ କର୍ମକାଣ୍ଡ, ଶ୍ରାଦ୍ଧ, ତୀର୍ଥ, ବ୍ରତ ଇତ୍ୟାଦି ହିନ୍ଦୁ ଧର୍ମର ଯାବତୀୟ ଆଚାର ବିଚାରକୁ ବିରୋଧ କରୁଥିବାରୁ ରକ୍ଷଣଶୀଳ ଲୋକେ ତାଙ୍କୁ ଖ୍ରୀଷ୍ଟିଆନ ଧର୍ମ ପ୍ରଚାର କରୁଥିବା ସନ୍ଦେହରେ ତୀବ୍ର ଭର୍ତ୍ସନା କରୁଥିଲେ :

"ଏହି ଧର୍ମ କଲେ ସକଳ ଗୃହରେ ଖାଆନ୍ତି ପରା ସମସ୍ତେ
ପିତୃପିତାମହ ପିଣ୍ଡ ପାଣି ଦେଲେ ନ ପାଇବେ ଆସହସ୍ତେ ।
ମହିମା ଧର୍ମରେ କ୍ରୀୟାକର୍ମ ନାହିଁ ସର୍ବେ ଯେମନ୍ତ ଭଜିବୁ
ମରିଗଲେ ଆମ୍ଭେ ଅଶୁଦ୍ଧ ହୋଇବୁ ଭୂତ ପ୍ରେତ ବୋଲାଇବୁ ।
କିରଙ୍ଗାଳ ମତ କିମ୍ପାଇ କରିବୁ ମରିବାକୁ ଦିନେ ଅଛି
ଦୁହା ପୋଡା ଆଉ କେହି ନ କରିବେ ହେଉଥିବୁ ପୋକ ମାଛି ।

... ... ... ... ... ...

ପିତୃ ଲୋକମାନେ ପିଣ୍ଡ ନ ପାଇବେ ଅକାରଣ ହେବ ସବୁ
କୁଟୁମ୍ବ ପୋଷିବାକୁ ଠକ ହୋଇଲ ମିଛ କହୁଅଛ ବାବୁ ।"

(ଭୂତିଚିନ୍ତାମଣି, ବୋଲି-୬୮)

ପ୍ରଥାବଦ୍ଧ ହିନ୍ଦୁ ଧର୍ମରେ ଜାତିଭେଦ ପ୍ରଥା, ଦେବଦେବୀ ଉପାସନା ଓ କର୍ମକାଣ୍ଡର ଦେର ଅତି ଗଭୀର । ତେଣୁ ସମାଜରେ ବୈପ୍ଳବିକ ସଂସ୍କାର ଆଣିବା ପାଇଁ ଉଦିଷ୍ଟ ବିଶୁଦ୍ଧ ଅଦ୍ୱୈତବାଦୀ ଅଲେଖ ଧର୍ମର ନିର୍ଗୁଣ ବ୍ରହ୍ମବାଦକୁ ରକ୍ଷଣଶୀଳ ହିନ୍ଦୁ ସମାଜ ସହଜରେ ଗ୍ରହଣ କରିପାରିନଥିଲା :

"ମହିମା ବୋଲିବା ବେଦଶାସ୍ତ୍ରେ ନାହିଁ କର୍ଣ୍ଣରେ ନଥିଲା ଶୁଣା
ଏବେ ଏହି ଦୀକ୍ଷା କାହିଁରୁ ଅଇଲା ହେଉଅଛୁ ଆମ୍ଭେ ବଣା ।
ମରିଯିବୁ ପଛେ ମହିମା ଜନଙ୍କୁ କେ ପାରେ ପ୍ରାଣରୁ ରାଧି
ଦିବସେ ଖାଇ ଉଦେଅସ୍ତ ଦର୍ଶନ କେ ହୋଇବ ଏତେ ସାଧି ।
ସପତପୁରୁଷ ଯହିଁ ଯାଇଛନ୍ତି ସେହିବାଟେ ଆମ୍ଭେ ଯିବୁ
ଜାତିଗୋତ୍ର ବୁଡୁଅଛି ଏ ଧର୍ମରେ କିମ୍ପା ମହିମା ଭଜିବୁ ।"

(ସ୍ତୁତି ଚିନ୍ତାମଣି, ବୋଲି-୫୧)

ଭୀମ ଭୋଇ ଖଲିଆପାଲି ଆଶ୍ରମରେ ଗୃହସ୍ଥାଶ୍ରମରେ ଥାଇ ଏକାଧିକ ପତ୍ନୀ ଗ୍ରହଣ କରିଥିଲେ । ଏହି ପତ୍ନୀମାନଙ୍କ ନାମ ଅନ୍ନପୂର୍ଣ୍ଣା, ରୋହିଣୀ, ସୁମେଧା, ସୁବର୍ଣ୍ଣ ଓ ସରସ୍ୱତୀ । ଭୀମ ଭୋଇଙ୍କ ଔରସରୁ ସୁମେଧାଙ୍କ ଗର୍ଭରୁ କପିଳେଶ୍ୱର ନାମକ ପୁତ୍ର ଓ ରୋହିଣୀଙ୍କ ଗର୍ଭରୁ ଲାବଣ୍ୟବତୀ ନାମ୍ନୀ କନ୍ୟା ଜାତ ହୋଇଥିଲେ ।

୧୮୭୬ ରେ ଯୋରନ୍ଦାଠାରେ ମହିମା ଗୋସାଇଁଙ୍କ ମହାପ୍ରୟାଣ ସମ୍ବାଦ ଭୀମଭୋଇଙ୍କୁ ମର୍ମାହତ କରିଥିଲା । ଭଗ୍ନ ହୃଦୟରେ ସେ ଖଲିଆପାଲିରୁ ଗୁରୁଙ୍କ ସମାଧି ପୀଠ ଯୋରନ୍ଦା ଯାତ୍ରା କରିଥିଲେ । କିନ୍ତୁ ଯୋରନ୍ଦାରେ ପହଞ୍ଚି ସେ ଯାହା ଦେଖିଲେ ତାହା ତାଙ୍କୁ ଅଧିକ ବ୍ୟଥିତ କରିଥିଲା । ଗୁରୁଙ୍କ ତିରୋଧାନରେ ମହିମା ସନ୍ନ୍ୟାସୀ ମାନଙ୍କ ଠାରେ ଦୁଃଖର କୌଣସି ଚିହ୍ନ ସେ ଦେଖିଲେ ନାହିଁ । ବରଂ କ୍ଷୁଦ୍ର ସାଂସାରିକ କାରଣରୁ ବଲ୍କଳଧାରୀ ବାବା ଓ କୌପୀନଧାରୀ ସନ୍ନ୍ୟାସୀଙ୍କ ମଧ୍ୟରେ କଳହ ତୀବ୍ର ଆକାର ଧାରଣ କରିଥିଲା ।ମହିମାସ୍ୱାମୀଙ୍କ ଜୀବିତାବସ୍ଥାରେ ଏହି ଦୁଇ ସନ୍ନ୍ୟାସୀ ଶ୍ରେଣୀ ମଧ୍ୟରେ କିଏ ବଡ କିଏସାନ ଏନେଇ ବିବାଦ ଉପୁଜି ଥିଲେବି ମହିମାସ୍ୱାମୀଙ୍କ ଦୃଢ ବ୍ୟକ୍ତିତ୍ୱ ଯୋଗୁଁ ସେ ବିବାଦ ବେଶୀ ଦୂର ଆଗେଇ ପାରିନଥିଲା । ବାନା ପୃଥକ ହେଲେବି ଧର୍ମ ଏକ-ତେଣୁ ଏ ବିବାଦ ନିରର୍ଥକ ବୋଲି ସେ ସେମାନଙ୍କୁ ବୁଝାଇ ଦେଇଥିଲେ । ତାଙ୍କ ଅବର୍ତ୍ତମାନରେ ଏ ଦୁଇ ସଂପ୍ରଦାୟ ମଧ୍ୟରେ ଥିବା ବିବାଦ ପୁଣି ପ୍ରକାଶ ପାଇ ଅତି ନିମ୍ନ ସ୍ତରକୁ ଚାଲିଯାଇଥିଲା । ଦୁଇ ସଂପ୍ରଦାୟ ମଧ୍ୟରେ ଏପ୍ରକାର କଳହ ଯୋଗୁଁ ମହିମା ଧର୍ମରଯେଉଁକ୍ଷତି ହେଉଛି ସେଥିପ୍ରତି କାହାର ନଜର ନଥିଲା । ଭକ୍ତ ଭୀମଭୋଇ ଯେତେ ବୁଝାଇଲେବି ତାଙ୍କ ପ୍ରତି କେହି କର୍ଣ୍ଣପାତ କରିନଥିଲେ । ଅତି କ୍ଷୋଭର ସହିତ ସେ ଲେଖିଛନ୍ତି:

"ଚାରିଦିକ ହୋଇନାହିଁ ଡେଣିଛ ପରା ଦେହ ।

... ... ... ... ...

ଏହିଠାରୁ ସତ୍ୟ ଧର୍ମ, ସଦଗୁରୁ ଆଜ୍ଞାମାନ, ଲୋହିଲାନ୍ୟାୟ,
ଧର୍ମ ବୁଡିଗଲା ବୋଲି ହୃଦୁ ଉଠୁଛି କୋହ ।
ବୁଝାଇ କହିଲି ଯେତେ କେହି ନଶଲେ ପରତେ, ମୁକ୍ତି ବିଷୟ,
ଗୁରୁପାଦେ ଖଣ୍ଡେବାର ଆହୁରି କଲେକ ଦ୍ରୋହ ।
ଅନାଦି ଠାକୁର ସେହି, ହଜିଯିବ ପରା ଏହି, ଜ୍ଞାନକୁ କଲେ ଲୟ,
ଭଣେ ଭୀମ ଅରକ୍ଷିତ ନେତ୍ରୁ ବହୁଛି ଲୁହ ।"

(ଭଜନମାଳା, ସଂଖ୍ୟା-୧୯୪)

ଖଲିଆପାଲି ଫେରିଆସି ଭୀମଭୋଇ ସତ୍ୟମହିମା ଧର୍ମର ସୁରକ୍ଷା ଭାର ନିଜେ ଗ୍ରହଣ କରିଥିଲେ । ଗୃହୀଭକ୍ତମାନେ ଦୀକ୍ଷାଦେବା ମହିମା ଧର୍ମରେ ନିଷିଦ୍ଧ ଥିଲେବି ସେ ଲୋକମାନଙ୍କୁ ମହିମା ଧର୍ମରେ ଦୀକ୍ଷିତ କରିଥିଲେ ଏବଂ ତାଙ୍କ ବ୍ୟକ୍ତିତ୍ୱ ପ୍ରଭାବରେ ମହିମା ଧର୍ମ ପଶ୍ଚିମ ଓଡିଶାରେ ଦ୍ରୁତ ପ୍ରସାର ଲାଭ କରିବା ସହିତ ପଡୋଶୀ

ମଧ୍ୟପ୍ରଦେଶର ବସ୍ତର ପ୍ରଭୃତି ଅଞ୍ଚଳର ବହୁ ଲୋକ ଏହି ଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ । ନାରୀ ଭକ୍ତମାନେ ମହିମା ସନ୍ନ୍ୟାସୀମାନଙ୍କ ସହିତ ଏକତ୍ର ବାସକରିବା ମହିମାଧର୍ମରେ ବାରଣ ଥିବା ସତ୍ତ୍ୱେ ଭୀମ ଭୋଇ ତାଙ୍କ ଖଲିଆପାଲି ଆଶ୍ରମରେ ନାରୀମାନଙ୍କୁ ଅନ୍ତେବାସୀ ରୂପେ ଗ୍ରହଣ କରିଥିଲେ । ମାଘ ପୂର୍ଣ୍ଣିମା ଉତ୍ସବରେ ଏକ ସୁସଜ୍ଜିତ ଉଚ୍ଚବେଦୀ ଉପରେ ଭୀମଭୋଇ ଓ ତାଙ୍କର ପ୍ରଥମା ପତ୍ନୀ ଅନ୍ନପୂର୍ଣ୍ଣାଙ୍କୁ ସମାସୀନ କରାଇ ଭକ୍ତମାନେ ଧୂପ, ଦୀପ, ଆରତୀ ଦ୍ୱାରା ତାଙ୍କର ପୂଜାର୍ଚ୍ଚନା କରୁଥିଲେ । ବିଭିନ୍ନ ବାଦ୍ୟଧ୍ୱନି ସହିତ ସେମାନଙ୍କୁ ଆଲଟ  ଚାମର ସେବା ବି କରାଯାଉ ଥିଲା । ସପ୍ତାମୃତରେ ଭୀମଭୋଇଙ୍କ ପାଦ ପ୍ରକ୍ଷାଳନ କରାଯାଇ ସେହି ପାଦୋଦକ ଜାତିବର୍ଣ୍ଣ ନିର୍ବିଶେଷରେ ଭକ୍ତମାନେ ପାନ କରି ନିଜକୁ କୃତାର୍ଥ ମଣୁଥିଲେ । ଏହି ଉତ୍ସବରେ ଭକ୍ତମାନେ ଟଙ୍କା, ସୁନା, ଧାନ, ଗାଈ ଇତ୍ୟାଦି ମଠକୁ ଦାନ କରୁଥିଲେ । କୌଣସି ବ୍ୟକ୍ତିବିଶେଷର ପୂଜା ଆରାଧନା ମହିମା ଧର୍ମରେ ମନା । ଭୀମଭୋଇଙ୍କ ଦ୍ୱାରା ଏପ୍ରକାର ମହିମାଧର୍ମବିରୋଧୀ ପୂଜାର୍ଚ୍ଚନା ଗ୍ରହଣ ଏବଂ ଅନ୍ୟାନ୍ୟ ନୀତିନିୟମର ଉଲ୍ଲଙ୍ଘନ ତାଙ୍କୁ କେବଳ ଯୋରନ୍ଦା ଗାଦୀର ମହିମା ଭକ୍ତଙ୍କ ଠାରୁ ଦୂରେଇନେଲାନାହିଁ, ରାଜା, ବ୍ରାହ୍ମଣ ଓ ସାଧାରଣ ଲୋକଙ୍କ ନିନ୍ଦା ଅପବାଦର ଶରବ୍ୟ ମଧ୍ୟ କରିଥିଲା । ଭୀମଭୋଇ ନିଜେ 'ସ୍ତୁତିଚିନ୍ତାମଣି'ରେ ଏସବୁ ପ୍ରକାଶ କରିଅଛନ୍ତି :

"ବୋଲୁଛନ୍ତି ସର୍ବେ ପର ପୁତ୍ରହୋଇ ଆପଣାର ପୁତ୍ରକଲା
ଭୁଲାଇଣ ମନ୍ତ୍ର ସବୁକୁ ଶିଖାଇ ଜାତି ମହତ୍ତ୍ୱକୁ ନେଲା ।
ପରଝିଅ ବୋହୂ କେଳିକି ଲଗାଇ କେଉ କରିଛି ଭାରିଯା
ଗୁରୁ ବୋଲାଉଛି ଗୃହ କରିଅଛି ବୋଲୁଛନ୍ତି ରାଜା ପ୍ରଜା ।
ବ୍ରାହ୍ମଣ ପଣ୍ଡିତ ଯେତେକ ସଂସାରେ ଏମାନେ ବୋଇଲେ ତାହା
ଗୁରୁପଣେ ବସି କିଛି ନଜାଣିଲା ଅନ୍ୟାୟ କରୁଛି ଏହା ।
କନ୍ଧଜାତି ହୋଇ ବ୍ରାହ୍ମଣର ପୂଜା ଘେନୁଅଛି ପାଦତଳେ
ବିଷ୍ଣୁର ତେଜ ନଥିଲେ ତାର ଅଙ୍ଗେ ପାଉ ହେଲେ ଯିବ କେତେ ।"

(ବୋଲି-୬୩)

ନିଜପକ୍ଷ ସମର୍ଥନ କରି ଭୀମ ଭୋଇ ଉପରୋକ୍ତ ବୋଲିରେ ପୁଣି କହିଛନ୍ତି:

"ଶୁଣ ସୁଜ୍ଞଜନ ଅପୂର୍ବ କାହାଣୀ କହୁଅଛି ମୁହିଁ ଯେତେ
ଭୂତ ଭବିଷ୍ୟ ବର୍ତ୍ତମାନ ନଜାଣି ଦୋଷ ଲଗାଉଛ ମୋତେ ।
ଧନ ଦାରା ସୁତ ପାଉ ଆନନ୍ଦ ଏ ମୋର କପାଳରେ ଥିଲା

ପୂର୍ବ କର୍ମାଶିର ଫଳ ଭୁଞ୍ଜୁଅଛି କାହାର ବା କିସ ଗଲା ।"

ଯୋଗ ଓ ଭୋଗକୁ ସମାନ ସ୍ଥାନ ଦେବାକୁ ଯାଇ 'ସ୍ତୁତିଚିନ୍ତାମଣି'ର ଅଶୀ ବୋଲିରେ ଭୀମଭୋଇ ପୁଣି କହିଅଛନ୍ତି :

"ଯୋଗ ଭୋଗ ଦୁହେଁ ସମାନ ଅଟନ୍ତି କାହାର ପକ୍ଷରେ ଯିବ
ବିଷ ଅମୃତ ବେନି ଭାଗ କରିଛି କେବଣ ଭାଗକୁ ନେବ ।"

କିନ୍ତୁ ଏହା ତାଙ୍କ ମନ ଭିତରର ଦ୍ୱନ୍ଦ୍ୱକୁ ପ୍ରଶମିତ କରିପାରି ନାହିଁ । ଷଠି ବୋଲି ଶେଷରେ ସେ ପୁଣି କହିଛନ୍ତି ,

"ବେନି ଭାଗ ଗୁଣ ତୋଳି ନପାରିଣ ପଡିଅଛି ସନ୍ଧି ମଧ୍ୟେ
ଧରି ଗୁରୁପାଦ ଭଣେ ଭୀମ କନ୍ଧ ଶୋଡଶ ଶତ ପଦେ ।"

ଗୃହସ୍ଥାଶ୍ରମକୁ ସମର୍ଥନ କରି ଭୀମଭୋଇ ଅନ୍ୟତ୍ର ମଧ୍ୟ କହିଛନ୍ତି "ନାମଟି ଅକ୍ଷୟ ଅଜନ୍ମ ଅଜୟ ଚାରିଯୁଗେ ସେବେ ସତ୍ୟ । ଗୃହେ ଥାଇ ବିହିତ କର୍ମେ ଚାଲିଲେ ସବୁ ହେବ ପରାପତ ॥"(ସ୍ତୁତିଚିନ୍ତାମଣି, ବୋଲି-୨୯) । ଗୃହସ୍ଥାଶ୍ରମକୁ ସମର୍ଥନ କରି କବି ଭୀମଭୋଇ ନିଜ ମନକୁ ଯେତେ ବୁଝାଇଲେବି ତାଙ୍କର ସନ୍ନ୍ୟାସ ସତ୍ତା ଏଥିରେ ଶାନ୍ତିଲାଭ କରିପାରି ନାହିଁ । ଜନ୍ମରୁ ଅବାଞ୍ଛିତ, ଭିନ୍ନ ଓ ନିର୍ଯ୍ୟାତିତ ଏକ ବ୍ୟକ୍ତି ନାରୀର ଅଯାଚିତ ସ୍ନେହ ସହାନୁଭୂତି ଲାଭ କରି ଗୃହସ୍ଥାଶ୍ରମକୁ ବରଣ କରି ନେଇଥିଲେବି ସନ୍ଥକବିର ଆତ୍ମା ଏହାକୁ ସଂପୂର୍ଣ୍ଣ ଗ୍ରହଣ କରିନେଇପାରିନାହିଁ । ଏହି ଅନ୍ତର୍ଦ୍ୱନ୍ଦ୍ୱ ଓ ଅନ୍ତର୍ଜ୍ୱାଳା ଶେଷ ପର୍ଯ୍ୟନ୍ତ ସନ୍ଥକବିଙ୍କ ମନ ଓ ହୃଦୟକୁ ବ୍ୟଥିତ କରିଛି । ଏହି ମର୍ମଭେଦୀ ମାନସିକ ଦ୍ୱନ୍ଦ୍ୱ କବିଙ୍କର ଆତ୍ମଜୀବନୀ ବ୍ୟଞ୍ଜକ ଗ୍ରନ୍ଥ 'ସ୍ତୁତିଚିନ୍ତାମଣି'ରେ ବହୁବାର ପ୍ରକାଶ ପାଇ ଗ୍ରନ୍ଥଟିକୁ ଏକ ସକରୁଣ ମାର୍ମିକ ଆବେଦନରେ ସିକ୍ତ କରିଛି । ଗୁରୁଙ୍କ ପ୍ରତି ଅଭିମାନ କରି ସ୍ତୁତିଚିନ୍ତାମଣିର ଊନଷଠୀ ବୋଲିରେ ସେ କହିଅଛନ୍ତି :

"ଅରୂପ ବ୍ରହ୍ମକୁ ଗୁରୁ କରି ମୁହିଁ ଅକାରଣେ ମରିଗଲି
ମୋ ଜନ୍ମିବା ଦୁଃଖ ମୋତେ ଜାଣ ହୋଇ ଜୀବ ଥାଉ ଥାଉ ମଲି ।
ପୂର୍ବ ସୁକୃତରୁ କିମ୍ବା ମୁଁ ମାଗିଛି ମାୟାଘର ପରକୃତି
ଜନ୍ମାନ୍ତ ତାଇକୁ ଜଣା ନାହିଁ ମୋତେ ଭୁଞ୍ଜିଛି ଏମନ୍ତ ରୀତି ।
ମୁହିଁ ସିନା ନଜାଣିଛି ମହାପ୍ରଭୁ ତୁମ୍ଭେତ ସକଳ ଜାଣ
ଗୃହ ଫଳଭୋଗ ଜନ୍ମାନ୍ତ ତୁ ବୋଲି ମୋଡ଼ିଥାନ୍ତ ମୋର କାନ ।
ନେତ୍ରେ ଦେଖ୍ ଯେବେ ଭୋଗରେ ପଡ଼ିଛି ଅଜ୍ଞାନ ପଣରେ ମାତି

ରୂପଗୁଣ କାହିଁ କିଛି ନଦେଖନ୍ତି ନେତ୍ରୁ ଯାଉଥାନ୍ତା ପ୍ରୀତି ।
ଏବେ ମୁଁ ପଡ଼ିଲି ବିପତ୍ତି ଫାନ୍ଦରେ ଭୟ ମାଡୁଅଛି ମୋତେ
ଅନ୍ଧପ୍ରାୟ ମୁହିଁ ଭ୍ରମି ମରୁଅଛି ଆତଙ୍କେ ଡାକୁଛି ତୋତେ ।"

କିନ୍ତୁ ଥରେ ସ୍ତ୍ରୀ, ପୁତ୍ର, କନ୍ୟା କରି ଗୃହସ୍ଥାଶ୍ରମରେ ଛନ୍ଦିହୋଇଯିବା ପରେ ସେଥିରୁ ନିସ୍ତାର ପାଇବା ସହଜ ନୁହେଁ । ମହିମା ଗୋସାଇଁଙ୍କ ମହାପ୍ରୟାଣ ପରେ ଭୀମ ଭୋଇ ଗୃହସ୍ଥାଶ୍ରମରେ ଥାଇ ମଧ୍ୟ ପଶ୍ଚିମ ଓଡ଼ିଶାରେ ନିଷ୍ଠାର ସହିତ ମହିମା ଧର୍ମର ପ୍ରସାର ପାଇଁ କାର୍ଯ୍ୟ କରିଥିଲେ ଏବଂ ତାଙ୍କ ଦ୍ୱାରା ରଚିତ ଭଜନ, ଜଣାଣମାନ ସର୍ବତ୍ର ମହିମାଭକ୍ତମାନେ ପରମ ଭକ୍ତି ସହକାରେ ଗାନ କରି ଅଲେଖ ପରଂବ୍ରହ୍ମଙ୍କୁ ଭକ୍ତିନିବେଦନ କରୁଥିଲେ । ତାଙ୍କ ଦ୍ୱାରା ରଚିତ ଧର୍ମଗ୍ରନ୍ଥମାନ ମହିମା ଧର୍ମର ଧର୍ମଶାସ୍ତ୍ର ରୂପେ ସମ୍ମାନିତ । ତଥାପି ଗୃହୀସନ୍ନ୍ୟାସୀ ହୋଇ ସେ ଲୋକମାନଙ୍କୁ ମହିମା ଧର୍ମରେ ଦୀକ୍ଷିତ କରିଥିବା ହେତୁ ଏବଂ ନାରୀମାନଙ୍କୁ ତାଙ୍କ ଆଶ୍ରମରେ ମହିମା ସନ୍ନ୍ୟାସୀଙ୍କ ସହିତ ଏକତ୍ର ରହିବାର ଅନୁମତି ଦେଇ ମୂଳ ମହିମା ଧର୍ମ ନୀତିର ବିରୁଦ୍ଧାଚରଣ କରିଥିବା ଯୋଗୁଁ ଯୋରନ୍ଦାର ମହିମା ସନ୍ନ୍ୟାସୀ ମାନେ ତାଙ୍କୁ ଧର୍ମଗୁରୁ ରୂପେ ସ୍ୱୀକାର କରନ୍ତି ନାହିଁ । ମହିମା ଧର୍ମର ଚଉଷଠି ସିଦ୍ଧଗୁରୁଙ୍କ ମଧ୍ୟରେ ଭୀମଭୋଇଙ୍କ ନାମନାହିଁ । ଯୋରନ୍ଦା ଗାଦିର ମହିମା ସନ୍ନ୍ୟାସୀ, ବିଶେଷତଃ ବଳ୍କଳଧାରୀ ପର ସନ୍ନ୍ୟାସୀ ମାନେ ଭୀମଭୋଇଙ୍କ ଖଲିଆପାଲି ଆଶ୍ରମ ସହିତ କୌଣସି ସଂପର୍କ ରଖିନାହାନ୍ତି ଏବଂ ସେଠାରୁ ଭିକ୍ଷା ଗ୍ରହଣ କରନ୍ତି ନାହିଁ ।

ମହିମା ଧର୍ମ ପ୍ରତିମା ପୂଜାରେ ବିଶ୍ୱାସ କରେ ନାହିଁ । ଭୀମଭୋଇ ତାଙ୍କ କାବ୍ୟକବିତାରେ ଓଡ଼ିଶାର ଇଷ୍ଟଦେବତା ଜଗନ୍ନାଥଙ୍କ ସମେତ ସମସ୍ତ ଦେବଦେବୀ ଉପାସନାକୁ ବର୍ଜନ କରିବା କଥା କହିଅଛନ୍ତି । କିନ୍ତୁ ୧୮୮୧ ସାଲ ମାର୍ଚ୍ଚ ପହିଲା ତାରିଖରେ ପଶ୍ଚିମ ଓଡ଼ିଶାର କେତେକ ଅଲେଖପନ୍ଥୀଙ୍କ ଦ୍ୱାରା ପୁରୀ ଜଗନ୍ନାଥ ମନ୍ଦିର ଉପରେ ଯେଉଁ ଆକ୍ରମଣ ହୋଇଥିଲା ସେଥି ସହିତ ଭୀମ ଭୋଇ ସଂପୃକ୍ତ ଥିବାର ଯେଉଁ ଏକ ଧାରଣା ସୃଷ୍ଟି ହୋଇଥିଲା ତାହା ସତ୍ୟନୁହେଁ । ସେ ସମୟର ପ୍ରସିଦ୍ଧ ଓଡ଼ିଆ ପତ୍ରିକା 'ଉତ୍କଳ ଦୀପିକା'ର ୧୮୮୧, ମାର୍ଚ୍ଚ ମାସ ୨୬ ତାରିଖ ସଂଖ୍ୟାରେ ଏହି ଆକ୍ରମଣ ଘଟଣାର ଯେଉଁ ବିବରଣୀ ପ୍ରକାଶ ପାଇଥିଲା ସେଥିରେ ଏହି ଆକ୍ରମଣ ସହିତ ଭୀମ ଭୋଇ ସଂପୃକ୍ତ ଥିବାର କୌଣସି ଉଲ୍ଲେଖ ନାହିଁ । ସମ୍ବଲପୁର ଓ ରାୟପୁର

ଅଞ୍ଚଳରୁ ଆସିଥିବା ଏହି ଆକ୍ରମଣକାରୀ ମାନଙ୍କର ସର୍ଦ୍ଦାର ଥିଲେ ବଣାରାମ ନାମକ ଜଣେ ବ୍ୟକ୍ତି । ଏହି ଆକ୍ରମଣକାରୀମାନଙ୍କୁ ମନ୍ଦିରର ସେବକମାନେ ପ୍ରତିରୋଧ କରିଥିଲେ ଏବଂ ମନ୍ଦିର ପରିସର ମଧ୍ୟରେ ଏକ ଦୁର୍ଘଟଣା ବଶତଃ ବଣାରାମ ଆଘାତ ପ୍ରାପ୍ତ ହୋଇ ମୃତ୍ୟୁ ବରଣ କରିଥିଲା । ଏ ସଂକ୍ରାନ୍ତରେ ଆକ୍ରମଣକାରୀ ମାନଙ୍କ ବିରୁଦ୍ଧରେ ହୋଇଥିବା ପୁଲିସକେସରେ ଆକ୍ରମଣକରୀ ମାନଙ୍କର ନାମ ଓ ମୋକଦ୍ଦମାର ରାୟ ଓଡିଶା ରାଜସ୍ୱ ପର୍ଷଦ (Board of Revenue)ରେକର୍ଡରୁମରେ ସଂରକ୍ଷିତ ହୋଇରହିଛି । ୧୯୦୧ରେ ପ୍ରକାଶିତ ବକ୍ଲାଣ୍ଡଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକ (Bengal under the Lt governors, 1901 - C. E. Buckland) ରେ ମଧ୍ୟ ଏ ଘଟଣା ବର୍ଣ୍ଣିତ ହୋଇଛି । ଏ ସମସ୍ତ ବିବରଣୀରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଭୀମ ଭୋଇ ଏ ଧର୍ମାନ୍ଧ ଆକ୍ରମଣକାରୀଙ୍କ ଦଳରେ ନଥିଲେ ।

୧୮୯୫ ମସିହା ଫାଲ୍ଗୁନ ମାସ ଶିବରାତ୍ରି ଅମାବାସ୍ୟା ତିଥିରେ ଓଡିଶାର ଏହି ପ୍ରସିଦ୍ଧ ସନ୍ଥକବିଙ୍କର ତିରୋଧାନ ଖଲିଆପାଲି ଆଶ୍ରମରେ ହୋଇଥିଲା । ଏଠାରେ ତାଙ୍କର ଏକ ସୁଦୃଶ୍ୟ ସମାଧି ମନ୍ଦିର ନିର୍ମିତ ହୋଇ ତାଙ୍କ ପାଦୁକା ପୂଜା କରାଯାଉଛି । ଭୀମ ଭୋଇଙ୍କ ଦେହ ତ୍ୟାଗ ପରେ ତାଙ୍କର ପ୍ରଥମା ପତ୍ନୀ ଅନ୍ନପୂର୍ଣ୍ଣା ଆଶ୍ରମର ତତ୍ତ୍ୱାବ-ଧାରିକା ହୋଇଥିଲେ । ତାଙ୍କର ଦେହାବସାନ ପରେ ଭୀମ ଭୋଇଙ୍କ ସମାଧି ନିକଟରେ ତାଙ୍କୁ ସମାଧିସ୍ଥ କରାଯାଇଛି । ଅନ୍ନପୂର୍ଣ୍ଣାଙ୍କ ପରେ ଭୀମ ଭୋଇଙ୍କ କନ୍ୟା ଲାବଣ୍ୟବତୀ ଖଲିଆପାଲିଆଶ୍ରମ ପରିଚାଳନା କରୁଥିଲେ । ସେ ଅବିବାହିତା ରହି ସନ୍ନ୍ୟାସୀନୀ ଜୀବନ ଯାପନ କରିଥିଲେ ଏବଂ ତାଙ୍କ ସମୟରେ ଆଶ୍ରମର ବହୁଉନ୍ନତି ବିଧାନ ହୋଇଥିଲା । ତାଙ୍କ ଦେହାନ୍ତ ପରେ ହରିପଣ୍ଡା ଓ ବାସୁଦେବ ପଣ୍ଡାଙ୍କର ଜଣେ ଆତ୍ମୀୟା ଶ୍ରୀୟାଦେବୀ ଆଶ୍ରମ ପରିଚାଳନା କରୁଥିଲେ । ଏବେ ଖଲିଆପାଲି ଆଶ୍ରମ ସରକାରଙ୍କ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ହେଉଛି । ଭୀମ ଭୋଇଙ୍କର ଅନ୍ୟ ଚାରିପତ୍ନୀ, ପୁତ୍ର କନ୍ୟା ଓ ପଣ୍ଡା ଭ୍ରାତୃଦ୍ୱୟଙ୍କ ସମାଧି ଆଶ୍ରମ ପରିସର ବା ସନ୍ନିକଟରେ ରହିଛି । ପ୍ରତିବର୍ଷ ମାଘ ପୂର୍ଣ୍ଣିମାରେ ଯୋରନ୍ଦା ଭଳି ଏଠାରେ ମହିମା ମେଳା ଅନୁଷ୍ଠିତ ହୋଇ ବହୁ ମହିମା ଭକ୍ତଙ୍କର ସମାଗମ ହୁଏ । ଖଲିଆପାଲି ଆଶ୍ରମର ପୂର୍ବ ଗୌରବ ହ୍ରାସ ପାଇଥିଲେବି ମହିମା ଧର୍ମର ଅନ୍ୟତମ କେନ୍ଦ୍ରରୂପେ ଏହାର ପ୍ରାଧାନ୍ୟ ଏବେ ଦୃଢ଼ ରହିଛି ।

(୧୭)

## ମହିମା ଧର୍ମର ପ୍ରମୁଖ ପ୍ରବକ୍ତା କବି ଭୀମ ଭୋଇ

ମହିମା ଧର୍ମର ପ୍ରବର୍ତ୍ତକ ମହିମା ଗୋସାଇଁ ତାଙ୍କ ଜୀବନ କାଳ ମଧ୍ୟରେ ମହିମା ସଂପ୍ରଦାୟକୁ ଏକ ସୁସଂଗଠିତ ଅନୁଷ୍ଠାନ ଭାବେ ପ୍ରତିଷ୍ଠା କରି ଧର୍ମର ନୀତିନିୟମମାନ ନିର୍ଦ୍ଧାରଣ କରଯାଇଥିଲେ । ସେ ଲିଖିତ ଆକାରରେ କିଛି ଛାଡ଼ି ଯାଇ ନଥିଲେ ବି ତାଙ୍କର ଉପଦେଶମାନ ମହିମା ଧର୍ମର ନୀତି ଓ ଆଦର୍ଶ ରୂପେ ଗୃହୀତ ହେଉଥିଲା । ୧୮୭୬ ସାଲରେ ଢେଙ୍କାନାଳର ଯୋରନ୍ଦା ଠାରେ ମହିମା ଗୋସାଇଁଙ୍କ ମହାପ୍ରୟାଣ ପରେ  ମହିମା ସଂପ୍ରଦାୟର ପରିଚାଳନା ଦାୟିତ୍ୱ ସିଦ୍ଧବାବା ପରମସନ୍ନ୍ୟାସୀମାନଙ୍କ ଉପରେ ନ୍ୟସ୍ତ ହୋଇଥିଲା । ଭୀମଭୋଇ ଥିଲେ ଜଣେ ଗୃହୀ ସନ୍ନ୍ୟାସୀ ।  ମହିମା ଧର୍ମର ୬୪ ସିଦ୍ଧବାବାଙ୍କ  ମଧ୍ୟରେ ତାଙ୍କର ନାମ ନାହିଁ । କିନ୍ତୁ ଆଦିସିଦ୍ଧ ଗୋବିନ୍ଦବାବାଙ୍କ ପରେ ସେ  ହେଉଛନ୍ତି ମହିମା ଗୋସାଇଁଙ୍କ ଦ୍ୱାରା ଦୀକ୍ଷିତ ଦ୍ୱିତୀୟ ଶିଷ୍ୟ । ତାଙ୍କର ଅନୁପମ ସ୍ତୁତି, ଭଜନ, ଜଣାଣ, ଚଉତିଶା, କାବ୍ୟ, କବିତା ଇତ୍ୟାଦି ମାଧ୍ୟମରେ ମହିମା ଧର୍ମ ଏକ ଲୋକପ୍ରିୟ  ଗଣଧର୍ମ ରୂପେ ପ୍ରତିଷ୍ଠିତ  ହୋଇପାରିଛି । ମହିମା ଭଜନ ବା ଅଲେଖ ଭଜନ କହିଲେ ସାଧାରଣତଃ ଭୀମଭୋଇଙ୍କ ଭଜନ, ଜଣାଣକୁ ହିଁ ବୁଝାଇଥାଏ । ସବୁ ଅଞ୍ଚଳର ମହିମା  ଭକ୍ତମାନେ ଭୀମଭୋଇଙ୍କ ଭଜନ ଗାନ କରି ଆଧ୍ୟାତ୍ମିକ ଆନନ୍ଦ ପାଉଥାନ୍ତି । ମହିମା ଧର୍ମତତ୍ତ୍ୱ, ଦର୍ଶନ, ନୀତିନିୟମ ଇତ୍ୟାଦି ତାଙ୍କ ରଚନାରେ ସାଧାରଣ ଲୋକ  ବୁଝିବା ଭଳି ସରଳ ସାବଲୀଳ ଭାଷାରେ ପ୍ରକାଶ ପାଇଛି । ତାଙ୍କ ଦ୍ୱାରା ରଚିତ ସ୍ତୁତି ଚିନ୍ତାମଣି, ବ୍ରହ୍ମନିରୂପଣ  ଗୀତା, ନିର୍ବେଦ ସାଧନ, ଶ୍ରୁତିନିଷେଧ ଗୀତା ପ୍ରଭୃତି ଗ୍ରନ୍ଥ ମହିମା  ସମାଜରେ ଧର୍ମଶାସ୍ତ୍ର ରୂପେ ସମ୍ମାନିତ ।

ଏକ ଦରିଦ୍ର ଶ୍ରମଜୀବୀ କନ୍ଧ ପରିବାରର ବାଳକ ଭୀମ ଭୋଇ ପରଘରେ ଚାକିରୀ କରି, ବଣରେ  ବାଛୁରୀ ଚରାଇ କୌଣସି ପ୍ରକାରେ ପେଟ ପୋଷୁଥିଲେ । ବାଲ୍ୟକାଳରୁ  ତାଙ୍କୁ ବହୁ ଦୁଃଖ ନିର୍ଯ୍ୟାତନା ଭୋଗକରିବାକୁ ପଡ଼ିଥିଲା ଯାହାର ବିଶଦ ବିବରଣୀ ନିଃସଂକୋଚରେ  ସେ ତାଙ୍କର 'ସ୍ତୁତିଚିନ୍ତାମଣି'ରେ ଦେଇ ଅଛନ୍ତି । କିନ୍ତୁ

କବିପ୍ରତିଭା ନେଇ ଜନ୍ମହୋଇଥିବା ଏହି ଦରିଦ୍ରବାଳକ ପଶ୍ଚିମ ଓଡିଶାର ଲୋକପ୍ରିୟ ସଙ୍ଗୀତ ଢ଼ାଲଖାଇ, ରସରକେଲି, ଡାଳଫୁଲ, ନଚିଆଗୀତ ଇତ୍ୟାଦି ରଚନା କରି ସାଙ୍ଗସାଥୀ ମେଳରେ ସୁମଧୁର କଣ୍ଠରେ ଗାନ କରୁଥିଲେ। ଚଉତିଶା ଶୈଳୀରେ କେତେକ ଗୀତ ମଧ୍ୟ ସେ ରଚନା କରିଥିଲେ। ଏ ସମସ୍ତ ଗୀତ ପ୍ରାୟତଃ ଥିଲା ଆଦିରସାତ୍ମକ। ଆଦ୍ୟ ଯୌବନର ସ୍ୱପ୍ନପ୍ରବଣତା ଓ ଉଦାମତା ସୁନ୍ଦର ସାବଲୀଳ ଭାଷାରେ ଏ ଗୀତ ଗୁଡ଼ିକରେ ପ୍ରକାଶ ପାଇଛି। ପାହାଡ ପର୍ବତ ଘେରା ପୂର୍ବତନ ଗଡ଼ଜାତ ଅଞ୍ଚଳର ଏହି ଆଶୁକବିଙ୍କର କାବ୍ୟପ୍ରତିଭା ହୁଏତ ବଣମଲ୍ଲି ଭଳି ବଣରେହିଁ ମଉଳି ଯାଇଥାନ୍ତା, କିନ୍ତୁ ମହିମା ଗୋସାଇଁଙ୍କ ସହିତ ତାଙ୍କର ସାକ୍ଷାତକାର ତାଙ୍କ ଜୀବନର ମାର୍ଗ ସଂପୂର୍ଣ୍ଣ ବଦଳାଇ ଦେଇଥିଲା। ଭୀମଭୋଇଙ୍କ କବିପ୍ରତିଭା ବିଷୟରେ ଅବଗତ ହୋଇ ମହିମା ଗୋସାଇଁ ଗୋବିନ୍ଦବାବୁଙ୍କୁ ସାଥିରେ ଧରି ନିଶାର୍ଦ୍ଧ କାଳରେ ତାଙ୍କର ରେଢ଼ାଖୋଲସ୍ଥ କଙ୍କଣପଡା ଗ୍ରାମରେ ଥିବା କୁଟୀରରେ ଉପସ୍ଥିତ ହୋଇ ତାଙ୍କୁ ମହିମା ଧର୍ମରେ ଦୀକ୍ଷିତ କରିଥିଲେ ଓ ମହିମା ଧର୍ମର ପ୍ରଚାର ପାଇଁ ସ୍ତୁତି, ଭଜନ, ଜଣାଣ ଇତ୍ୟାଦି ରଚନା କରିବାକୁ ଆଦେଶ ଦେଇଥିଲେ। ମହିମା ଗୋସାଇଁଙ୍କ ଆଶୀର୍ବାଦ ଲାଭପରେ ଭୀମ ଭୋଇଙ୍କ ଜୀବନର ଗତିପଥ ସଂପୂର୍ଣ୍ଣ ବଦଳି ଯାଇଥିଲା। ଗୁରୁଙ୍କ ଆଦେଶ ଶିରୋଧାର୍ଯ୍ୟ କରି ପରବର୍ତ୍ତୀ ଜୀବନରେ ସେ କେବଳ ମହିମାଧର୍ମ ସାହିତ୍ୟ ରଚନା କରିବାରେ ନିଜକୁ ନିୟୋଜିତ କରିଥିଲେ। ଏକାର୍ଯ୍ୟରେ ତାଙ୍କୁ ସାହାଯ୍ୟ କରିବା ପାଇଁ ମହିମା ଗୋସାଇଁ ଚାରିଜଣ ଲେଖନକାରଙ୍କୁ ମହିମା ଧର୍ମରେ ଦୀକ୍ଷୀତ କରି ତାଙ୍କ ନିକଟକୁ ପଠାଇଥିଲେ। ମହିମା ଧର୍ମରେ ଗୁରୁବାଦ ଏକ ସ୍ୱୀକୃତ ପରମ୍ପରା। ଏ ଧର୍ମରେ ଏକମାତ୍ର ଗୁରୁହେଉଛନ୍ତି ମହିମା ଗୋସାଇଁ।ମହିମା ଗୋସାଇଁଙ୍କୁ ସ୍ୱୟଂ ଅଲେଖ ପରଂବ୍ରହ୍ମଙ୍କ ଅବତାର ରୂପେ ଭୀମ ଭୋଇ ତାଙ୍କ ସ୍ତୁତି, ଭଜନ, ଜଣାଣ, ଚଉତିଶା ଇତ୍ୟାଦି ରଚନାରେ ଭକ୍ତିନିବେଦନ କରିଅଛନ୍ତି। ଗୁରୁଙ୍କ ନିର୍ଦ୍ଦେଶ ମତେ ମହିମା ଭକ୍ତି ସାହିତ୍ୟ ରଚନା ଆରମ୍ଭ କଲା ବେଳକୁ ତାଙ୍କୁ ଷୋଳ ବର୍ଷ ବୟସ ହୋଇଥିବା କଥା ସେ ତାଙ୍କ 'ଆଦିଅନ୍ତ ଗୀତା' ଅଷ୍ଟମ ଅଧ୍ୟାୟରେ ବ୍ୟକ୍ତ କରିଅଛନ୍ତି। ମହିମା ଧର୍ମରେ ଦୀକ୍ଷିତ ହେବା ପରେ ମହିମା ସନ୍ନ୍ୟାସୀ ରୂପେ ବିଭିନ୍ନ ସ୍ଥାନ ଭ୍ରମଣ

କରି ସେ ଧର୍ମ ପ୍ରଚାରରେ ବ୍ରତୀ ହୋଇଥିଲେ । ଖଞ୍ଜଣି ବାଦନ ସହ ସୁମଧୁର କଣ୍ଠରେ ସ୍ୱରଚିତ ଭଜନ ଜଣାଣମାନ ଗାନ କରି ସେ ବହୁ ଲୋକଙ୍କୁ ମହିମା ଧର୍ମପ୍ରତି ଆକୃଷ୍ଟ କରି ପାରିଥିଲେ । ଏହା ପରେ ଗୃହସ୍ଥାଶ୍ରମ ଆଚରଣ କରି ସୋନପୁର ନିକଟସ୍ଥ ଖଲିଆପାଲି ଠାରେ ଆଶ୍ରମିକ ଜୀବନ ଯାପନ କରି ଶେଷ ଜୀବନ ପର୍ଯ୍ୟନ୍ତ ମହିମା ସାହିତ୍ୟ ରଚନା ଓ ଧର୍ମ ଚର୍ଚ୍ଚାରେ ସେ ନିଜକୁ ସଂପୂର୍ଣ୍ଣ ନିୟୋଜିତ କରିଥିଲେ । ତାଙ୍କ କାବ୍ୟ କବିତାରେ ମହିମା ଧର୍ମତତ୍ତ୍ୱ, ଦର୍ଶନ ଓ ନୀତିନିୟମମାନ ବହୁଳ ଭାବେ ପ୍ରଚାରିତ । ମହିମା ଗୋସାଇଁ ମହିମା ଧର୍ମ ପ୍ରତିଷ୍ଠା କରିଥିଲେ ବି ଏ ଧର୍ମକୁ ଏକ ଲୋକପ୍ରିୟ ଗଣଧର୍ମରେ ପରିଣତ କରିବା ଦିଗରେ ତାଙ୍କ ଶିଷ୍ୟ ଭୀମଭୋଇଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ମହିମା ଧର୍ମର ଆଦର୍ଶ ଓ ନୀତିନିୟମମାନ ସାଧାରଣ ଲୋକଙ୍କୁ ବୁଝାଇବା ଭଳି ଭାଷାରେ ସେ ନିମ୍ନମତେ ପ୍ରକାଶ କରିଅଛନ୍ତି:

"ଆପଣା କାମ କ୍ରୋଧ ଲୋଭ ମୋହକୁ ଜ୍ଞାନରେ କର ଆୟତ,
ହିଂସା କପଟ ଛନ୍ଦ ବାଦ କୁଟିଳ ନିବାରି କର ତୁରନ୍ତ ।
ରାଗ ଈର୍ଷା ତମ ଅହଙ୍କାର ଯେତେ ଏହାକୁ ଆୟତକର,
ଏହି ଘରେ ସମସ୍ତେ ରହି ଅଛନ୍ତି ସଦଜ୍ଞାନରେ ବିଚାର ।
ପର ଖତ ମିଛ ନ ଧରିବ ମନେ ଜାଣବାଟରେ ନଥିବ,
ଅନ୍ତ ମୁଖରେ ଜିରତେ ସତ୍ୟ ରହି ତେବେ ସନ୍ନ୍ୟାସୀ ହୋଇବ ।
ଆପଣା ଦାରା ଧନ ସୁତ ବିତ୍ତକୁ ମନେ ନ ଧରିବ ଆଶା,
ପର କହିଲା ବଚନେ ପରେ ଯାଇ ନକର ତିଳେ ଭରସା ।
ଆପଣା ବନ୍ଧୁ ବାନ୍ଧବ ବାପ ଭାଇ ନ ବୋଲିବ ମୋର ମୋର,
ଦେଖ ଅନିତ୍ୟ ସଂସାରେ ମାୟା ମୋହ କେହି ନୁହନ୍ତି କାହାର ।
ପର ସ୍ତିରୀ ପର ଦ୍ରବ୍ୟକୁ ଦେଖିଲେ ନ ବଳାଇବ ପ୍ରକୃତି,
ଏକ ପାଦ ବ୍ରହ୍ମ ଗୁରୁ ସେବା କଲେ ତେବେ ବୋଲାଇବ ଯତି ।
ଗୁରୁ ପୟରେ ବିଶ୍ୱାସ ରଖିଥିବ ତୋଳିବ ଆନରେ ସଙ୍ଗ,

ପିଣ୍ଡ ପ୍ରାଣକୁ ହେତୁ ଘରେ ରଖିଲେ ତେବେ ନ ଟଳିବ ଅଙ୍ଗ ।....
ଦେବୀ ଖପରୁ ଜନ୍ମାର ହେବ ଯେବେ ମାଟି ଖପରାରେ ଭୁଞ୍ଜ,
ଭିକାରିଙ୍କ ଜେଣ୍ଟେ ଦେଖିବ ସେମନ୍ତେ ମାଡ ବୋଲି ମାନ ଖଞ୍ଜ ।"

(ସ୍ତୁତି ଚିନ୍ତାମଣି, ବୋଲି-୮୩)

ଏକ ଭଜନରେ ସେ ପୁଣି କହି ଅଛନ୍ତି :

"ପୃଥ୍ୱୀ ପରାୟେ ସହିଲେ ଧୀର ବଚନ କହିଲେ
ଶାନ୍ତ ଶୀତ ଦୟା ବହିଲେ ଯାଇଁ,
ସମୁଦ୍ର ପ୍ରାୟେକ ବୁଝି ସ୍ୱଦସ୍ଥାନ ହେଲେ ସିଦ୍ଧି
ସାଧୁସଙ୍ଗ ବୋଲି କହି ।
ଆକାଶ ପ୍ରାୟେ ବିବେକ ପରକାଶ ବ୍ରହ୍ମବାକ୍ୟ
ମୁଖେ ବଚନ ଭାଷିଲେ ବେଦ ଜନୁର ।
ପିଣ୍ଡ ବ୍ରହ୍ମାଣ୍ଡ ଏକତ୍ୱ ମଣିଥାଇ ଏକ ମତ
ତେଣୁ ଯୋଗୀନ୍ଦ୍ର ଅଚଳ ।"

(ଭଜନମାଳା, ୨ୟଭାଗ, ସଂଖ୍ୟା-୨୦୧)

ମହିମା ଧର୍ମରେ ଗୃହୀ ଭକ୍ତମାନଙ୍କ ପାଇଁ ସ୍ୱତନ୍ତ୍ର ଆଚରଣ ବିଧି ରହିଛି । କାମ, କ୍ରୋଧ, ଲୋଭ, ମୋହ ଇତ୍ୟାଦି ରିପୁ ମାନଙ୍କୁ ଦମନ କରିବା; ଅହିଂସା ଆଚରଣ ଓ ସତ୍‌ସଙ୍ଗ, ନମ୍ର ଓ ସତ୍ୟନିଷ୍ଠ ହେବା; ପରଦାରା, ଚୋରୀ, ମିଥ୍ୟା ଠାରୁ ଦୂରରେ ରହିବା ଇତ୍ୟାଦି ଉପଦେଶ ଏହାର ଅନ୍ତର୍ଭୁକ୍ତ । କେତେକ ଭଜନ ଓ 'ସ୍ତୁତି ଚିନ୍ତାମଣି' ଗ୍ରନ୍ଥରେ ଭୀମ ଭୋଇ ଏସବୁ ଲିପିବଦ୍ଧ କରି ଅଛନ୍ତି ।

ମହିମା ଧର୍ମ ଯେ ଏକ ସ୍ୱତନ୍ତ୍ର ଧର୍ମ ଏବଂ ଏହା ଅନ୍ୟାନ୍ୟ ଧର୍ମ ସଂପ୍ରଦାୟ ଠାରୁ ଭିନ୍ନ ଏହାର ସୂଚନା କବି ଅନେକ ସ୍ଥାନରେ ଦେଇ ଅଛନ୍ତି । 'ସ୍ତୁତି ଚିନ୍ତାମଣି'ରେ ସେ କହିଅଛନ୍ତି :

"ନାଗାନ୍ତୀ ଯୋଗାନ୍ତୀ ଦୀକ୍ଷାନୁହେଁ ଏହୁ ତହିଁରୁ ଆହୁରି ଆନ,
ନିଶାନ ଧର୍ମ ଯେଉଁଠାରୁ ଝରୁଛି ଅଟେଟି ପରା ବୈକୁଣ୍ଠ ।
ବେଦାନ୍ତୀ ସିଦ୍ଧାନ୍ତୀ ଦୀକ୍ଷା ଧର୍ମ ନୁହେଁ ରହିଲାଣି କେତେ ଦୂରେ

ନିର୍ବେଦ ଧାରଣା ଯାହାକୁ ବୋଲନ୍ତି ଥାଳେଖଅବନା ପୁରେ ।
ସନ୍ଥ ମହନ୍ତଙ୍କ ଦୀକ୍ଷା ଧର୍ମ ନୁହେଁ ଅଛି ବହୁତ ଅନ୍ତର,
ବେଷ୍ଟା ଶିକ୍ଷା ଭକ୍ତି ସେ ବ୍ରହ୍ମ ଠାବକୁ ନୁହଇ ସେ ବଳିଆର ।
ନିଶବ୍ଦ ଭୁବନ ଦୀକ୍ଷା ଧର୍ମ ଏହି ନିର୍ବେଦରେ ଚରାଚର
ଅଲେଖ ମହିମା ବୋଲନ୍ତି ଯାହାକୁ ଅରୂପ ତାଙ୍କ ଶରୀର ।"

(ବୋଲି - ୮୬)

ଉକ୍ତ ବୋଲିରେ ସେ ପୁଣି କହିଛନ୍ତି ମହିମାଧର୍ମ ମହାଦେବ ଶିବ, ଅବତାର ବିଷ୍ଣୁ କିମ୍ବା ଦେବପତି ବ୍ରହ୍ମାଙ୍କ ଦୀକ୍ଷା ମଧ୍ୟ ନୁହେଁ । ଏହି ଧର୍ମରେ କେବଳ ସର୍ବାତିକ୍ରାନ୍ତ ଏକ ଐଶ୍ୱରୀୟ ସତ୍ତା ଅଲେଖ ପରଂବ୍ରହ୍ମଙ୍କୁ ଶରଣ ଓ ଭଜନ କରାଯାଏ । ଏହି ନିରାକାର ବ୍ରହ୍ମଙ୍କ ବିଷୟ ବର୍ଣ୍ଣନା କରିବାକୁ ଯାଇ 'ବ୍ରହ୍ମନିରୂପଣ ଗୀତା'ର ୧୪ଶ ଅଧ୍ୟାୟରେ ଭୀମ ଭୋଇ କହିଅଛନ୍ତି 'କୋଟିଏ ବେଦରୁ ଜିଣି ଅଟନ୍ତି ସେ ବେଦ', 'କୋଟି କୋଟି ଜାନର ଉପରେ ଜାନ', ଏବଂ 'କୋଟି ଧର୍ମରେ ସେ ଅଟନ୍ତି ଯେ ଧରାଧର' । ବ୍ରହ୍ମଙ୍କୁ ଜାଣିବା ପାଇଁ ଶାସ୍ତ୍ର ପାଠ ଅନାବଶ୍ୟକ ବୋଲି ଉକ୍ତ ଅଧ୍ୟାୟରେ ମଧ୍ୟ ସେ କହି ଅଛନ୍ତି । ସରଳ ନିଷ୍କାମ ହୃଦୟରେ ଅଲେଖ ବ୍ରହ୍ମଙ୍କ ଶରଣ, ଭଜନ ଦ୍ୱାରାହିଁ ଜୀବ ମୁକ୍ତିଲାଭ କରିପାରିବ ।

ଜାତି ବର୍ଣ୍ଣ ନିର୍ବିଶେଷରେ ମହିମା ଧର୍ମର ଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ। ଏହି ଧର୍ମରେ ଜାତିଭେଦ ପ୍ରଥା ଓ ଦେବ ଦେବୀ ଉପାସନାର ସ୍ଥାନ ନାହିଁ । ଭୀମ ଭୋଇ ତାଙ୍କ କାବ୍ୟ କବିତାରେ ଜାତି ପ୍ରଥାର ତୀବ୍ର ବିରୋଧ କରିଅଛନ୍ତି ।

"ଛତିଶ କୁଳ ଯେ ବାଉନ ପାଟକ ଜାତି ବୋଲା ନାହିଁ ଯାଏ,
ପାଣି ଅନ୍ତର ପାଟକ ବିନା, ଏହୁ ସ୍ୱପଣିତେ କର ନ୍ୟାୟେ ।
ତିନି ବ୍ରହ୍ମାଣ୍ଡରେ ଲୋଡ଼ି ଆସ ତୁମ୍ଭେ ଏକ ଜଣ ଏକ ଜାତି,
ସେହି ସବୁଙ୍କୁ ଶତ ଜାତି କରିଛି ତାହାର ରଚିଲା ପୃଥ୍ୱୀ ।
ସ୍ତିରୀ ପୁରୁଷ ଦୁହିଁଙ୍କୁ ଗଢ଼ିଅଛି ଯୋଡ଼ିଏ ସ୍ୱରୂପ ଦେଖ,
ଦ୍ୱିତୀୟ ଜାତିରୁ ତିନି ଜାତି ନାହିଁ ସୁଜନେ କର ବିବେକ ।"

(ସ୍ତୁତି ଚିନ୍ତାମଣି, ବୋଲି - ୭୦)

ଉକ୍ତ ଗ୍ରନ୍ଥର ଅଣଷଠୀ  ବୋଲିରେ ସେ ପୁଣି କହିଅଛନ୍ତି :

"ଯେହୁ ଇଚ୍ଛା ସେହୁ ନାମକୁ ଭଜିଲେ ଏଥି କିଛି ଦୋଷ ନାହିଁ,
କି ଅବା ସ୍ତିରୀ ସେ କି ଅବା ପୁରୁଷ  ଯେ ଜନ ପାରିବ ଧାଇଁ ।
ଆତ୍ମା ଭକତିରେ ଦୋଷାଦୋଷ ନାହିଁ ନୀଚଉଚ୍ଚ ସବୁ ସମ,
ଭଣେ ଭୀମଭୋଇ ଗୁରୁପଦ ଧାଇଁ ନିର୍ଗୁଣ ଏ ନାମ ବ୍ରହ୍ମ" ।

ଭୀମଭୋଇଙ୍କ ରଚନାରେ ହିନ୍ଦୁ ଧର୍ମର ଦେବ ଉପାସନା, ବୈଦିକ କ୍ରୀୟାକାଣ୍ଡ, ଅନ୍ୟାନ୍ୟ ବିଧିବିଧାନ ଓ ବାହ୍ୟ ଉପଚାରକୁ ତୀବ୍ର ସମାଲୋଚନା କରାଯାଇଛି । 'ସ୍ତୁତି ଚିନ୍ତାମଣି'ର ପଞ୍ଚାନବେ ବୋଲିରେ କବି କହିଅଛନ୍ତି :

"ଅଚେତାରେ ସିନା ଜନ ପ୍ରାଣୀ ମାନେ କରୁଛନ୍ତି ଦେବ ପୂଜା,
ପାଦେପଡ଼ି ଭକ୍ଷାକର ବୋଲୁଛନ୍ତି ଦେବୁ କ୍ଷୀରିପୁରି ଖଜା ।
ମୂର୍ତ୍ତିସିନା ସେହି ଜୀବଆତ୍ମା ନାହିଁ କାହୁଁଆସିବେକ ବର,
ବିଷ୍ଣୁ ନଟକୂଟ ମାୟାକୁ ନଜାଣି ଅଜ୍ଞାନରେ ମୃତନର ।
ଯେହୁ ଗଢ଼ିଛି ଆପଣା ପିଣ୍ଡପ୍ରାଣ ତାକୁ ସମର୍ପଣ ନାହିଁ,
ଦାରୁ ପ୍ରତିମା ମୂର୍ତ୍ତିକି ବୋଲୁଛନ୍ତି ପ୍ରାଣକୁ ବଞ୍ଚାଅ ତୁହି ।
ମନୁଷ୍ୟ ହୋଇ ନିର୍ଜୀବ ସଙ୍ଗେ ଭାବ ଦେଖଟି କେଡ଼େ ଅଜ୍ଞାନ,
ଶୂନ୍ୟରୁ ଯେହୁ ପିଣ୍ଡପ୍ରାଣ ଗଢ଼ିଲା ନାହିଁ ତାକୁ ଅନୁମାନ ।"

'ଶ୍ରୁତିନିଷେଧ ଗୀତା'ର ୨ୟ ଅଧ୍ୟାୟରେ ଅନାଦି ଯେବେ ପୃଥିବୀରେ ସତ୍ୟଧର୍ମ. ବିଚାର କରିବା ପାଇଁ ମହିମା ଧର୍ମର ପରମ ଗୁରୁ ରୂପେ  ଧରାଧାମରେ ଅବତୀର୍ଣ୍ଣ ହୋଇ ଅଛନ୍ତି ନିଜକୁ ଜଗନ୍ନାଥ ବୋଲି ଘୋଷଣା କରି  ବ୍ରହ୍ମାଣ୍ଡର ସମସ୍ତ ଦାୟିତ୍ୱ ବହନ କରିବା କଥା କହିଅଛନ୍ତି :

"ମୁଁ ଏବେ ଜଗତରେ ନାଥ,   କରିବି ସର୍ବ ସମାପତ.....
ଏ କଳିଯୁଗେ ଭବେ ହେଲୁଁ,   ଜଗନ୍ନାଥର ପଦ ନେଲୁଁ

ତାହାର କଳା କାଟିଁ ହରି, ସକଳ ନେଇ ଦୂର କରି
ଛଡ଼ାଇ ବିଷ୍ଣୁ କଳାଖଣ୍ଡ, ଏକାନ୍ତେ ବୁଝିବୁ ବ୍ରହ୍ମାଣ୍ଡ'' ।

ପ୍ରତିମା ପୂଜା ବିରୋଧୀ ମହିମା ଧର୍ମର କବି ଭୀମ ଭୋଇଙ୍କ ରଚନାରେ ଓଡ଼ିଶାର ଇଷ୍ଟ ଦେବତା ଜଗନ୍ନାଥଙ୍କୁ ଆହୁରି ହିନସ୍ତା ହେବାକୁ ପଡ଼ିଛି । 'ନିର୍ବେଦ ସାଧନ' ଗ୍ରନ୍ଥର ପ୍ରଥମ ଅଧ୍ୟାୟରେ ମହିମା ଗୋସାଇଁ ତାଙ୍କର ପ୍ରଥମ ଦୀକ୍ଷିତ ଶିଷ୍ୟ ଗୋବିନ୍ଦବାବା ଓରଫ୍ ଜଗନ୍ନାଥ ଦାସଙ୍କୁ ଓଡ଼ିଶାର ପରମାରାଧ୍ୟ ଦେବତା ଜଗନ୍ନାଥଙ୍କ ଆସନରେ ବସାଇବାକୁ କୃଷ୍ଣାବୋଧ କରିନାହାଁନ୍ତି ।

'' ବୋଇଲି ଅନାଦି ପୁରୁଷ, ଏ ପରା ଜଗନ୍ନାଥ ଦାସ
ବଡ଼ ଦେଉଳେ ଅବସ୍ଥିତି, ଏ ଯେ ମାନବ ବିଷ୍ଣୁ ମୂର୍ତ୍ତି ।
ମୁଁ ଯେହ୍ନେ ହେଲି ଅବତାର, ତେଜିଲା ଶ୍ରୀ ନୀଳକନ୍ଦର
ଷାଠି ପ ଉଟି ଭୋଗ ଛାଡ଼ି, ଏକାନ୍ତ ପାଦେ ଚିତ୍ତ ଜଡ଼ି ।
ମୋହର ନାମ ଅନୁସରି, ରାତ୍ରି ଦିବସ ଏକ କରି
ଏକାନ୍ତେ କରେ ସେ ଭଜନ, ମୋ ପାଦେ କରି ନିବେଦନ'' ।

ରୂପ ବା ଦେହ ଧାରଣ କରିଥିବା କୌଣସି ଦେବ ଦେବୀ ନିଜ ପିଣ୍ଡ ପ୍ରାଣ ବଞ୍ଚାଇ ପାରିନଥିବା କଥା କବି 'ଶ୍ରୁତି ନିଷେଧ ଗୀତା'ର ଦ୍ୱିତୀୟ ଅଧ୍ୟାୟରେ କହିଅଛନ୍ତି । ଏକମାତ୍ର ଅରୂପ ବ୍ରହ୍ମହିଁ ସତ୍ୟ ଓ ନିତ୍ୟ । 'ବଟ ବୃକ୍ଷର ପତ୍ରଯେତେ, ବିଷ୍ଣୁ ଯେ ମରିଗଲେ ତେତେ'। ଏ ରୂପେ କେତେ ବ୍ରହ୍ମା, ନାରାୟଣ, ରାମଚନ୍ଦ୍ର, କୃଷ୍ଣଚନ୍ଦ୍ର ନିଜ ବଡ଼ିମା ପଣ ଦେଖାଇ ଚିରକାଳ ରହିପାରି ନାହାନ୍ତି । ହିନ୍ଦୁ ଦେବ ଦେବୀ ମାନଙ୍କର ଦୁର୍ଦ୍ଦଶା ଏତିକିରେ ଶେଷ ହୋଇ ନାହିଁ । ଭୀମଭୋଇଙ୍କ ବର୍ଣ୍ଣନା ଅନୁସାରେ ମହାନିତ୍ୟ ମଣ୍ଡଳରେ ଶୂନ୍ୟବ୍ରହ୍ମଙ୍କ ଦର୍ଶନ ପାଇଁ ଖଞ୍ଜଣି ମନ୍ଦିରା ବଜାଇ ଅନନ୍ତ ପଶ୍ଚିମ ଦ୍ୱାରରେ, ଶିର ଉପରେ କର ପଦ୍ମ ଯୋଡ଼ି ପରମ ଭକତ ଦ୍ୱାରରେ, ପୂର୍ବ ଦ୍ୱାରରେ ବୀଣା ବାଂଶରୀ ବଜାଇ ନୃତ୍ୟରତ ରାମ ହରି ଏବଂ ଦକ୍ଷିଣ ଦ୍ୱାରରେ ଜଗନ୍ନାଥ ଅପେକ୍ଷା କରିଅଛନ୍ତି (ଭଜନମାଳା, ସଂଖ୍ୟା-୮୨) । ମହିମା ଛାମୁରେ ଦର୍ଶନ କରାଇବା ପାଇଁ ସେ ମନ୍ଦିରରେ ବ୍ରହ୍ମା, ବିଷ୍ଣୁ, ଶିବ ପରିହାରୀ ରୂପେ ନିଯୁକ୍ତ ହୋଇ ଅଛନ୍ତି (ବ୍ରହ୍ମନିରୂପଣ ଗୀତା, ଷଷ୍ଠ ଅଧ୍ୟାୟ) । ଅନନ୍ତ ଅହି ମହିମାଙ୍କ ଅଣ୍ଟା ଡୋର, ମହାଦେବ ହର ତାଙ୍କ

କୌମୁଦୀ ଓ ବିଷ୍ଣୁ ତାଙ୍କ ଶ୍ରୀଅଙ୍ଗର ବିଭୂତି ହୋଇଅଛନ୍ତି (ବ୍ରହ୍ମ ନିରୂପଣ ଗୀତା, ଅଷ୍ଟମ ଅଧ୍ୟାୟ) ।

ଧର୍ମ ବିଶ୍ୱାସର ବିଷୟ । ପୃଥିବୀର ସମସ୍ତ ଧର୍ମ କୌଣସି ନା କୌଣସି ବିଶ୍ୱାସକୁ ଆଧାର କରି ପ୍ରତିଷ୍ଠିତ ହୋଇଛି । ଭାରତର ସନାତନ ଧର୍ମ ପରମ୍ପରାରେ ସଗୁଣ ଓ ନିର୍ଗୁଣ ଉପାସନା ଉଭୟ ସ୍ୱୀକୃତ । ଓଡ଼ିଶାର ପଞ୍ଚସଖା ସନ୍ଥକବିଙ୍କ ସମେତ ଭାରତର ବହୁ ସନ୍ଥ କବି ନିର୍ଗୁଣ ଉପାସନାକୁ ପ୍ରାଧାନ୍ୟ ଦେଇଥିଲେ ବି ସଗୁଣ ବା ସାକାର ଉପାସନାକୁ ଅସ୍ୱୀକାର କରିନାହାନ୍ତି । ପଞ୍ଚସଖା ସାହିତ୍ୟରେ ରାମ ଓ କୃଷ୍ଣଙ୍କ ଲୀଳାର ବହୁ ବର୍ଣ୍ଣନା ରହିଛି, ଯଦିଓ ସେମାନେ ଶୂନ୍ୟ ପୁରୁଷ ରୂପେ କଳ୍ପିତ । ଜଗନ୍ନାଥଙ୍କୁ ପଞ୍ଚସଖା ସନ୍ଥମାନେ ଶୂନ୍ୟ, ନିରାକାର ରୂପେ କଳ୍ପନା କରି ତାଙ୍କର ସ୍ତୁତି ଗାଇଅଛନ୍ତି । ନିରାକାର ବ୍ରହ୍ମଙ୍କ ଉପାସନା ସହଜସାଧ୍ୟ ନୁହେଁ । ତେଣୁ ଭାରତୀୟ ଧର୍ମ ଧାରାରେ ଭକ୍ତି ଧର୍ମର ଏକ ବଳିଷ୍ଠ ପରମ୍ପରା ରହିଛି । ଅନେକ ସାଧୁ ସନ୍ଥ ଦର୍ଶନ ସ୍ତରରେ ନିର୍ଗୁଣ-ବାଦୀ ହେଲେ ବି ଉପାସନା ସ୍ତରରେ ସଗୁଣ ଭକ୍ତିକୁ ଗ୍ରହଣ କରିଅଛନ୍ତି । ରାମାନୁଜ, ମଧ୍ୱ, ନିମ୍ବାର୍କ, ବଲ୍ଲଭାଚାର୍ଯ୍ୟ, ରାମାନନ୍ଦ ପ୍ରଭୃତି ଭକ୍ତି ମାର୍ଗର ଆଚାର୍ଯ୍ୟମାନେ ବିଷ୍ଣୁ, କୃଷ୍ଣ, ରାମ ଇତ୍ୟାଦିଙ୍କ ଉପାସନାକୁ କେନ୍ଦ୍ର କରି ସ୍ୱ ସ୍ୱ ଧର୍ମ ସଂପ୍ରଦାୟ ମାନ ପ୍ରତିଷ୍ଠା କରିଯାଇ ଅଛନ୍ତି । ଏ ଯୁଗରେ ରାମକୃଷ୍ଣ ପରମ ହଂସ ଭକ୍ତି ଧର୍ମର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ । ସାଧାରଣ ଲୋକଙ୍କ ପାଇଁ ମଧ୍ୟ ନିର୍ଗୁଣ ଉପସାନା ସହଜ ସାଧ୍ୟ ନୁହେଁ । ସଗୁଣ ବା ସାକାର ଉପାସନା ସେମାନଙ୍କ ପାଇଁ ଅଧିକ ଉପଯୋଗୀ ।

ଭୀମଭୋଇ ନିର୍ଗୁଣ ବ୍ରହ୍ମବାଦୀ ମହିମା ଧର୍ମ ପ୍ରଚାର କରିବାକୁ ଯାଇ ହିନ୍ଦୁ ଧର୍ମର ପାରମ୍ପରିକ ବିଶ୍ୱାସ ପ୍ରତି ଯେତେତା ସହନଶୀଳତା ପ୍ରଦର୍ଶନ କରିବା କଥା ତାହା କରିନାହାନ୍ତି । ଏକ ନୂତନ ଧର୍ମ ପ୍ରଚାରର ଉତ୍ସାହାତିଶଯ୍ୟ ଯୋଗୁଁ ହିନ୍ଦୁ ଦେବ ଦେବୀ ମାନଙ୍କୁ ସେ ଯେଉଁଭଳି ଭାବେ ବ୍ୟଙ୍ଗ ବିଦ୍ରୂପ କରିଅଛନ୍ତି ତାହା ଶାଳୀନତାର ସୀମା ଟପି ଯାଇଛି । ଏଥି ପାଇଁ ନିଜ ଜୀବନ କାଳ ଭିତରେ ଭୀମ ଭୋଇଙ୍କୁ ରକ୍ଷଣଶୀଳ ହିନ୍ଦୁ ସମାଜ ଦ୍ୱାରା କମ ସମାଲୋଚିତ ଓ ନିର୍ଯ୍ୟାତିତ ହେବାକୁ ପଡ଼ିନାହିଁ ।

ଭୀମଭୋଇଙ୍କ ରଚନାରେ ମହିମା ଧର୍ମର ସୃଷ୍ଟିତତ୍ତ୍ୱ, ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ, ଗୁରୁବାଦ ଇତ୍ୟାଦିର ବିଶଦ ଆଲୋଚନା ମଧ୍ୟ ସ୍ଥାନ ପାଇଛି । ଏହି ଧର୍ମରେ ଅନାଦି ବ୍ରହ୍ମଙ୍କୁ ସକଳ ସୃଷ୍ଟିର କାରଣ ବୋଲି ଗ୍ରହଣ କରାଯାଇଛି । 'ବ୍ରହ୍ମନିରୂପଣ ଗୀତା'ର ସପ୍ତମ ଅଧ୍ୟାୟରେ ମହିମା ଗର୍ଭରୁ ଚାରିବେଦ, ଚାରିଧର୍ମ, ଚାରିଯୁଗ, ବ୍ରହ୍ମା, ବିଷ୍ଣୁ, ଶିବ, ରାମଚନ୍ଦ୍ର, କୃଷ୍ଣ, ଜଗନ୍ନାଥ, ଦିବସରଜନୀ, ଜଳ ମେଦିନୀ, ଚନ୍ଦ୍ର ସୂର୍ଯ୍ୟ, ପାପ ପୂଣ୍ୟ, ଜନ୍ମ ମରଣ, ନବଲକ୍ଷ ତାରା, ଛପ୍ପନକୋଟି ଜୀବ, କ୍ଷୁଧାତୃଷ୍ଣା, ସତ ମିଛ ଇତ୍ୟାଦି ସୃଷ୍ଟି ହୋଇଥିବା ଉଲ୍ଲେଖ କରି 'ମହିମା ଠାରୁ ହୋଇଛି ଅଶେଷ ବ୍ରହ୍ମାଣ୍ଡ, ଅଲେଖ ପୁରୁଷ ସେହୁ ଅବ୍ୟକ୍ତ ଅଖଣ୍ଡ' ବୋଲି କହି ଅଛନ୍ତି । 'ନିର୍ବେଦ ସାଧନ' ପ୍ରଭୃତି ଗ୍ରନ୍ଥରେ ମଧ୍ୟ ଭୀମଭୋଇ ମହିମା ସୃଷ୍ଟି ତତ୍ତ୍ୱର ଆଲୋଚନା କରିଅଛନ୍ତି :

"ଯେ ବ୍ରହ୍ମ ହୋଇଛନ୍ତି ନିରାକାର, ଦ୍ୱିତୀୟ ରୂପ ଏକାକ୍ଷର
ଜନ୍ମିଲା ନିଶବଦ ଠାରୁ, ପଡ଼ିଲା ଜଳାଣି ଶିଖରୁ ।
ପଡ଼ିଣ ହାହାକାର କଲା, ଓଁ କାର କ୍ଷର ଜନ୍ମ ହେଲା
ଓଁ କାରୁ ଜନ୍ମିଲା ଶବଦ, ଶବଦରୁ ଏକାକ୍ଷର ଭେଦ
ବେଦରୁ ସୃଷ୍ଟି ସଞ୍ଚରିଲା, ସପତ ସିନ୍ଧୁ ଜାତ ହେଲା "। ଇତ୍ୟାଦି
(ନିର୍ବେଦ ସାଧନ, ଅଷ୍ଟମ ଅଧ୍ୟାୟ)

ପିଣ୍ଡ ମଧ୍ୟରେ ବ୍ରହ୍ମାଣ୍ଡର ଉପଲବ୍ଧି ମହିମା ଧର୍ମର ଅନ୍ୟ ଏକ ବିଶିଷ୍ଟ ଦିଗ । ପିଣ୍ଡ ବ୍ରହ୍ମାଣ୍ଡ ଏକତ୍ୱ ପରିକଳ୍ପନା ନାଥଯୋଗୀ ଓ ପଞ୍ଚସଖାଙ୍କ ସାଧନ ମାର୍ଗରେ ମଧ୍ୟ ପ୍ରାଧାନ୍ୟ ଲାଭ କରିଛି । ଶଙ୍କରଙ୍କ ମାୟାବାଦକୁ ଏହା ଅସ୍ୱୀକାର କରେ । ଏମାନଙ୍କ ମତରେ ସଂସାର ମିଥ୍ୟା ବା ମାୟାମରୀଚିକା ନ ହୋଇ ବାସ୍ତବ । ପରଂବ୍ରହ୍ମ ପିଣ୍ଡ, ବ୍ରହ୍ମାଣ୍ଡ ସର୍ବତ୍ର ବିଦ୍ୟମାନ । ସେ ସମଗ୍ର ଜଗତର ସ୍ରଷ୍ଟା ଓ ନିୟନ୍ତା । ନିଜ ଘଟରେ ବିରାଜମାନ କରିଥିବା ବ୍ରହ୍ମଙ୍କୁ ନଚିହ୍ନି ଲୋକ ଅଯଥା ଭ୍ରମରେ ପଡ଼ିଥାଏ । ଭୀମ ଭୋଇଙ୍କ ଭାଷାରେ -

"ଘଟରେ ବ୍ରହ୍ମକୁ ନ ଚିହ୍ନି, ବାହ୍ୟରେ ଭ୍ରମୁଥାନ୍ତି ପ୍ରାଣୀ,
ଚିତ୍ରପଟକୁ ଜେତ୍ରେ ଦେଖି, ମନ ଆନନ୍ଦେ ହୋଇ ସୁଖୀ ।
ଏ ଘଟେ ଜଗନ୍ନାଥ ଅଛି, ପ୍ରତିମା ମିଛରେ ପୂଜୁଛି

ମୂର୍ତ୍ତି ପ୍ରତିମା ଶୁଷ୍କ କାଠ, ସେ ପୁଣି ନେବ କି ବୈକୁଣ୍ଠ ।
ମିଥ୍ୟାରେ ଭୁଲି ମରେ ପ୍ରାଣୀ, ଘଟ ପ୍ରତିମାକୁ ନ ଚିହ୍ନି ।

(ଶ୍ରୁତିନିଷେଧ ଗୀତା, ୨ୟ ଅଧ୍ୟାୟ)

ନିଜ ଭିତରର ବ୍ରହ୍ମାନୁଭବ ଭୀମ ଭୋଇଙ୍କୁ ପରଂବ୍ରହ୍ମଙ୍କ ଦ୍ୱାରା ସୃଷ୍ଟ ବିଶ୍ୱ ବ୍ରହ୍ମାଣ୍ଡ ସହିତ ଘନିଷ୍ଠ ଭାବେ ସଂପୃକ୍ତ କରିଛି । ସଂସାରର ସୁଖ ଦୁଃଖକୁ ସେ ସମଭାବରେ ନିଜ ଭିତରେ ଅନୁଭବ କରି ଅଛନ୍ତି । ନିଜ ଜୀବନରେ ଭୋଗ କରିଥିବା ଦାରୁଣ ଦୁଃଖ ନିର୍ଯାତନାର ଅନୁଭୂତିରୁ ସେ ଜଗତବାସୀଙ୍କ ଦୁଃଖ ଯନ୍ତ୍ରଣା ସହଜରେ ହୃଦୟଙ୍ଗମ କରି ସେମାନଙ୍କ ମଙ୍ଗଳ ପାଇଁ ବ୍ୟାକୁଳ ହୋଇଅଛନ୍ତି । ତାଙ୍କର ଆତ୍ମଜୀବନୀ ମୂଳକ ଗ୍ରନ୍ଥ 'ସ୍ତୁତି ଚିନ୍ତାମଣି'ର ସପ୍ତବିଂଶ ବୋଲିରେ ଦୁନିଆର ଦୁଃସ୍ଥ ଜନତାଙ୍କ ପାଇଁ ସମବେଦନା ଅତି ମର୍ମସ୍ପର୍ଶୀ ଭାଷାରେ ପ୍ରକାଶ ପାଇଛି :

"ଏକ ଖଣ୍ଡ ହାଡ଼ ଦୁହାଏ ରୁଧିର ଫୁଟେ ମାଉଁସ ଜାଣର,
ତେଣୁ କରି ସିନା ପ୍ରାଣୀଙ୍କ ବିକଳ ସହି ନ ପାରିବି ମୁହିଁ ।
ଏକା ଖଡ଼ଗରେ ବଣ ପାଞ୍ଚମୁଣ୍ଡ ଛିଡ଼ଇ ଭାରତ ଯୁଦ୍ଧେ,
ଆରେକ ଅଙ୍ଗକୁ ପାବେ ପ୍ରହାରିଲେ ଏ ଅଙ୍ଗକୁ ମୋର ବାଧେ ।"

ଅନ୍ୟାନ୍ୟ ଧର୍ମ ପରି ମହିମାଧର୍ମ ମଧ୍ୟ ଗୁରୁବାଦରେ ବିଶ୍ୱାସ କରେ, କିନ୍ତୁ ଏ ଧର୍ମରେ ଗୁରୁବାଦର କୌଣସି ଉତ୍ପୀଡନ ନାହିଁ । ଧର୍ମର ଗୁରୁ ମାତ୍ର ଜଣେ- ସେ ହେଉଛନ୍ତି ମହିମା ଗୋସାଇଁ ଯେକି ସ୍ୱୟଂ ପରଂବ୍ରହ୍ମଙ୍କ ଅବତାର ବୋଲି ମହିମା ଧର୍ମୀମାନେ ବିଶ୍ୱାସ କରନ୍ତି । ଗୁରୁ ଶିଷ୍ୟ ଉଭୟ ସେହି ଅଲେଖ ପରଂବ୍ରହ୍ମଙ୍କ ଅଙ୍ଗ ବିଶେଷ ହୋଇ ଥିବାରୁ ଭିନ୍ନତା ବୋଧ ଅନାବଶ୍ୟକ । "ଜଗତଥଙ୍କି ପ୍ରଭୁ ଅଙ୍ଗଜାଣ ଜୀବନ୍ଧପେ ଜଡି ବିଳେ, ଗୁରୁ ଚରଣକୁ ଶିଷ୍ୟ ଭଜୁଥାଇ ଶ୍ରୀଗୁରୁ ଶିଷ୍ୟକୁ ଭଜେ," (ସ୍ତୁତିଚିନ୍ତାମଣି, ବୋଲି-୩୬) । ଭୀମଭୋଇ ମହିମା ଗୋସାଇଁଙ୍କର ଦ୍ୱିତୀୟ ଦୀକ୍ଷିତ ଶିଷ୍ୟ । ଆଜୀବନ ଗୁରୁଙ୍କ ପ୍ରତି ଅନୁରକ୍ତ ରହି ତାଙ୍କର ବହୁ ସ୍ତୁତି, ଭଜନ ଓ କାବ୍ୟରେ ଗୁରୁଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧା ନିବେଦନ କରିଅଛନ୍ତି ।

କଳିଯୁଗରେ ଧର୍ମର ଗ୍ଲାନି ଓ ସମାଜର ନୈତିକ ଅଧଃପତନ ଭୀମଭୋଇଙ୍କୁ ଦୁଃଖାଭିଭୂତ କରିଚି । ଲୋକମାନେ ସତ୍ୟ ଓ ଧର୍ମ ପଥକୁ ଛାଡ଼ି ନାନାଦି ପାପ କର୍ମରେ ଲିପ୍ତ ରହୁଛନ୍ତି ।

" ଏ କଳି ଯୁଗର ମଧ୍ୟେ ଗୋ ଯେତେ ଜନ
ପାପ ପଙ୍କରେ ବୁଡ଼ି ସର୍ବେଗୋ ଅଚେତନ ।.....
ମିଛ କହୁଛନ୍ତି ସତ୍ୟ ଗୋ ପଦେ ନାହିଁ,
ତେଣୁ କରି ପାପ ମାନ ଗୋ କେହେ କହି ।...
ଗଧ ଘୁଷୁରୀ ପରାଏ ଗୋ ଦିନ ନେଲେ,
ଶ୍ୱାନ ଶୃଗାଳ ପରାଏ ଗୋ କର୍ମ କଲେ ।

(ଆଦିଅନ୍ତ ଗୀତା, ୧୨ଶ ଅଧ୍ୟାୟ)

'ସ୍ତୁତିଚିନ୍ତାମଣିର' ଊନତ୍ରିଂଶ ବୋଲିରେ ଭୀମ ଭୋଇ କ୍ଷୋଭ ପ୍ରକାଶ କରି କହିଅଛନ୍ତି ଚଉଦ ଭୁବନରେ ଜୀବଜନ୍ତୁଙ୍କର କାହାରି ହେଲେ ସୁଖନାହିଁ । ଅକାଳ ମରଣ ତିନି ଲୋକରେ ଘୋଟି ଯାଉଛି । ଉକ୍ତ ଗ୍ରନ୍ଥର ପଞ୍ଚାନବେ ବୋଲିରେ ସେ ପ୍ରକାଶ କରିଛନ୍ତି ଯେଉଁ ତୀର୍ଥସବୁ ଧର୍ମ କର୍ମରେ କେନ୍ଦ୍ରଥିଲା ସେ ସବୁ ଭ୍ରଷ୍ଟ ହୋଇଗଲାଣି । ଶ୍ରୀପୁରୁଷୋତ୍ତମ, କପିଳାସ,ଗଙ୍ଗା, ଗୟା, କାଶୀ, ବୃନ୍ଦାବନ, ଦ୍ୱାରିକା, ହରଦ୍ୱାର, ବଦ୍ରିନାଥ, ସେତୁବନ୍ଧ ରାମେଶ୍ୱର କେଉଁଠାରେ ଆଉ ସତ୍ୟ ଧର୍ମ ନାହିଁ ।

ସେ ପୁଣି କହିଅଛନ୍ତି ଦେବ ଦେବତା ପୂଜା କଲେ ମୁକ୍ତି ମିଳିବ ନାହିଁ । ଏ ସବୁଥିରେ ମାତି ଦୁର୍ଲ୍ଲଭ ମାନବ ଜନ୍ମକୁ ବ୍ୟର୍ଥ ନକରି ଏକମାତ୍ର ଅଲେଖ ପରଂବ୍ରହ୍ମଙ୍କ ଶରଣ, ଭଜନ ଦ୍ୱାରାହିଁ କେବଳ ଜୀବନ୍ମୁକ୍ତ ହୋଇପାରିବ ।

" ନ ଭଜ ନର ବିଷ୍ଣୁକୁ    ନ ଭଜ ବୃନ୍ଦାବତୀକୁ
ମାୟା କଳ୍ପନାଟି ସେହି ଚିହ୍ନି ଧର ଅନାମକୁ ।
ଅଷ୍ଟାଦଶ ପୁରାଣିକ    ଏ ସର୍ବେଟି ଅବିବେକ
ଗତି ମୁକ୍ତି ତିଳେ ନାହିଁ ତେଜି ଧର ଅନାମକୁ ।
ଭଣିଲେ ସେ ଭୀମ ଜଡ଼    ପଦ ଅଟଇ ବିରୁଦ୍ଧ
ଜ୍ଞାନୀ ଜନେ ଚିହ୍ନି ଧର ଭଜ ଅନାମ ରୂପକୁ ।"

(ଭଜନ ମାଳା, ୧ମ ଭାଗ, ସଂଖ୍ୟା-୨୯)

(୨୮)

# ଭୀମଭୋଇଙ୍କ କାବ୍ୟ ପ୍ରତିଭା

ଭୀମ ଭୋଇ 'ସ୍ତୁତି ଚିନ୍ତାମଣି ରେ' କହିଅଛନ୍ତି :-

"ପିତା ଅଟନ୍ତି ମୋ ଅନାଦି ଠାକୁର ମାତା ଆଦିଶକ୍ତି ନାରୀ,
ଦୁତୀ ଯୁଗକରୁ ଜନମ ଲଭିଛି କବିକୃତ୍ୟ କଳା ଧରି ।"

(ବୋଲି - ୩୦)

ନିଜର ଜନ୍ମଗତ କାବ୍ୟ ପ୍ରତିଭା ସଂପର୍କରେ ଏହି ସୂଚନା ଦେବା ପରେ 'ଆଦିଅନ୍ତ ଗୀତା'ର ଅଷ୍ଟମ ଅଧ୍ୟାୟରେ ସେ ପୁଣି ପ୍ରକାଶ କରିଛନ୍ତି ।

"ଜନମ କାଳରୁ ମୂର୍ଖ ମୁଁ ହୋଇଥିଲି,
ଷୋଳ ବରଷକେ କବି ମୁଁ କୃତ୍ୟ କଲି ।
ବେଦ ଶାସ୍ତ୍ର ବୋଲି କିଛି ମୁଁ ଜାଣେ ନାହିଁ,
ଗୁରୁ ପାଦପଦ୍ମେ ବସି ଯେ ବେଳେ କହି ।
ଯେତେବେଳେ ଗୁରୁ କହିଯେ ବାଣି ଭେଦ,
ତେଣୁ ସେ ଯୋଡ଼ଇ କବି ଯେ କୃତ୍ୟ ପଦ ।
ଗୁରୁ ନ କହିଲେ ମୋତେ ଯେ ନ ଆସଇ,
ଶ୍ରୀଗୁରୁ ବାଚୀକେ ଅନ୍ୟ ଯେ ଆଜ୍ଞା ନାହିଁ ।

ଏହି ଦୁଇଟି ଉକ୍ତିରେ କବିଙ୍କର ଜନ୍ମଗତ କାବ୍ୟ ପ୍ରତିଭା ସୂଚିତ ହେବା ସହିତ ତାଙ୍କ ଗୁରୁଭକ୍ତିର ଚରମ ପରାକାଷ୍ଠା ପ୍ରକାଶ ପାଇଛି । ତାଙ୍କ ରଚନାର ଅନେକ ସ୍ଥାନରେ ସେ ନିଜକୁ ମୂର୍ଖ, ଜ୍ଞାନହୀନ, ବୁଦ୍ଧିହୀନ, ବାଳକ ବୟସ ଇତ୍ୟାଦି କହି ଗୁରୁଙ୍କ କୃପାରୁ ତାଙ୍କର କବିପଣ ବୋଲି ଉଲ୍ଲେଖ କରିଅଛନ୍ତି । ନିଜ ନିଜର ଇଷ୍ଟ ବା ଗୁରୁଙ୍କ କୃପାରୁ କବିକୃତ୍ୟ କରିଥିବା ବିଷୟ ଉଲ୍ଲେଖ କରିବା ଏକ ପ୍ରାଚୀନ ସାରସ୍ୱତ ପରମ୍ପରା । ଓଡ଼ିଶାର ଆଦିକବି ସାରଳାଦାସ ତାଙ୍କ ମହାଭାରତ ଓ ଅନ୍ୟାନ୍ୟ ରଚନାରେ ଇଷ୍ଟଦେବୀ ସାରଳାଙ୍କ କୃପାରୁ କବି ହୋଇଥିବା ଓ ସାରଳା ଯାହା କହିଦିଅନ୍ତି ସେ ଲେଖନ୍ତି ବୋଲି

ଉଲ୍ଲେଖ କରି ନିଜକୁ ମୂର୍ଖ, ଅପଣ୍ଡିତ ବୋଲି ବାରମ୍ବାର କହି ଅଛନ୍ତି ।[୧] ଏହା ଦ୍ୱାରା କବିଙ୍କର ବିନମ୍ରତା ହିଁ ପ୍ରକାଶ ପାଇଥାଏ । ଏଥିରୁ ସାରଳା ଦାସ ମୂର୍ଖ କିମ୍ବା ଭୀମଭୋଇ ଅଜ୍ଞ ଥିଲେ ବୋଲି କହିବା ଅବିବେକତା ହେବ । ସେମାନଙ୍କ କାବ୍ୟକୃତି ହିଁ ସେମାନଙ୍କ କାବ୍ୟ ପ୍ରତିଭା ଓ କୃତବିଦ୍ୟତାର ପ୍ରକୃଷ୍ଟ ପ୍ରମାଣ । କୌଣସି ବିଧିବଦ୍ଧ ଶିକ୍ଷା ନଥାଇ ଈଶ୍ୱର ଦତ୍ତ ପ୍ରତିଭା ବଳରେ ବିଭିନ୍ନ ବିଷୟକ ଜ୍ଞାନ ଆହରଣ କରିବା ଏମାନଙ୍କ ଭଳି ଯୋଗଜନ୍ମା ବ୍ୟକ୍ତିଙ୍କ ପକ୍ଷରେ କଷ୍ଟକର ନୁହେଁ ।

ଭୀମ ଭୋଇ ଏକ ଦରିଦ୍ର କନ୍ଧ ପରିବାରରେ ପ୍ରତିପାଳିତ ହୋଇ ବାଲ୍ୟ ଶିକ୍ଷାଦୀକ୍ଷାରୁ ବଞ୍ଚିତ ହୋଇଥିଲେ । ଶୈଶବରେ ପୂର୍ବତନ କରଦ ରାଜ୍ୟ ବୌଦ୍ଧର ଗୋପ ମଧୁପୁରଠାରେ ଅବସ୍ଥାନ କାଳରେ 'ମାତ୍ର ଗର୍ଭଗତେ ପାଠ ପଢ଼ିଥିଲି ଟିକେ ଟିକେ ଅଛି ହେତୁ' (ସ୍ତୁତିଚିନ୍ତାମଣି, ବୋଲି-୨୨) ଏକ ସୂଚନା ମାତ୍ର ସେ ଦେଇଅଛନ୍ତି । କିନ୍ତୁ ତାଙ୍କ କାବ୍ୟପ୍ରତିଭା ଯେ ସହଜାତ ଏହା ତାଙ୍କ ଆଦ୍ୟ ଯୌବନରେ ରଚିତ ଲୋକ ଗୀତ ଗୁଡ଼ିକରୁ ସ୍ପଷ୍ଟ ପ୍ରମାଣିତ ହୁଏ । ମହିମା ଗୋସାଇଁଙ୍କ ଦ୍ୱାରା ମହିମା ଧର୍ମରେ ଦୀକ୍ଷିତ ହେବା ପୂର୍ବରୁ କଣରେ ଅନ୍ୟ ଲୋକର ବାଛୁରୀ ଚରାଇ ଦୁଃଖ ନିର୍ଯାତନା ଭିତରେ ପେଟ ପୋଷୁଥିବା ଅନ୍ଧ କବି ବାଳକ ଭୀମଭୋଇ ପଶ୍ଚିମ ଓଡ଼ିଶାର ଜନପ୍ରିୟ ଲୋକ ସଙ୍ଗୀତ ଡାଲଖାଇ, ରସରକେଲି, ଜାଇଫୁଲ, ଭଜନ, ହଳିଆ ଗୀତ, ଚଉତିଶା ଇତ୍ୟାଦି ରଚନା କରି ସାଙ୍ଗସାଥି ମେଳରେ ମଧୁର କଣ୍ଠରେ ଗାନ କରୁଥିଲେ । ସେ ସମୟର ପରମ୍ପରା ଅନୁଯାୟୀ ଏଥିମଧ୍ୟରୁ ଅଧିକାଂଶ ଗୀତ ରାଧା କୃଷ୍ଣଙ୍କ ପ୍ରେମ ଲୀଳାକୁ ନେଇ ରଚିତ । କବିଙ୍କ ଆଦ୍ୟ ଯୌବନର ଉଦ୍ଦାମତା ଓ ପ୍ରଣୟାନୁଭୂତି ସରଳ ସ୍ୱତଃସ୍ଫୂର୍ତ୍ତ

---

(୧) (କ) ଶ୍ରୀ ସାରଳା ଚଣ୍ଡିଙ୍କର ସେବା ଅଟେ ଦାସ
ଆଜ୍ଞାରେ ମୁଁ ଶାସ୍ତ୍ର କିଛି କରିଛି ଅଭ୍ୟାସ ।
ସେ ଯାହା କହନ୍ତି ଆଜ୍ଞା ମୁଁ ତାହା ଲେଖଇ
ଅପଣ୍ଡିତ ମୂର୍ଖ ମୋର ଶାସ୍ତ୍ର ଜ୍ଞାନ ନାହିଁ ।
(ବିଲଙ୍କା ରାମାୟଣ)

(ଖ) ତୁହି ଯାହା କହି ଦେଉ ମୁହିଁ ତା ଲେଖଇ
ସର୍ବେ ସାରଳା ଦାସ ମୂର୍ଖ ଅଟଇ ।
(ମହାଭାରତ, ଆଦିପର୍ବ)

ଭାଷାରେ ଏ ଲୋକଗୀତ ଗୁଡ଼ିକରେ ପ୍ରକାଶ ପାଇଛି । ଏକ ଚଉତିଶାରେ କୃଷ୍ଣଗତପ୍ରାଣା ଶ୍ରୀରାଧା ଦୂତୀକୁ କହୁଛନ୍ତି :

"ଯାଉଥିଲି ଯମୁନାକୁ, ଯମୁନା ତଟରେ ଦେଖିଲି ତାଙ୍କୁ,
ଜାଇଫୁଲ, ରଞ୍ଜିଲା ମୋର ମନକୁ ।
ଝୁରୁଛି ବେନି ନୟନ, ଝିଙ୍କିଦେବି ମୋର ପିଣ୍ଡ ପରାଣ,
ଜାଇଫୁଲ, ଦାସୀ ପଣେ ନେବି କିଣ ।
ଞିୟମ୍ କରି କହୁଛି, ଆସିଥିଲେ ମୋର ନନ୍ଦନ ବଂଶି,
ଜାଇଫୁଲ, ସଜନ ଦେଖି ମରୁଛି ।
ଟୀକା ଚନ୍ଦନ କପାଳେ, ଚାହିଁଅଛି କାହ୍ନୁ କଦମ୍ବ ମୂଳେ,
ଜାଇଫୁଲ, ଟେକି ଚାହିଁ ବେନି ଢୋଳେ ।
ଠାକୁର ମୋହର ସେହି, ତାଙ୍କ ବିନୁ କ୍ଷୀଣ ହେଲାଣି ଦେହୀ,
ଜାଇଫୁଲ, ଠିକେ କହେ ଭୀମ ଭୋଇ ।

... ... ... ...

ନବୀନ ବୟସ ମୋର, ନବୀନ ବୟସ ଚାଲି ତୋହର,
ଜାଇଫୁଲ, ନାବରେ ତୁ ପାରିକର ।
ପୂରି ରହିଛି ବୟସ, ଦରବର ହୋଇ ବହୁଛି ରସ,
ଜାଇଫୁଲ, ପଛକୁ ପାଇବ କିସ ।
ଫୁଟି ରହିଅଛି କଢ଼ୀ, ଗଜଗଜ ହୋଇ ଆସୁଛି ମାଡ଼ି,
ଜାଇଫୁଲ, ପଶ୍ଚାତେ ପଡ଼ିବ ଝଡ଼ି ।
ବିଷମ ହେଲାଣି ମୋତେ, ଭେଟ ହେବା ଯାଏ ନାହିଁ ପରତେ,
ଜାଇଫୁଲ, ଆଉ କି ପାଇବି ସତେ ।
ଭରସା କରିଛି ଚିତ୍ତ, ଭାବଗ୍ରାହୀ ନାଥ ପ୍ରାଣର ହିତ,
ଜାଇଫୁଲ, ଭାବେ କହେ ଭୀମ ଭକ୍ତ" ।

(ଚଉତିଶା-୮)

ରସରାଜ ଶ୍ରୀକୃଷ୍ଣଙ୍କର ଏକ ଉକ୍ତି ନିମ୍ନରେ ଉଦ୍ଧାର କରାଗଲା :

"ଟାଣୁ ଅଛି ପାଞ୍ଚଶର ଅନଙ୍ଗ ପିଡୁଛି,
ଟଳଟଳ ପିଣ୍ଡ ମୋର ଟଳି ପଡୁଅଛି ।
ଟୀଆକୁ ଟାଳିବା ଯାଏ, ନାଗରୀ,
ଜୀବ ଯାଉଅଛି, ରସ ଯା ଚାଲିଯାରେ" ।

(ଚଉତିଶା -୪୦)

ମହିମା ଗୋସାଇଁଙ୍କ ଆଦିଶିଷ୍ୟ ଗୋବିନ୍ଦବାବା ତାଙ୍କର ପରିବ୍ରାଜକ ଜୀବନରେ ଏହି ପଲ୍ଲୀ କବିଟିର ସନ୍ଧାନ ପାଇ ମହିମା ଗୋସାଇଁଙ୍କୁ ଜଣାଇ ଥିବା ବିଶ୍ୱାସ କରାଯାଏ । ମହିମା ଧର୍ମର ପ୍ରଚାର ଓ ପ୍ରସାର ପାଇଁ ଭଜନ, ଜଣାଣ ଇତ୍ୟାଦି ରଚନା କରିବାକୁ ଏହିଭଳି ଏକ ପ୍ରତିଭାଧର କବିର ଆବଶ୍ୟକତା ଥିଲା । ଦିନେ ନିଶାର୍ଦ୍ଧରେ ମହିମା ଗୋସାଇଁ ଗୋବିନ୍ଦବାବାଙ୍କୁ ସଙ୍ଗରେ ନେଇ ଭୀମ ଭୋଇଙ୍କୁ ତାଙ୍କର ରେଢ଼ାଖୋଲସ୍ଥ ପଲ୍ଲୀ କୁଟୀରେ ସାକ୍ଷାତ କରି ତାଙ୍କୁ ମହିମା ଧର୍ମରେ ଦୀକ୍ଷିତ କରିଥିଲେ । ଏହି ଘଟଣା ଭୀମଭୋଇଙ୍କ ଜୀବନର ମାର୍ଗ ଯେପରି ବଦଳାଇ ଦେଇଥିଲା, ମହିମା ଧର୍ମ ପାଇଁ ମଧ୍ୟ ଏହା ଥିଲା ଏକ ଆଶୀର୍ବାଦସ୍ୱରୂପ । ଧର୍ମରେ ଦୀକ୍ଷିତ କରିବା ପରେ ମହିମା ଗୋସାଇଁ ମହିମା ଧର୍ମର ଆଦର୍ଶ ଓ ନୀତି ନିୟମ ମାନ ଭୀମଭୋଇଙ୍କୁ ବୁଝାଇ ଦେଇଥିଲେ ଏବଂ ଭଜନ, ଜଣାଣ ଇତ୍ୟାଦି ରଚନା କରି ନିର୍ବେଦ ସାଧନ ପ୍ରଚାର କରିବା ପାଇଁ ଆଦେଶ ଦେଇଥିଲେ । ଗୁରୁଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଭୀମଭୋଇ ଶେଷ ଜୀବନ ପର୍ଯ୍ୟନ୍ତ କେବଳ ମହିମା ଧର୍ମ ସାହିତ୍ୟ ରଚନା କରିବାରେ ମନୋନିବେଶ କରିଥିଲେ । ତାଙ୍କ ଦ୍ୱାରା ରଚିତ ରାଶି ରାଶି ସ୍ତୁତି, ଭଜନ, ଜଣାଣ, ଚଉତିଶା, କାବ୍ୟ କବିତା ଦ୍ୱାରା ମହିମା ଧର୍ମ ଏକ ଜନପ୍ରିୟ ଗଣଧର୍ମରେ ପରିଣତ ହେବା ସହିତ ଓଡ଼ିଆ ଭକ୍ତି ସାହିତ୍ୟର ଏକ ନବ ଦିଗନ୍ତ ଉଦ୍‌ଘାଟିତ କରିଛି ।

ମହିମା ଗୋସାଇଁଙ୍କ ଦ୍ୱାରା ମହିମା ଧର୍ମରେ ଦୀକ୍ଷିତ ହେବା ପରେ ଯେଉଁ ଗୁରୁବନ୍ଦନା ଭୀମ ଭୋଇଙ୍କ କଣ୍ଠରୁ ସ୍ୱତଃ ନିସୃତ ହୋଇଥିଲା ବୋଲି ମହିମା ଭକ୍ତ ମାନେ ବିଶ୍ୱାସ କରନ୍ତି ତାହା ଏହିପରି :

"ବନ୍ଦନା ପାଦ ପଦ୍ମକୁ,
ଧାଇଁ ଅରୂପାନନ୍ଦଙ୍କୁ, ଧାଇଁ ସ୍ୱାମୀ ପରମଙ୍କୁ ।
ନଖ କୋଣେ ସୁରାସୁରି ମାନମାନ ଛନ୍ତି ପୂରି,
ଅନନ୍ତ ବାସୁକୀ ଶିରେ ବହିଛି ମକରନ୍ଦକୁ ।

... ... ... ...

ଶ୍ରୀଗୁରୁଙ୍କ ପାଦତଳ ଫୁଟିଛି ପଦ୍ମ-କମଳ
ବାସରେ ଅମାପ ମୁଖ ଘେନ ନାସିକା ରନ୍ଧ୍ରକୁ ।
ଏକାକ୍ଷର ପାଦ ଚିହ୍ନି ଭଜୁଛନ୍ତି ବ୍ରହ୍ମଜ୍ଞାନୀ
ଭୀମ ଅରକ୍ଷିତ ଋଷି ଧାଇଁ ଅନାଦି ସିଦ୍ଧଙ୍କୁ ।"

(ଭଜନମାଳା, ସଂଖ୍ୟା-୧)

ଏହା ମହିମାଧର୍ମାବଲମ୍ବୀମାନଙ୍କର ଏକ ଅତିପ୍ରିୟ ଭଜନ । କାବ୍ୟକବିତା ମାଧ୍ୟମରେ ମହିମା ଧର୍ମର ବାର୍ତ୍ତା ପ୍ରଚାର କରିବା ପାଇଁ ଭୀମଭୋଇଙ୍କୁ ନେଇ ମହିମା ଗୋସାଇଁ ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନ ପରିଭ୍ରମଣରେ ବାହାରି ଯାଇଥିଲେ । ମହିମା ସନ୍ନ୍ୟାସୀ ରୂପେ ଭୀମଭୋଇ ଭିକ୍ଷାନ୍ନ ପାଇଁ ଗ୍ରାମରୁ ଗ୍ରାମାନ୍ତର ଭ୍ରମଣ କରି ମହିମା ଧର୍ମ ପ୍ରଚାର କରିଥିଲେ । ସୁଲଳିତ କଣ୍ଠରେ ସ୍ୱରଚିତ ମହିମା ଭଜନ ଗାନ କରି ଲୋକମାନଙ୍କୁ ମହିମା ଧର୍ମପ୍ରତି ଆକୃଷ୍ଟ କରିବା ଦିଗରେ ସେ ଅନେକ ପରିମାଣରେ ସଫଳକାମ ହୋଇଥିଲେ । ଗୃହସ୍ଥାଶ୍ରମ ଗ୍ରହଣ କରିବା ପରେ ଭୀମଭୋଇ ସୋନପୁର ନିକଟସ୍ଥ ଖଲିଆପାଲିଠାରେ ଆଶ୍ରମ ପ୍ରତିଷ୍ଠା କରି ଶେଷ ଜୀବନ ପର୍ଯ୍ୟନ୍ତ ସେଠାରେ ଅବସ୍ଥାନ କରିଥିଲେ ଏବଂ ତାଙ୍କର ଅଧିକାଂଶ କାବ୍ୟ କବିତା ଏହିଠାରେ ହିଁ ରଚିତ ହୋଇଥିଲା । ମହିମା ଗୋସାଇଁ ପଠାଇଥିବା ହରିପଣ୍ଡା, ବାସୁଦେବ ପଣ୍ଡା ଓ ଅନ୍ୟ ଦୁଇଜଣ ଲେଖନକାର ଶେଷ ଜୀବନ ପର୍ଯ୍ୟନ୍ତ ଆଶ୍ରମରେ ଅବସ୍ଥାନ କରି ଭୀମଭୋଇଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ପ୍ରଦାନ କରିଥିଲେ ।

ବ୍ରହ୍ମତତ୍ତ୍ୱ ଏକ କଠିନ ବିଷୟ । ବେଦ ବେଦାନ୍ତର ମୁନି ଋଷିମାନେ ଅରୂପ ବ୍ରହ୍ମଙ୍କର ସ୍ୱରୂପ ନିର୍ଣ୍ଣୟ କରିବାକୁ ଯାଇ କେତେବେଳେ ବ୍ରହ୍ମ କ'ଣ ନୁହନ୍ତି କହି

ବୁଝାଇବାକୁ ଚେଷ୍ଟା କରିଛନ୍ତି ତ ଅନ୍ୟ କେତେ ବେଳେ ତାଙ୍କୁ ଅନାଦି, ଅନନ୍ତ, ନିରାକାର, ଅବ୍ୟକ୍ତ, ଅବର୍ଣ୍ଣନୀୟ ଇତ୍ୟାଦି କହି ପରଂବ୍ରହ୍ମ ମଣିଷର ସୀମିତ ବୁଦ୍ଧି ଓ ଜ୍ଞାନର ଅଗମ୍ୟ ବୋଲି ସ୍ୱୀକାର କରିଅଛନ୍ତି । ଯେଉଁ ବ୍ରହ୍ମ ନିରାକାର ଓ ଇନ୍ଦ୍ରିୟଗ୍ରାହ୍ୟ ନୁହନ୍ତି ତାଙ୍କର ବର୍ଣ୍ଣନା ବା କିପରି କରିହେବ ! ଭୀମଭୋଇ ଏକ ଭଜନରେ କହିଅଛନ୍ତି :

"ଶୂନ୍ୟ ଅଣରୂପ ନିର୍ଭେଦ ହେ,
ବର୍ଣ୍ଣଚିହ୍ନ ନାହିଁ ତହିଁ ସମ୍ଭାବ ହେ ।
ଅଣାକ୍ଷର ବ୍ରହ୍ମ ସେହି ମାତ୍ରାକ୍ଷର ନ ବସଇ
ଅକ୍ଷର ଅଖଣ୍ଡ ଦେହି ନିଶବ୍ଦ ହେ ।

... ... ... ...

ନୁହଁନ୍ତି ସ୍ତିରୀ ପୁରୁଷ ଥୟ ମୁଁ କରିବି କିସ
ଭଣେ ଭୀମ ହୀନ ଲକ୍ଷ ନ ପାଇଲା ଆଦ୍ୟହେ" ।

(ଭଜନମାଳା, ସଂଖ୍ୟା-୧୮୧)

'ସ୍ତୁତି ଚିନ୍ତାମଣି'ର ଏକାଅଣୀ ବୋଲିରେ ସେ ପୁଣି ଲେଖି ଅଛନ୍ତି :

"ଅନାମିକା ବ୍ରହ୍ମ ଅକ୍ଷର ନବସେ ନ ଲାଗଇ ଶାସ୍ତ୍ରବେଦ,
ଏକ ବ୍ରହ୍ମପାଦ କିପାଇଁ ନୁହଇ ନଟଳେ ଅର୍ଥ ସମ୍ଭେଦ ।
ଅରୂପ ବ୍ରହ୍ମସେ ରୂପବର୍ଣ୍ଣ ନାହିଁ ନ ଦିଶଇ ବର୍ଣ୍ଣ କାନ୍ତି,
ଅକୂଳ ସାଗର ବ୍ରହ୍ମ ଅଟେ ସେହି ମହିମା ତା ଅଣଶ୍ରୁତି" ।

ଏହି ଅଲେଖ ବ୍ରହ୍ମ ବା ଶୂନ୍ୟ ବ୍ରହ୍ମଙ୍କ ଅଧିଷ୍ଠାନ ମହାନିତ୍ୟ ମଣ୍ଡଳ ବା ମହାଶୂନ୍ୟ ମଣ୍ଡଳର ବର୍ଣ୍ଣନା କରିବାକୁ ଭୀମଭୋଇ ପ୍ରୟାସ କରିଅଛନ୍ତି । ଶୂନ୍ୟ ବ୍ରହ୍ମଙ୍କ ଭଳି ତାଙ୍କ ବାସ ସ୍ଥାନ ମହାଶୂନ୍ୟ ମଣ୍ଡଳ ମଧ୍ୟ ଇନ୍ଦ୍ରିୟ ବହିର୍ଭୂତ ବିଷୟ । ସାଧାରଣ ରୂପକଳ୍ପ ବା ଉପମା ଦ୍ୱାରା ତାହାର ବର୍ଣ୍ଣନା ସମ୍ଭବ ନୁହେଁ । ଏଥିପାଇଁ କବିଙ୍କୁ ତା'ର ନିଜସ୍ୱ କଳ୍ପନା ଶକ୍ତି ଓ କଳା କୌଶଳ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ପାଶ୍ଚାତ୍ୟ ମହାକବି ଦାନ୍ତେ ତାଙ୍କର 'ଡିଭାଇନ କମେଡ଼ି' ଓ ଜନ୍ ମିଲଟନ ତାଙ୍କ 'ପାରାଡ଼ାଇଜ ଲଷ୍ଟ' ମହାକାବ୍ୟରେ ସ୍ୱର୍ଗ, ନର୍କ ଇତ୍ୟାଦିର ବର୍ଣ୍ଣନା କରିବାକୁ ଯାଇ ଏଇଭଳି ସମସ୍ୟାର

ସମ୍ମୁଖୀନ ହୋଇ ଅଛନ୍ତି । 'ପାରାଡ଼ାଇଜ ଲଷ୍ଟ' ରେ ମିଲଟନ ନର୍କର ଗହନ ଅନ୍ଧକାରକୁ ବର୍ଣ୍ଣନ କରିବାକୁ ଯାଇ 'ପରିଦୃଶ୍ୟମାନ ଅନ୍ଧକାର' (darkness visible) ଭଳି ଏକ ନୂତନ ରୂପକର ସୃଷ୍ଟି କରିଅଛନ୍ତି । ଭୀମଭୋଇଙ୍କ ମହା ନିତ୍ୟ ମଣ୍ଡଳ ବର୍ଣ୍ଣନାରୁ ଏକ ଉଦ୍ଧୃତି ନିମ୍ନରେ ଦିଆଗଲା :

"ମହାନିତ୍ୟ ମଣ୍ଡଳରେ ଯେତେ ଲୋକ ଛନ୍ତି,
ବିଷ୍ଣୁ ଅଙ୍ଗୀ ଅଟନ୍ତି ସେ ଚତୁର୍ଦ୍ଧା ମୂରତି ।....
ଅନ୍ଧାର ଉଜ୍ଜ୍ୱଳ ନୋହେ ରାତ୍ର ଦିନ ଏକ,
ଚନ୍ଦ୍ର ସୂର୍ଯ୍ୟ ସେଠାବରେ ହୋଇଛନ୍ତି ଦୀପ ।
ଚାରି ଯୋଗ ତହିଁ ହୋଇ ଅଛି ଏକ ଯୁଗ
କ୍ଷୁର ଭୟ ନାହିଁ ତହିଁ ସର୍ବଦା ମଙ୍ଗଳ ।"

(ବ୍ରହ୍ମ ନିରୂପଣ ଗୀତା,୬ଷ୍ଠ ଅଧ୍ୟାୟ)

'ବ୍ରହ୍ମ ନିରୂପଣ ଗୀତା'ର ୧୪ଶ ଅଧ୍ୟାୟରେ ସେ ପୁଣି କହିଅଛନ୍ତି :

"ମହାନିତ୍ୟପୁର ସେହୁ ବହୁତ ଆଗତ
ଖୋଲ ଦ୍ୱାର ଯାକ ସବୁ ପଡ଼ିଛି କବାଟ ।
ଅଦୃଷ୍ଟ ଭୁବନ ସେ ଯେ ନେତ୍ରେ ଚାହିଁ ନୋହେ
ଅବ୍ୟକ୍ତ ମହିମା ମୁଖରେ କହି ନୋହେ ।"

ମହିମା ଧର୍ମ ଏକ ସନ୍ଥ ଧର୍ମ ଓ ଭୀମ ଭୋଇ ହେଉଛନ୍ତି ଏହି ଧର୍ମର ପ୍ରମୁଖ ପ୍ରବକ୍ତା ସନ୍ଥକବି । ମହିମା ସନ୍ନ୍ୟାସୀମାନେ ତ୍ୟାଗ, ଆତ୍ମଶୁଦ୍ଧି ଓ ଆତ୍ମସଂଯମ ଆଚରଣ କରି ନିର୍ଗୁଣ ବ୍ରହ୍ମଙ୍କ ନିକଟରେ ଆତ୍ମସମର୍ପଣ ପୂର୍ବକ ମୋକ୍ଷ କାମନା କରୁଥିଲେ ବି ବିଶ୍ୱବ୍ରହ୍ମାଣ୍ଡର ମଙ୍ଗଳ ପାଇଁ ପ୍ରାର୍ଥନା ଏ ଧର୍ମର ଏକ ମୁଖ୍ୟ ଅଭିମୁଖ୍ୟ । ବିଶ୍ୱବାସୀଙ୍କର ମଙ୍ଗଳ ପାଇଁ ଆକୁଳ ପ୍ରାର୍ଥନା ଭୀମଭୋଇଙ୍କ ରଚନାର ବହୁ ସ୍ଥାନରେ ଅତି ମର୍ମସ୍ପର୍ଶୀ ଭାବରେ ପ୍ରକାଶ ପାଇଛି । କେବଳ ମଣିଷଙ୍କ ପାଇଁ ନୁହେଁ; ଦୁନିଆର ପଶୁ, ପକ୍ଷୀ, କୀଟ, ପତଙ୍ଗଙ୍କ ପରିତ୍ରାଣ ପାଇଁ ମଧ୍ୟ ଭୀମଭୋଇ ଅନାଦି ଅଲେଖଙ୍କ ଠାରେ ପ୍ରାର୍ଥନା କରିଅଛନ୍ତି :

"ରକ୍ଷାକର ସ୍ୱାମୀ ନରଲୋକ,
ଶିବା ଯୁବା ବୃଦ୍ଧ ସ୍ତିରୀ ପୁରୁଷ ବାଳକ ।
କୀଟ ପତଙ୍ଗାଦି ଜଳପୋକ,
ଯା'ଙ୍କୁ ଯେଉଁରୂପେ କର କାରଣ ବିବେକ ।
ତୃଣାଦି ସ୍ଥାବର ତରୁବୃକ୍ଷ,
ଶରଣ ସମ୍ଭାଳି ରଖ ଏକରୁ ଜୀବକ ।"

(ଭଜନମାଳା, ସଂଖ୍ୟା-୧୭)

ଏ କଳି ଯୁଗରେ ଧର୍ମର ଅବକ୍ଷୟ, ସମାଜରେ ପରିବ୍ୟାପ୍ତ ଅନ୍ୟାୟ, ଅତ୍ୟାଚାର, ଶୋଷଣ ଓ ଅନୀତି ବିରୁଦ୍ଧରେ ଭୀମଭୋଇଙ୍କ କଣ୍ଠରେ ସମୟ ସମୟେ ବିପ୍ଳବର ସ୍ୱର ଉଚ୍ଚାରିତ ହୋଇଛି :

"ବେଳୁଁବେଳ ପୃଥ୍ୱୀ ହେଲାଣି ଉତ୍ପାତ ଘୋର କଳିକାଳ ପାଇଁ,
ଏ ଜଗତ ନରେ ଅନ୍ୟାୟ ଆଚାରେ ବହିଯିବେ ବେଶୁଁ ବେଶୁଁ ।
ଭୁଲାଇଛ କେତେ କହି ନାନା ମତେ ବୁଝାମଣା ନାହିଁ କେଶ,
ଛାଡ଼ିଦିଅ ମୋତେ ଗୁରୁଦେବ ସ୍ୱାମୀ ଭରଣା କରିବି ଯୁଗ ।
ନବଖଣ୍ଡ ମହୀ ଥାଳି ପ୍ରାୟ ହୋଇ ଦେଖିଲେ ମନକୁ ଆସେ,
ଏ ମୋର ନେତ୍ରକୁ ଛପନ୍ନକୋଟି ଜୀବ ଚିରଣ ପରାଏ ଦିଶେ ।
ଏକା ଦିବସରେ କ୍ଷଣକ ଭିତରେ ଦ୍ୟତି ପୃଥ୍ୱୀ ଲେଉଟାଇ
ଦାନ୍ତ କାମୁଡ଼ି ହିଂସ ବୁଝି କରିବି ଶ୍ରୀଗୁରୁଙ୍କ ଆଜ୍ଞା ନାହିଁ ।....
ପ୍ରାଣୀଙ୍କ କଷଣ ଦେଖୁଅଛି ମନ ଜୀବନକୁ ମୋରବାଧେ,
ଭୀମ ଅରକ୍ଷିତ କରି ଦଣ୍ଡବତ କାରଣ ମାଗୁଛି ପାଦେ ।"

(ସ୍ତୁତି ଚିନ୍ତାମଣି, ବୋଲି-୨୬)

ନିଜ ଜୀବନରେ ଭୋଗକରିଥିବା ଉତ୍କଟ ଦାରିଦ୍ର୍ୟ, ଅନ୍ୟାୟ, ଅତ୍ୟାଚାର ଓ ଲାଞ୍ଛନା ଦୁନିଆର ବଂଚିତ ଲୋକମାନଙ୍କ ପ୍ରତି ତାଙ୍କୁ ଗଭୀର ଭାବେ ସମ୍ବେଦନଶୀଳ

କରିଛି । ଜଗତବାସୀଙ୍କ କଲ୍ୟାଣ ପାଇଁ ତାଙ୍କ କଣ୍ଠରୁ ନିଃସୃତ ହୋଇଛି ଆତ୍ମୋତ୍ସର୍ଗର ସେହି ମହତ୍ ବାଣୀ, "ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।" ଜଗତ ଉଦ୍ଧାର ପାଇଁ ଆତ୍ମୋତ୍ସର୍ଗର ଏ ମହତ ଭାବନା ଯୁଗେ ଯୁଗେ ବୁଦ୍ଧ, ଯୀଶୁ, ମହାତ୍ମାଗାନ୍ଧୀ ପ୍ରଭୃତି ମହାପୁରୁଷମାନଙ୍କୁ ଉଦ୍‌ବୁଦ୍ଧ କରିଛି । 'ଜଗତର ସବୁ ପାପ ମୋ ମୁଣ୍ଡରେ ପଡୁ, ଜଗତର ଉଦ୍ଧାର ହେଉ', ଏହା ବୁଦ୍ଧଙ୍କ ବଚନ ବୋଲି କୁମାରିଳଙ୍କ 'ତନ୍ତ୍ରବାର୍ତ୍ତିକା'ରେ ଉଲ୍ଲେଖ କରିଥିବାର ଜଣାଯାଏ ।[୨] ଆମ ସମୟରେ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁଙ୍କ ଲେଖନୀରେ ମଧ୍ୟ ଆତ୍ମତ୍ୟାଗର ଅନୁରୂପ ବାଣୀ ଉଚ୍ଚାରିତ ହୋଇଛି ତାଙ୍କର 'ବନ୍ଦୀର ଆତ୍ମକଥା'ରେ :

"ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର ସ୍ୱରାଜ-ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ- ହାଡ଼ ।"

ଡ଼ଃ ମାୟାଧର ମାନସିଂହ ତାଙ୍କର The Saga of the Land of Jagannath ପୁସ୍ତକରେ ଅଲେଖ ଧର୍ମ ଆଲୋଚନା ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି କେନ୍ଦ୍ର ସାହିତ୍ୟ ଏକାଡେମୀ ଭାରତର ୧୪ଟି ଆଞ୍ଚଳିକ ଭାଷା ସାହିତ୍ୟରୁ ପ୍ରତିନିଧିତ୍ୱ କଲାଭଳି ସଂକ୍ଷିପ୍ତ ନୀତିବାକ୍ୟ ଉଦ୍ଧାର କରି ପଠାଇବା ପାଇଁ ଅନୁରୋଧ କରିଥିବା ଅବସରରେ ଓଡ଼ିଶାର ସାହିତ୍ୟିକ ମଣ୍ଡଳୀ ଭୀମଭୋଇଙ୍କ 'ମୋଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' ନୀତି ବାଣୀକୁ ଉଦ୍ଧାର କରି ପଠାଇଥିଲେ ।[୩]

ଭୀମ ଭୋଇ ଜଣେ ସୌଖୀନ କବି ନଥିଲେ । ମହିମା ଧର୍ମରେ ଦୀକ୍ଷିତ ହୋଇ ମହିମା ଧର୍ମର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ବହୁ ସଂଖ୍ୟକ ଭଜନ, ଜଣାଣ, ଚଉତିଶା, କାବ୍ୟ ଇତ୍ୟାଦି ସେ ରଚନା କରିଯାଇ ଅଛନ୍ତି । ସେ ଦୀର୍ଘଜୀବୀ ନଥିଲେ (୧୮୫୦ - ୧୮୯୫), କିନ୍ତୁ ଏହି ସ୍ୱଳ୍ପ ଜୀବନକାଳ ମଧ୍ୟରେ ତାଙ୍କର ବିପୁଳ

---

(୨) ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର - ପାଞ୍ଚଜନ୍ୟ, ଭୋଇ ସଂଖ୍ୟା, ୧୯୮୩, ପୃ : ୨୨

(୩) ଡ଼ଃ ମାୟାଧର ମାନସିଂହ - The saga of the land of Jagannath, P.176

ବ୍ୟବହାର ଦେଖିବାକୁ ମିଳେ । ଏକ ଚଉତିଶା (ସଂଖ୍ୟା-୨୨)ରେ ମହିମା ସ୍ୱାମୀଙ୍କ ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଛନ୍ତି, "ଶୋଳ ପୋଲ ନୁହନ୍ତି ନିବା ବ୍ରହ୍ମ ମୂର୍ତ୍ତି, ଖଡ଼ଗେ ନ ଛିଡ଼ନ୍ତି, ଅଗ୍ନିରେ ନ ପୋଡ଼ନ୍ତି "ଇତ୍ୟାଦି, ଯାହା ଭଗବଦ୍‌ଗୀତା ୨ୟ ଅଧ୍ୟାୟରେ ଆତ୍ମାର ଅବିନଶ୍ୱରତ୍ୱର ବର୍ଣ୍ଣନା : "ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ....." କୁ ସ୍ମରଣ କରାଇ ଦିଏ ।

ଗୀତା ରଚନା ଏକ ପ୍ରାଚୀନ ସାହିତ୍ୟିକ ପଦ୍ଧତି । ଓଡ଼ିଶାର ପଞ୍ଚସଖା ଭକ୍ତକବିମାନେ ଅନେକ ଗୁଡ଼ିଏ ଗୀତା ରଚନା କରିଯାଇଅଛନ୍ତି । ବଳରାମ ଦାସଙ୍କ ଅମର କୋଷ ଗୀତା, ବେଦାନ୍ତ ସାର ଗୁପ୍ତ ଗୀତା; ଜଗନ୍ନାଥ ଦାସଙ୍କ ଦାରୁବ୍ରହ୍ମ ଗୀତା, ଯଶୋବନ୍ତ ଦାସଙ୍କ ପ୍ରେମଭକ୍ତି ବ୍ରହ୍ମଗୀତା; ଅଚ୍ୟୁତାନନ୍ଦ ଦାସଙ୍କ ଗରୁଡ଼ ଗୀତା, ଗୁରୁଭକ୍ତି ଗୀତା ଇତ୍ୟାଦି ଓଡ଼ିଆ ଭକ୍ତି ସାହିତ୍ୟକୁ ଏକ ଏକ ବିଶିଷ୍ଟ ଅବଦାନ । ଭୀମ ଭୋଇ ତାଙ୍କ ପୂର୍ବବର୍ତ୍ତୀ ଓଡ଼ିଆ କବିମାନଙ୍କର ଏହି ଗୀତା ରଚନା ପରମ୍ପରା ଅନୁସରଣ କରି ତାଙ୍କର ବ୍ରହ୍ମ ନିରୂପଣ ଗୀତା, ଆଦିଅନ୍ତ ଗୀତା ଓ ଶ୍ରୁତି ନିଷେଧ ଗୀତା ରଚନା କରିଅଛନ୍ତି । ଏଥିରେ ପାରମ୍ପରିକ ଗୀତା ରଚନା ଶୈଳୀରେ ନିରାକାର, ଶ୍ରୀ ଗୁରୁଦେବ; ଜୀବ, ପରମ; ଗୋବିନ୍ଦ, ଅନାଦିଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ଛଳରେ ସେ ମହିମା ଧର୍ମତତ୍ତ୍ୱ ଓ ନୀତି ନିୟମମାନ ଉପସ୍ଥାପିତ କରି ଅଛନ୍ତି । ଅଣ୍ଡକ ବିହାରୀ ଗୀତା ମଧ୍ୟ ତାଙ୍କର ଏହି ଶ୍ରେଣୀର ଏକ ରଚନା ।

ଭୀମ ଭୋଇ କେତେ ଗୁଡ଼ିଏ ସୁନ୍ଦର ଚଉତିଶା ମଧ୍ୟ ରଚନା କରିଅଛନ୍ତି । ଓଡ଼ିଆ ସାହିତ୍ୟରେ ଚଉତିଶା ରଚନାର ଏକ ବଳିଷ୍ଠ ପରମ୍ପରା ରହିଛି । ପଞ୍ଚଦଶ ଶତାବ୍ଦୀରେ ରଚିତ ବତ୍ସାଦାସଙ୍କ 'କଳସା ଚଉତିଶା'କୁ ଓଡ଼ିଆ ଭାଷାର ପ୍ରଥମ ଚଉତିଶା ବୋଲି କୁହାଯାଏ । ଦୀନକୃଷ୍ଣ ଦାସଙ୍କ 'ଆର୍ତ୍ତତ୍ରାଣ ଚଉତିଶା' ଓ ଭକ୍ତ ଚରଣ ଦାସଙ୍କ 'ମନବୋଧ ଚଉତିଶା'ର ଲୋକ ପ୍ରିୟତା କାହାରିକୁ ଅବିଦିତ ନୁହେଁ । 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତିରିଶଟି ବ୍ୟଞ୍ଜନ ବର୍ଣ୍ଣକୁ କ୍ରମାନ୍ୱୟରେ ଆଦ୍ୟରେ ରଖି ଚଉତିଶା ରଚିତ ହୋଇଥାଏ । କେତେକ ଚଉତିଶା କ୍ଷ ଠାରୁ କ ପର୍ଯ୍ୟନ୍ତ ଓଲଟ କ୍ରମରେ ରଚିତ

ହୋଇଥିବାର ଦୃଷ୍ଟାନ୍ତ ବି ରହିଛି । ଏହାକୁ ଓଲଟ ଚଉତିଶା କୁହାଯାଏ । ଭୀମ ଭୋଇ ଏହି ଦୁଇ ପ୍ରକାର ଚଉତିଶା ରଚନା କରି ତାଙ୍କର କୃତିତ୍ୱ ପ୍ରଦର୍ଶନ କରିଅଛନ୍ତି । କଟକସ୍ଥ ଧର୍ମଗ୍ରନ୍ଥ ଷ୍ଟୋର ଦ୍ୱାରା ପ୍ରକାଶିତ 'ଭକ୍ତକବି ଭୀମଭୋଇ ଗ୍ରନ୍ଥାବଳୀ'ରେ କବିଙ୍କର ୪୧ଟି ଚଉତିଶା ସଂଗୃହୀତ ହୋଇ ପ୍ରକାଶ ପାଇଛି । ଏଥି ମଧ୍ୟରୁ ୧୧ଟି ଚଉତିଶା ଓଲଟ ଚଉତିଶା ଶ୍ରେଣୀର ।

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଭୀମ ଭୋଇଙ୍କ କାବ୍ୟ କବିତା ମାନ ରଚିତ ହୋଇଥିଲା । ସେ ସମୟକୁ ମଧ୍ୟଯୁଗୀୟ ରୀତିକାବ୍ୟ ପରମ୍ପରା ତଥାପି ବଳବତ୍ତର ଥିଲା । ନିକଟରେ ଭୀମ ଭୋଇଙ୍କ 'ମନୁସଭା ମଣ୍ଡଳ' କାବ୍ୟ ପ୍ରାଧ୍ୟାପକ ଡ଼ଃ ପବିତ୍ର ମୋହନ ନାୟକଙ୍କ ଦ୍ୱାରା ସଂଗୃହୀତ ହୋଇ ପ୍ରକାଶ ପାଇଛି । ଶବ୍ଦ କାଠିନ୍ୟ ଓ ଭାବ କ୍ଲିଷ୍ଟତା ଦୃଷ୍ଟିରୁ ଏହା ଯେ କୌଣସି ମଧ୍ୟ ଯୁଗୀୟ ରୀତି କାବ୍ୟକୁ ଅତିକ୍ରମ କରଯିବ । କୁହାଯାଏ ରୀତି କାବ୍ୟ ରଚନାରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିବା ପାଇଁ ଭୀମଭୋଇ ଏ କାବ୍ୟ ରଚନା କରିଥିଲେ । ଏ କାବ୍ୟକୁ ବାଦ ଦେଲେ ତାଙ୍କର ସମସ୍ତ ରଚନା ସର୍ବଜନବୋଧ ସରଳ ଭାଷା ଓ ସାବଲୀଳ ଶୈଳୀରେ ରଚିତ । ଭୀମ ଭୋଇ ଥିଲେ ଜଣେ ଭକ୍ତ କବି । ମହିମା ଧର୍ମର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ସେ ସାଧାରଣ ଲୋକଙ୍କ ବୋଧଗମ୍ୟ ହେବାଭଳି ଭାଷାରେ ସ୍ତୁତି, ଭଜନ, ଜଣାଣ, କାବ୍ୟ ଇତ୍ୟାଦି ରଚନା କରିଥିଲେ । ତେଣୁ ତାଙ୍କ କାବ୍ୟ କବିତାରେ କାବ୍ୟିକ ସୌକୁମାର୍ଯ୍ୟ କିମ୍ବା ଯମକ, ଅନୁପ୍ରାସ ଇତ୍ୟାଦି କାବ୍ୟାଳଙ୍କାରର ପ୍ରୟୋଗ ଆଶା କରାଯାଏ ନାହିଁ । ତଥାପି ମେଘ ଦେହରେ ବିଦ୍ୟୁତ୍‌ର ଝଲକ ପରି ତାଙ୍କ କାବ୍ୟ କବିତାର ସ୍ଥାନେ ସ୍ଥନେ ବର୍ଣ୍ଣନା ପାଟବତା ଓ ଛନ୍ଦ ବୈଚିତ୍ର୍ୟ ପାଠକକୁ ଆମୋଦିତ କରେ । କବିଙ୍କର ପ୍ରକୃତି ବର୍ଣ୍ଣନାର ଏକ ଦୃଷ୍ଟାନ୍ତ ନିମ୍ନରେ ଦିଆଗଲା ଯାହାକି ଉପେନ୍ଦ୍ର ଭଞ୍ଜଙ୍କ ଋତୁ ବର୍ଣ୍ଣନାକୁ ସ୍ମରଣ କରାଇ ଦିଏ ।

" ବନ ତରୁଲତା ହୋନ୍ତି ପଲ୍ଲବିତା କେମନ୍ତେ ତାଙ୍କର ଶୃଙ୍ଗାର
ଫୁଟିଉଲେ ପୁଷ୍ପ ବାସେ କେତେ କୋଶ ମଧୁ ଚୁମ୍ବେ କେଉଁ ଭ୍ରମର ।

ନାହିଁ ତାଙ୍କ ଶୃଙ୍ଗ ଅଭେଦ ଦ୍ୱିଅଙ୍ଗ ପଦ୍ମପୁଷ୍ପ ନାହିଁ ସାଦର

ବୃକ୍ଷମାନେ କେହ୍ନେ କରନ୍ତି ରମଣ କେ ଅଟେ ବଲ୍ଲଭ ତାଙ୍କର "।

(ଭଜନ ମାଳା, ସଂଖ୍ୟା - ୧୩୯)

ରୂପ ବର୍ଣ୍ଣନାରେ ମଧ୍ୟ ଭୀମ ଭୋଇଙ୍କ ବର୍ଣ୍ଣନା ଚାତୁରୀ ପ୍ରକଟିତ ହୋଇଛି । ମହିମା ଗୋସାଇଁଙ୍କ ବର୍ଣ୍ଣନା ସେ ନିମ୍ନ ମତେ କରିଅଛନ୍ତି :

"ଶ୍ୟାମଳ ରୂପବର୍ଣ୍ଣ ସୁନ୍ଦର ଗୋ
ବଚନ ସୁଧାଧାର ମଧୁର ଗୋ ।
ଶୁଣିବା ସୂକ୍ଷ୍ମ ବିବେକ ବାହ୍ୟରେ ବ୍ରହ୍ମଙ୍କ ରୂପ
କୋଟିଏ ତେଜରେ ଜିଣା ଶରୀର ଗୋ ।
ସ୍ୱାମୀଙ୍କର ନଖପନ୍ତି ଚନ୍ଦ୍ରମା ପରାୟେ କାନ୍ତି
ଶୋଭା ଦିଶୁଅଛି ବେନି ପୟର ଗୋ ।
କି ଉପମା ଦେବି ମୁହିଁ ବର୍ଣ୍ଣିବାକୁ ଆସୁନାହିଁ
ଚାଲି ଗୋଟି ମରଗଜ ପ୍ରକାର ଗୋ ।
ବସିଥିଲେ ସିଂହଠାଣି ମେରୁ ମନ୍ଦିରକୁ ଜିଣି
କଟି ଡମରୁ କ୍ଷୀଣ ଉଦର ଗୋ ।
ବିସ୍ତାର ହିଆ ସୁବାହୁ ବ୍ରହ୍ମତେଜ ଝଲଝଲ
ବେନି କନ୍ଧେ ବୋହି ଜ୍ଞାନ ଭଣ୍ଡାର ଗୋ ।
ମୁଖପଦ୍ମ ଅରବିନ୍ଦ ଝରୁଅଛି ମକରନ୍ଦ
କୋକିଳ ବାଣୀକଣ୍ଠ ସଞ୍ଚାର ଗୋ ।"

(ଭଜନ ମାଳା, ସଂଖ୍ୟା-୨୮୪)

'ନିର୍ବେଦ ସାଧନ' ଗ୍ରନ୍ଥରେ ଆଦିମାତାଙ୍କ ରୂପ ବର୍ଣ୍ଣନା କବି ନିମ୍ନମତେ କରିଅଛନ୍ତି :

"ଶ୍ୟାମଳ ସୁନ୍ଦର ମୂରତି, ବନ୍ଦୁ ତୁମର ରୂପ କାନ୍ତି,
ବନ୍ଦୁ ତୁମର ପଦ୍ମ ପାଦ, ଗମନ ଚାଲି ମନ୍ଦମନ୍ଦ,

ଅତି ସୁନ୍ଦର କେଳିକାନ୍ତୁ, କୋମଳ ଶୋଭା ସଞ୍ଚନ୍ତୁ,
ଜନ୍ତୁ ଯୁଗଳ ଜଟି ଭାବ, ଉଦର ପାଶ କର ଯୋଗ,
ବହଇ ଉରଜ ଯୌବନ, ଆଦର ବକ୍ଷ ଯେ ସମାନ,
କନ୍ଧୁ ଭୁଷର ହସ୍ତଭୂଜ, କଣ୍ଠ କୋକିଳ ବାଣ ସ୍ୱନ'' । ଇତ୍ୟାଦି

(୧୧ଶ ଅଧ୍ୟାୟ)

ଉକ୍ତ କାବ୍ୟର ୧୨ଶ ଅଧ୍ୟାୟରେ ହର ଓ ଆଦିମାତାଙ୍କ ରତିକ୍ରୀଡ଼ା ବର୍ଣ୍ଣନା ତଥା 'ଆଦିଅନ୍ତ ଗୀତା'ରେ ଶରୀର ଭେଦ ପ୍ରସଙ୍ଗରେ ଜୀବ ପରମଙ୍କ ମିଳନରେ କାମଶାସ୍ତ୍ରର ଯେପରି ଉପଯୋଗ କରାଯାଇଛି ତାହା ବଜନ, ଜାଉଫୁଲ, ରସରକେଳି ରଚନା କାଳର ରସିକକବି ଭୀମଭୋଇଙ୍କୁ ସ୍ମରଣକୁ ଆଣେ ।

ଭୀମଭୋଇ ବିନୟ ପ୍ରକାଶ କରି ତାଙ୍କ ରଚନାରେ ବହୁବାର ନିଜକୁ ମୂର୍ଖ, ଅପଣ୍ଡିତ, ଶିଶୁବୁଦ୍ଧି,ମୂଢ଼ ଯାହା କହିଦିଅନ୍ତି ସେ ଲେଖନ୍ତି ଇତ୍ୟାଦି କହିଥିଲେ ବି ହିନ୍ଦୁ ପୁରାଣ ଶାସ୍ତ୍ରରେ ସେ ଯେ ଗଭୀର ଅବଗାହୀ ଥିଲେ ତାଙ୍କ ନିଜ କାବ୍ୟକୃତିରୁ ଏହାର ପରିଚୟ ମିଳିଥାଏ । ସହଜାତ ପ୍ରତିଭା, ତୀକ୍ଷ୍ଣଧୀମତା, ଦିବ୍ୟ ଅନ୍ତର୍ଦୃଷ୍ଟି ଓ ଐକାନ୍ତିକ ନିଷ୍ଠା ବଳରେ ସେ ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରିବା ସହିତ ଅନୁପମ ସାରସ୍ୱତ ଗୌରବ ଅର୍ଜନ କରି ଅଛନ୍ତି । ଏ କ୍ଷେତ୍ରରେ ଓଡ଼ିଆ ସାହିତ୍ୟରେ ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଭୀମ ଭୋଇଙ୍କ ପର୍ଯ୍ୟନ୍ତ ଦୃଷ୍ଟାନ୍ତର ଅଭାବ ନାହିଁ । ଭୀମ ଭୋଇ ଯେ ସ୍ୱପ୍ରତିଭା ସଂପର୍କରେ ସଚେତନ ଥିଲେ ତା'ର ସୂଚନା ସେ ତାଙ୍କ ରଚନାରେ ଅନେକ ସ୍ଥାନରେ ଦେଇ ଅଛନ୍ତି । 'ସ୍ତୁତି ଚିନ୍ତାମଣି'ର ଅଷ୍ଟତ୍ରିଂଶ ବୋଲିରେ ସେ କହିଅଛନ୍ତି- 'କବିକୃତ୍ୟ ପଦ ପ୍ରଭୁ ଦେଇଅଛ ବାଛିବି କି ନାହିଁ ପୋଥି ।' ଉକ୍ତ ଗ୍ରନ୍ଥର ଦ୍ୱାବିଂଶ ବୋଲିରେ ସେ ପୁଣି ଗଭୀର ଆତ୍ମବିଶ୍ୱାସର ସହ ବ୍ୟକ୍ତ କରିଛନ୍ତି, 'ପୂର୍ବଜନ୍ମ ଘୋର ତପସ୍ୟା ପୁଣ୍ୟରୁ ହୋଇଲି କବି ପଣ୍ଡିତ ।' 'ସ୍ତୁତିଚିନ୍ତାମଣି'ର ଏକ ଶତ ଓ ସତୁରୀ ବୋଲି ତଥା କେତେକ ଭଜନରେ ସେ ନିଜକୁ କବିକୁଳ ଚାନ୍ଦ, କବିକୁଳ ବୀରବର ବୋଲି ଅଭିହିତ କରିଅଛନ୍ତି । ଏହା ଏକ ମଧ୍ୟଯୁଗୀୟ ପରମ୍ପରା । କବି ଉପେନ୍ଦ୍ର ଭଞ୍ଜ

ତାଙ୍କର 'ରସପଞ୍ଚକ'ର ପଞ୍ଚମ ପଞ୍ଚକରେ 'କବିତ୍ୱ ଛନ୍ଦବନ୍ଧେ କେ ସମାନ', 'କବିସର୍ବ ପର୍ବତକୁ  କୁଳିଶ' କହି ଆତ୍ମଗୌରବ ପ୍ରଖ୍ୟାପନ କରି ଅଛନ୍ତି । ପ୍ରତିଭାବାନ ସାରସ୍ୱତ ସାଧକମାନଙ୍କ ପକ୍ଷରେ ଏପ୍ରକାର ଆତ୍ମପ୍ରଶଂସା ମୂଳକ ଉକ୍ତି ଆତ୍ମ ଶ୍ଲାଘା ନୁହେଁ, ଗଭୀର ଆତ୍ମ ପ୍ରତ୍ୟୟରହିଁ ନିଦର୍ଶନ ।

# ଭୀମ ଭୋଇଙ୍କ ରଚନା ବଳୀ

ଭୀମଭୋଇଙ୍କର ସମସ୍ତ କାବ୍ୟକୃତି ଏଯାବତ ଲୋକଲୋଚନକୁ ଆସିପାରି ନାହିଁ । ତାଙ୍କର କେତେକ ଭଜନ, ଜଣାଣ ତଥା ତାଳପତ୍ର ପୋଥି ମହିମା ଭକ୍ତ ବା ବ୍ୟକ୍ତି ବିଶେଷଙ୍କ ପାଖରେ ତଥାପି ରହିଥିବାର ଅନୁମାନ କରାଯାଏ । ଏଥି ମଧ୍ୟରେ ଓଡ଼ିଆ ମିଶା ବଙ୍ଗଳା ଭାଷାରେ ରଚିତ 'ମହିମା ବିନୋଦ' (୪ଖଣ୍ଡ) ଅନ୍ତର୍ଭୁକ୍ତ । ବହୁତ ବର୍ଷ ଧରି ପୋଥି ଆକାରରେ ଥିବା କବିଙ୍କର 'ମନୁସଭା ମଣ୍ଡଳ' ନାମକ ଏକ ପୁସ୍ତକ ନିକଟରେ ପ୍ରକାଶ ପାଇଛି । ଅନ୍ୟମାନଙ୍କ ଦ୍ୱାରା ରଚିତ କେତେକ ଭଜନ, ଜଣାଣ ଓ ପୁସ୍ତକ ଭୀମଭୋଇଙ୍କ ନାମରେ ଭଣିତା ଥାଇ ପ୍ରଚଳିତ ଥିବାର ଜଣାଯାଏ । 'ପଦ୍ମକଳ୍ପ' ଓ 'ବ୍ରହ୍ମତାଳକ' ଏହି ଧରଣର ଦୁଇଟି ପୁସ୍ତକ ବୋଲି ଅଧ୍ୟାପକ ରାମଚନ୍ଦ୍ର ଦାସ ତାଙ୍କର ଗବେଷଣାତ୍ମକ 'କବି ଭୀମଭୋଇ' ପୁସ୍ତକରେ ଉଲ୍ଲେଖ କରି ଅଛନ୍ତି । 'ପଦ୍ମକଳ୍ପ'ରେ ଭାରତର ସ୍ୱାଧୀନତା ସଂଗ୍ରାମ ବିଷୟ ବର୍ଣ୍ଣିତ ହୋଇ ଗାନ୍ଧି, ମଦନ ମାଳବ୍ୟ, ମୋତିଲାଲ ନେହରୁ, ପଟେଲ, ମହମ୍ମଦ ଅଲୀ ପ୍ରଭୃତିଙ୍କ ନାମ ଉଲ୍ଲେଖ କରାଯାଇଛି ଯେଉଁମାନେ କି ଭୀମଭୋଇଙ୍କ ତିରୋଧାନର ଅନେକ ବର୍ଷ ପରେ ରାଜନୀତିରେ ପ୍ରବେଶ କରିଥିଲେ । ଭୀମଭୋଇଙ୍କ ତିରୋଧାନର ପ୍ରାୟ ତିରିଶ ବର୍ଷ ପରେ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରାଚୀ ସମିତି ତାଙ୍କର 'ସ୍ତୁତି ଚିନ୍ତାମଣି', 'ବ୍ରହ୍ମନିରୂପଣ ଗୀତା' ପ୍ରଭୃତି କେତେକ ପୁସ୍ତକର ପ୍ରକାଶନ ଦାୟିତ୍ୱ ନେଇଥିଲେ । ଏହାର ବହୁବର୍ଷପରେ ଶ୍ରୀ କରୁଣାକର ସାହୁଙ୍କ ଦ୍ୱାରା ସଂପାଦିତ ଓ କଟକର ଧର୍ମଗ୍ରନ୍ଥ ଷ୍ଟୋର ଦ୍ୱାରା ପ୍ରକାଶିତ 'ଭକ୍ତକବି ଭୀମ ଭୋଇ ଗ୍ରନ୍ଥାବଳୀ' ଏବଂ ଶ୍ରୀ ଦୀନ୍ କିଶୋର ଦାସଙ୍କ ଦ୍ୱାରା ସଂପାଦିତ 'ଭୀମଭୋଇ ଗ୍ରନ୍ଥାବଳୀ' ପ୍ରକାଶ ପାଇବା ଦ୍ୱାରା ସାଧାରଣ ପାଠକ ଭୀମ ଭୋଇଙ୍କ କାବ୍ୟ କବିତା ସହିତ ପରିଚିତ ହେବାର ସୁଯୋଗ ପାଇଲେ । ଏ ଦୁଇଟି ଗ୍ରନ୍ଥାବଳୀରେ ଲୋକ ଲୋଚନକୁ ଆସିଥିବା ଭୀମ ଭୋଇଙ୍କ ରଚନାବଳୀ ଯଥା ସମ୍ଭବ ସଂଗୃହୀତ ହୋଇ ପ୍ରକାଶ ପାଇଥିବାରୁ ଗ୍ରନ୍ଥାବଳୀର ସଂପାଦକ ଦ୍ୱୟ ତଥା ପ୍ରକାଶକମାନେ ଓଡ଼ିଶାବାସୀଙ୍କର ଧନ୍ୟବାଦାର୍ହ । ଏ ପୁସ୍ତକର ପରିଶିଷ୍ଟ-୧ରେ ବିଭିନ୍ନ ସୂତ୍ରରୁ ସଂଗୃହୀତ ଭୀମଭୋଇଙ୍କ ରଚନା ବଳୀର ଏକ ତାଲିକା ଦେବାର ପ୍ରୟାସ କରାଯାଇଛି ।

ପ୍ରକାଶ ପାଇଥିବା ଭୀମଭୋଇଙ୍କ ରଚନାବଳୀ ମଧ୍ୟରେ ସ୍ତୁତି ଚିନ୍ତାମଣି, ଭଜନ ମାଳା, ବ୍ରହ୍ମନିରୂପଣ ଗୀତା, ଆଦିଅନ୍ତ ଗୀତା, ଅଷ୍ଟକ ବିହାରୀ ଗୀତା, ନିର୍ବେଦ ସାଧନ, ଶ୍ରୁତିନିଷେଧ ଗୀତା, ଚଉତିଶା, ଜଣାଣ ଆଠ ଭଜନ ଓ ମନୁମଣ୍ଡଳ ସଭା ସଂପର୍କରେ ସଂକ୍ଷିପ୍ତ ଆଲୋଚନା ନିମ୍ନରେ ପ୍ରଦତ୍ତ ହେଲା ।

ସ୍ତୁତି ଚିନ୍ତାମଣି :- ଭୀମ ଭୋଇଙ୍କ ରଚନାବଳୀ ମଧ୍ୟରେ 'ସ୍ତୁତି ଚିନ୍ତାମଣି'ର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏକ ଶତ ବୋଲି ବିଶିଷ୍ଟ ଏହି ଗ୍ରନ୍ଥ ଦୁଇ ସହସ୍ର ପଦରେ ସଂପୂର୍ଣ୍ଣ । ବୋଲି ଏକ ପ୍ରାଚୀନ କାବ୍ୟ ରୀତି । ଓଡ଼ିଆ ରୀତି କାବ୍ୟ ସମ୍ପର୍କରେ ବିଶେଷ ଗବେଷଣା କରିଥିବା ପ୍ରଫେସର ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ) ଏକଛାନ୍ଦ ବିଶିଷ୍ଟ ରଚନା 'ବୋଲି' ନାମରେ ପରିଚିତ ବୋଲି କହି ଅଛନ୍ତି । 'ସ୍ତୁତି ଚିନ୍ତାମଣି'ର ପ୍ରତ୍ୟେକ ବୋଲିରେ କୋଡ଼ିଏଟି ପଦ ରହିଛି ଏବଂ ପ୍ରତ୍ୟେକ ପଦ ଦୁଇ ପାଦ ବିଶିଷ୍ଟ । ମହିମା ଧର୍ମତତ୍ତ୍ୱ, ନୀତି ନିୟମ ଇତ୍ୟାଦି ଏଥିରେ ବର୍ଣ୍ଣିତ ହୋଇଥିଲେ ବି ଏ ପୁସ୍ତକର ବିଶେଷ ଆକର୍ଷଣ ହେଉଛି ଭୀମଭୋଇଙ୍କର ହୃଦୟସ୍ପର୍ଶୀ ଆତ୍ମଜୀବନୀମୂଳକ ବିବରଣୀ । ବ୍ୟକ୍ତିନିଷ୍ଠ ଅନୁଭୂତିର ଗୀତିମୟ ପ୍ରକାଶ ଯୋଗୁଁ ଏହି କବିତାବଳୀକୁ ଗୀତିକବିତା ପର୍ଯ୍ୟାୟ. ଭୁକ୍ତ କରାଯାଇପାରେ । ଫକୀର ମୋହନ ସେନାପତି ତାଙ୍କର 'ଆତ୍ମଜୀବନ ଚରିତ' ଲେଖିନଥିଲେ ତାଙ୍କ ଜୀବନର ଅନେକ ଘଟଣା ହୁଏତ ଚିରକାଳ ପାଇଁ ଲୋକ ଲୋଚନ ଅନ୍ତରାଳରେ ରହିଯାଇଥାନ୍ତା । ସେହିଭଳି ଭୀମଭୋଇ 'ସ୍ତୁତି ଚିନ୍ତାମଣି' ଲେଖିନଥିଲେ ତାଙ୍କ ଜୀବନ ସଂପର୍କରେ ଯେତିକି ଜାଣିବାକୁ ମିଳୁଛି ତାହା ମଧ୍ୟ ରହସ୍ୟାବୃତ ହୋଇ ରହିଥା'ନ୍ତା । ଭୀମଭୋଇ ଥିଲେ ନିର୍ଭୀକ, ସତ୍ୟନିଷ୍ଠ ଓ ସ୍ପଷ୍ଟବାକ୍- "ସତ୍ୟରେ ମରିବି ସତ୍ୟରେ ତରିବି ଏହି ଆଜ୍ଞା ମୋତେ ହେଉ । କହେ ଭୀମଭୋଇ ଏ ମୃତ୍ୟୁ ମଣ୍ଡଳେ ଯଶ ଅପଯଶ ଥାଉ", (ସ୍ତୁତିଚିନ୍ତାମଣି, ବୋଲି-୨୬) । ଏକ ଦରିଦ୍ର ଶ୍ରମଜୀବୀ କନ୍ଧ ପରିବାରରେ ଲାଳିତପାଳିତ ଭୀମଭୋଇ ତାଙ୍କ ବାଲ୍ୟ ଓ କୈଶୋର ଜୀବନରେ ଯେଉଁ ଅକଥନୀୟ ଦୁଃଖ ଓ ନିର୍ଯ୍ୟାତନା ଭୋଗ କରିଥିଲେ ନିଃଶଙ୍କୋଚରେ ତାର ମର୍ମସ୍ପର୍ଶୀ ବିବରଣୀ ସେ ଏ ପୁସ୍ତକରେ ଦେଇ ଅଛନ୍ତି :

"ରକ୍ଷା କରିବାକୁ ଘୋର ବଣା ଦୁଃଖୁଁ ସଖା ସୋଦର ମୋ ନାହିଁ,
ନାହିଁ ତାତ ମାତ ଇଷ୍ଟ ବନ୍ଧୁ ଭ୍ରାତ ଅନାଥ ପ୍ରାଣୀ ଅଟଇ ।
ଲେଖିଅଛୁ ଯାହା ଭୁଞ୍ଜୁଅଛି ତାହା ଅଦୃଷ୍ଟ କର୍ମକୁ ମାନି,
ପୋଷୁଛି ଉଦର ଦିବସ ଅନ୍ତରେ ଦୁଃଖ ପଡ଼ି ମୁଠେ ଆଣି" ।

(ବୋଲି-୨)

ପୁନଶ୍ଚ -

"ଜନ୍ମରେ ମୁଁ ଏକା କର୍ମରେ ନିଶାଖା ଅଟଇ ହେ ନିରିମାକ୍ଷୀ,
ଅବୋଧରେ ମୋତେ କିଅର୍ଥେ ବଣ୍ଡୁଛ ଚନ୍ଦ୍ରସୂର୍ଯ୍ୟଛନ୍ତି ସାକ୍ଷୀ ।
ନାହିଁ ବାଡ଼ିବୃତ୍ତି ବିଶ୍ରାମରେ ସିନି ଜନ୍ମଜନ୍ମାନ୍ତରେ ଦୁଃଖୀ,
ବିବେକ ନକରି ମାରୁଅଛ ଧରି କି କି ଅପରାଧ ଦେଖି ।
ତୁହଇ ଦାମ୍ଭିକ ନାସ୍ତିକ କପଟୀ ଧର୍ମ ଆଶ୍ରିତର ପ୍ରାଣୀ,
କର୍ମଲେଖା ଯୋଗ ଭୁଞ୍ଜୁଅଛି ଭୋଗ କି କି ଦୋଷ କଲି ପୁଣି" ।

(ବୋଲି -୩)

ଭୀମଭୋଇ ମହିମା ଗୋସାଇଁଙ୍କ ଦ୍ୱାରା ମହିମା ଧର୍ମରେ ଦୀକ୍ଷିତ ହେବା ପରେ କିଛି କାଳ ପାଇଁ ସନ୍ନ୍ୟାସ ଜୀବନ ଯାପନ କରି ମହିମା ଧର୍ମ ପ୍ରଚାରରେ ନିଯୁକ୍ତ ଥିଲେ । ପରେ ଗୁରୁଙ୍କଠାରୁ ଅନୁମତି ନେଇ ଗୃହସ୍ଥାଶ୍ରମ ଗ୍ରହଣ କରି ସୋନପୁର ରାଜ୍ୟସ୍ଥ ଖଲିଆପାଲି ଆଶ୍ରମରେ ସେ ଶେଷ ଜୀବନ ପର୍ଯ୍ୟନ୍ତ ଅବସ୍ଥାନ କରିଥିଲେ । ଏଠାରେ ସ୍ତ୍ରୀ, ପୁତ୍ର, କନ୍ୟାଙ୍କୁ ନେଇ ସେ ସମସ୍ତ ପ୍ରକାର ସାଂସାରିକ ସୁଖ ସୁବିଧା ଭୋଗ କରିବାର ସୁଯୋଗ ପାଇଥିଲେ ବି ତାଙ୍କ ଭିତରେ ସନ୍ନ୍ୟାସ ସତ୍ତା ଓ ଗୃହସ୍ଥ ସତ୍ତା ମଧ୍ୟରେ ଏକ ମାନସିକ ଦ୍ୱନ୍ଦ୍ୱ ଶେଷ ପର୍ଯ୍ୟନ୍ତ ରହିଯାଇଥିଲା ଯାହାର ପରିପ୍ରକାଶ 'ସ୍ତୁତି ଚିନ୍ତାମଣି'ରେ ଏକାଧିକବାର ହୋଇଛି । ଗୋଟିଏ ସ୍ଥାନରେ ଗୁରୁଙ୍କ ପ୍ରତି ଅଭିମାନ ପ୍ରକାଶ କରି ସେ କହିଅଛନ୍ତି :

ମୁହିଁ ସିନା ନ ଚାହିଁଛି ମହାପ୍ରଭୁ ତୁମ୍ଭେତ ସକଳ ଜାଣ,
ଗୃହପଦ ଭୋଗ ନ ମାଗନ୍ତୁ ବୋଲି ମୋଡ଼ି ଥାନ୍ତ ମୋର କାନ.....

ଏବେ ମୁଁ ପଡ଼ିଲି ବିଷୟ ଫାନ୍ଦରେ ଭୟ ମାଡ଼ୁଅଛି ମୋତେ,
ଅଳ୍ପ ପ୍ରାୟ ମୁହିଁ ଭ୍ରମି ମରୁଅଛି ଆତଙ୍କେ ଡାକୁଛି ତୋତେ ।"

(କୋଇଲି -୫୯)

ପୁଣି ଅନ୍ୟତ୍ର ନିଜ ମନକୁ ବୁଝାଇବାକୁ ଯାଇ ସେ କହି ଅଛନ୍ତି :

" ନାମଟି ଅକ୍ଷୟ ଅଜନ୍ମ ଅଜୟ ଚାରିଯୁଗେ ସେବେ ସତ୍ୟ,
ସୁହେଥାଇ ବିହିତ କର୍ମେ ଚାଲିଲେ ସବୁ ହେବ ପରାପତ ।"

(କୋଇଲି-୨୯)

'ସ୍ତୁତି ଚିନ୍ତାମଣି' ତା'ର ମହିମା ଧର୍ମ ତତ୍ତ୍ୱ ଓ ନୀତି ନିୟମ ପ୍ରଖ୍ୟାପନ ପାଇଁ କେବଳ ନୁହେଁ, ଏକ ମହାନ ବ୍ୟକ୍ତିତ୍ୱର ଅକପଟ ଆତ୍ମଲିପି ରୂପେ ପାଠକଙ୍କ ନିକଟରେ ଏହାର ଆବେଦନ ସର୍ବାଧିକ ।

**ବୃହତ୍ ଭଜନମାଳା -**

ଧର୍ମଗ୍ରନ୍ଥ ଷ୍ଟୋର, କଟକଙ୍କ ଦ୍ୱାରା ପ୍ରକାଶିତ 'ଭକ୍ତକବି ଭୀମଭୋଇ ଗ୍ରନ୍ଥାବଳୀ'ରେ ଭୀମଭୋଇଙ୍କର ୩୧୦ଟି ଭଜନ-ସଂଗୃହୀତ ହୋଇ ପ୍ରକାଶ ପାଇଛି । ଭଜନ ଗୁଡ଼ିକ ଦୁଇଟି ଭାଗରେ ବିଭକ୍ତ ଏବଂ ଅଳ୍ପ କେତୋଟି ଭଜନକୁ ବାଦ ଦେଲେ ପ୍ରତ୍ୟେକ ଭଜନର ପଦ ସଂଖ୍ୟା ଛଅ । ଭଜନଗୁଡ଼ିକ ପାରମ୍ପରିକ ରୀତିରେ ରଚୟିତାଙ୍କ ନାମରେ ଭଣିତା ହୋଇଛି । ପରଂବ୍ରହ୍ମଙ୍କ ସ୍ୱରୂପ ନିରୂପଣ, ଗୁରୁ ମହିମା ସ୍ୱାମୀଙ୍କ ପ୍ରତି ଭକ୍ତି ନିବେଦନ, ମହିମା ଧର୍ମର ନୀତିନିୟମ ପ୍ରଖ୍ୟାପନ, ମହିମା ଧର୍ମ ମତେ ସୃଷ୍ଟିତତ୍ତ୍ୱ ଇତ୍ୟାଦି ବିଷୟ ଭଜନ ଗୁଡ଼ିକରେ ସରଳ ସର୍ବଜନବୋଧ୍ୟ ଭାଷାରେ ପ୍ରକାଶ ପାଇଛି । ଭଜନ ଗୁଡ଼ିକର ଛନ୍ଦବୈଚିତ୍ର୍ୟ ଓ ଗୀତିମୟତା ପାଠକକୁ ମୁଗ୍ଧକରେ । ଭକ୍ତମାନଙ୍କ ଦ୍ୱାରା ଏଗୁଡ଼ିକ ଗାନ ହେବା ପାଇଁ ଉଦ୍ଦିଷ୍ଟ । ମହିମା ଭକ୍ତମାନେ ପ୍ରାତଃ ଓ ସାୟଂ କାଳରେ ଭକ୍ତିପୂତ ଚିତ୍ତରେ ଏଗୁଡ଼ିକୁ ଗାନ କରି ଅଲେଖ ପରଂବ୍ରହ୍ମଙ୍କୁ ଭକ୍ତିନିବେଦନ କରିଥା'ନ୍ତି । ପ୍ରାତଃ କାଳରେ ମହିମା ଭକ୍ତମାନଙ୍କ ଦ୍ୱାରା ଗାନ କରାଯାଉଥିବା ଗୋଟିଏ ଭଜନର କିୟଦଂଶ ଏହିପରି :

"ଘଟସ୍ୱାମୀ ବ୍ରହ୍ମାଣ୍ଡ ଠାକୁର ହେ, ବିଜେ କର,
ବେଳ ହେଉଛି ଉଚ୍ଛୁର ।
ରଜନୀ ହୋଇଲା ଶେଷ    ହୁଅ ପ୍ରାତଃ ଅବକାଶ
ମୁଖ ପଖାଳ ସୁବାସ    ନିଶି ହୋଇଲାଣି ଶେଷ
ଆଣିଛନ୍ତି ଶୂନ୍ୟ ଗଙ୍ଗା ନୀର ହେ ।"

(ଭଜନମାଳା, ସଂଖ୍ୟା -୮୧)

ଉପନିଷଦରେ ବ୍ରହ୍ମ ସର୍ବବ୍ୟାପୀ; ଭିତରେ ବାହାରେ ସର୍ବତ୍ର ପରିବ୍ୟାପ୍ତ ବୋଲି କୁହାଯାଇଛି । ଏହି ଉପନିଷଦୀୟ ଭାବଧାରାକୁ ଭୀମଭୋଇ ଏକ ଭଜନରେ ଅତି ସରଳ ଭାବରେ ଜଳରେ ବୁଡ଼ିଥିବା ଏକ ମାଠିଆ ସହିତ ତୁଳନା କରି ବ୍ୟକ୍ତ କରିଅଛନ୍ତି :

"ଅନାହତ ବିହାରୀ,
ଆବୋରିଛି କାୟେ, ଜଳେ କୁମ୍ଭ ପ୍ରାୟେ
ଭିତର ବାହାରେ ପୂରି ।"

ଅନେକ ଭଜନରେ ଭୀମ ଭୋଇ ଗୁରୁ ମହିମା ଗୋସାଇଁଙ୍କ ଗୁଣ କୀର୍ତ୍ତନ କରିବା ସହିତ ତାଙ୍କ ପ୍ରତି ଅନ୍ତରର ଭକ୍ତି ନିବେଦନ କରିଅଛନ୍ତି :

"ନୁହନ୍ତି ଜାତି ଅଜାତି    ନାହିଁ ତାଙ୍କ ସାଙ୍ଗ ସାଥୀ
ଇଷ୍ଟ ବନ୍ଧୁ ତାତ ମାତ ନ ବସେ ମିତ ।
ନାହିଁ ଯା'ର ରୂପ କାୟା    ତାଙ୍କୁ କି ଲାଗିବ ମାୟା
ନୁହନ୍ତି ସେ ପ୍ରଭୁ ଯୋନି ଜନମ ଜାତ ।
ବିଜାତିଆ ହେଲେ ଯହିଁ    ଉବେ ହେଲେ ମହାବାହୁ
ଜାତିଆ କରିବେ ପ୍ରଭୁ ଯେତେ ଭକତ ।
ବ୍ରହ୍ମ ଅନଳେ ଝୋଡ଼ିବେ ନାମ ଜଳେ ପଖାଳିବେ
ନିର୍ମୋହା ଅଙ୍ଗେ ଥୋଇବେ କରି ନିର୍ମିତ ।"

(ଭଜନ ମାଳା, ସଂଖ୍ୟା-୧୧)

ଓଡ଼ିଆ ସାହିତ୍ୟରେ ଭୀମଭୋଇଙ୍କ ପରି ଏତେ ସଂଖ୍ୟକ ଭଜନ ଅନ୍ୟ କୌଣସି କବି ରଚନା କରି ନାହାନ୍ତି । ତାଙ୍କ ପୂର୍ବବର୍ତ୍ତୀ ଓଡ଼ିଆ ଭକ୍ତକବିମାନଙ୍କ ଦ୍ୱାରା ବ୍ୟବହୃତ ଶୂନ୍ୟ, ଠୂଳ ଶୂନ୍ୟ, ଅକଳା ମଣ୍ଡଳ, ଅଭାଇ ମଣ୍ଡଳ, ଅମନ ମନ୍ଦିର, ଅଗମ୍ୟରେ ଗମିବ ଇତ୍ୟାଦି ବହୁ ଆଧ୍ୟାତ୍ମିକ ପରିଭାଷାର ବହୁଳ ପ୍ରୟୋଗ ତାଙ୍କ ଭଜନ ଗୁଡ଼ିକରେ ଦେଖିବାକୁ ମିଳେ ।

ବ୍ରହ୍ମ ନିରୂପଣ ଗୀତା - ମହିମା ଧର୍ମତତ୍ତ୍ୱ ସରଳ ଭାଷା ଓ ସାବଲୀଳ ଶୈଳୀରେ ଏ ଗ୍ରନ୍ଥରେ ପ୍ରକାଶ କରାଯାଇଛି । ଗ୍ରନ୍ଥଟି ତେରହ ଅଧ୍ୟାୟ ବିଶିଷ୍ଟ । ଶ୍ରୀ ଗୁରୁଦେବ ଓ ନିରାକାରଙ୍କ ମଧ୍ୟରେ କଥୋପକଥନ ଛଳରେ ମହିମା ଧର୍ମର ଦର୍ଶନ ତତ୍ତ୍ୱ ଯେପରି ପ୍ରାଞ୍ଜଳ ଭାବରେ ଏଥିରେ ଉପସ୍ଥାପନ କରାଯାଇଛି ଜଣେ ବ୍ରହ୍ମଜ୍ଞ ସାଧକଙ୍କ ପକ୍ଷରେ କେବଳ ତାହା ସମ୍ଭବ । ବ୍ରହ୍ମ ନିରାକାର, ଅନାଦ୍ୟନ୍ତ, ଅନନ୍ତ ଏବଂ ଅବର୍ଣ୍ଣନୀୟ । ବେଦ, ଉପନିଷଦରେ ଏହି ଇନ୍ଦ୍ରିୟାତୀତ ଐଶୀସତ୍ତାର ସ୍ୱରୂପ ନିର୍ଣ୍ଣୟ କରିବା ପାଇଁ ବହୁ ପ୍ରୟାସ କରାଯାଇଥିଲେ ବି ତାହା ତଥାପି ରହସ୍ୟମୟ ହୋଇ ରହିଛି । ଯେଉଁ ବ୍ରହ୍ମ ଅରୂପ ହୋଇଥିବାରୁ ପ୍ରତ୍ୟକ୍ଷ ଗୋଚର ନୁହଁନ୍ତି ତାଙ୍କୁ କେବଳ ରହସ୍ୟମୟ ଭାବରେ ହିଁ ବର୍ଣ୍ଣନା କରାଯାଇ ପାରେ ।

''ରୂପ ପ୍ରାଏ ବିଶ୍ୱ ଅଛି ସାକ୍ଷାତେ ଅରୂପ
ଦେହ ପ୍ରାୟେ ଦିଶୁଅଛି ଅଦେହ ସ୍ୱରୂପ ।
ଜାଜଲ୍ୟ ପରାଏ ଦିଶେ ଜାଜଲ୍ୟ ନୁହନ୍ତି
ବାଳ ଶୀଳ ପ୍ରାୟ ଦିଶେ ଆବଲ୍ୟ ମୂରତି ।
ସଂଜ୍ୟୋତି ପରାଏ ଦିଶେ ଦଇବେ ଅଜ୍ୟୋତି
ଜ୍ୟୋତିର୍ଲିଙ୍ଗ ପ୍ରାଏ ଦିଶେ ସ୍ୱ ଭାବେ ଅଜ୍ୟୋତି ''। ଇତ୍ୟାଦି

(ବ୍ରହ୍ମନିରୂପଣ ଗୀତା, ୪ର୍ଥ ଅଧ୍ୟାୟ)

ଉପନିଷଦରେ ମଧ୍ୟ ବ୍ରହ୍ମ କ'ଣ ନୁହନ୍ତି ଏପରି ଏକ ନକାରାତ୍ମକ ରୀତିରେ ତାଙ୍କର ସ୍ୱରୂପ ନିର୍ଣ୍ଣୟ କରିବାର ପ୍ରୟାସ କରାଯାଇଛି । ଭୀମଭୋଇ ଉକ୍ତି ତତ୍ତ୍ୱର ବିଶଦ ଆଲୋଚନା ଏ ଗ୍ରନ୍ଥରେ କରିଅଛନ୍ତି । ପ୍ରକୃତ ଭକ୍ତ ହେବାକୁ ହେଲେ ଶୁଷ୍କ ଶାସ୍ତ୍ରଜ୍ଞାନ

କିମ୍ବା ଟିକା, ପଇତା, ଡୋର, କଉପୁନୀ ଇତ୍ୟାଦି ବାହ୍ୟ ଉପଚାରର କୌଣସି ପ୍ରୟୋଜନ ନାହିଁ । ସରଳ ଶୁଦ୍ଧ ଚିତ୍ତରେ ବ୍ରହ୍ମଙ୍କ ଠାରେ ଆତ୍ମସମର୍ପଣହିଁ ମୁକ୍ତି ଲାଭର ଏକମାତ୍ର ମାର୍ଗ ।

" ମହାବ୍ରହ୍ମେ ଆଶ୍ରାକଲେ ମାୟା ମୋହ ଯାଇ
ବଡଲୋକଙ୍କୁ ସେବିଲେ ମହତ୍ତ୍ୱଟି ପାଇ ।
ଯେବେ ପ୍ରଭୁଙ୍କୁ ଭଜିବୁ କର ତେବେ ବୁଦ୍ଧି
ନ୍ୟାୟକୁ ବିଚାରିଥିବୁ ଯେସନେ ବାରିଧି ।
ରୂପେ ଥାଇ ଅରୂପକୁ ଲଗାଅ ତୁ ଦୃଷ୍ଟି
ତେବେ କ୍ଷଏ ଯିବ ତୋର କଳ୍ପନା ଅରିଷ୍ଟି ।
ବେଦେ ଥାଇ ନିର୍ବେଦକୁ ଧ୍ୟାନରୁ କରିବୁ
ବେଦାନ୍ତ ଛାଡ଼ିଲେ ଅରୂପରେ ଲୀନ ହେବୁ ।"

(୧୪ଶ ଅଧ୍ୟାୟ)

ଏହି ପୁସ୍ତକର ଷଷ୍ଠ ଅଧ୍ୟାୟରେ କବି 'ମହାନିତ୍ୟ ମଣ୍ଡଳ'ର ବର୍ଣ୍ଣନା କରିବାକୁ ଯାଇ ସେଠାରେ ଥିବା ସମସ୍ତ ଲୋକ ବିଷ୍ଣୁପନ୍ଥୀ ଓ ଚତୁର୍ଭୁଜାମୂର୍ତ୍ତି, ସୂର୍ଯ୍ୟଚନ୍ଦ୍ର ସେଠାରେ ଦୀପ ସ୍ୱରୂପ, ରାତ୍ରିଦିନ ଏକ ଇତ୍ୟାଦି ଉଲ୍ଲେଖ କରି ଶୂନ୍ୟ ବ୍ରହ୍ମଙ୍କ ଅଧିଷ୍ଠାନ ଏହି ରହସ୍ୟମୟ ସ୍ଥାନର ବର୍ଣ୍ଣନାରେ ନିଜ କଳ୍ପନା ଶକ୍ତି ଓ ବର୍ଣ୍ଣନା ଚାତୁରୀର ପରାକାଷ୍ଠା ପ୍ରଦର୍ଶନ କରିଅଛନ୍ତି । ମହିମା ଧର୍ମ ଓ ଦର୍ଶନର ବିଶଦ ଆଲୋଚନା ହୋଇଥିବା ଦୃଷ୍ଟିରୁ 'ବ୍ରହ୍ମନିରୂପଣ ଗୀତା' ମହିମା ଧର୍ମାବଲମ୍ବୀ ମାନଙ୍କ ଦ୍ୱାରା ସେମାନଙ୍କର ଏକ ଧର୍ମଶାସ୍ତ୍ର ରୂପେ ମାନ୍ୟତା ପାଇଥାଏ ।

ଆଦିଅନ୍ତ ଗୀତା - ଦ୍ୱାଦଶ ଅଧ୍ୟାୟ ବିଶିଷ୍ଟ 'ଆଦିଅନ୍ତ ଗୀତା' ଭୀମ ଭୋଇଙ୍କର ଏକ ଭିନ୍ନ ଧରଣର ରଚନା । ଏଥିରେ ଜୀବ (ସ୍ତ୍ରୀ) ଓ ପରମ (ସ୍ୱାମୀ) ଙ୍କ କଥୋପକଥନ ଶୈଳୀରେ ଶରୀରାର୍ଥଭେଦ ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । ଶରୀର ମଧ୍ୟରେ ତେତିଶ କୋଟି ଦେବତା, ନବଲକ୍ଷତାରା, ଅଷ୍ଟକୁଳନାଗ, ଛପ୍ପନକୋଟି ଜୀବଜନ୍ତୁ,

ଜାତିଧର୍ମ, ବିଭିନ୍ନ ଧାମ, ବିଭିନ୍ନ ଶାସ୍ତ୍ର, ବିଭିନ୍ନ ମୁନି ଋଷି ଇତ୍ୟାଦି ସମସ୍ତ ଅଛନ୍ତି । ଏ ଭେଦ କେବଳ ସାଧୁ ସନ୍ଥ ମାନଙ୍କୁ ଗୋଚର ।

"ଏ ପିଣ୍ଡ ବ୍ରହ୍ମାଣ୍ଡ ସହିଗୋ ଏକମତ,
ଏକାନ୍ତେ ଭେଦି ଜାଣନ୍ତି ଗୋ ସାଧୁ ସନ୍ଥ ।"

(୩ୟ ଅଧ୍ୟାୟ)

ରାମାୟଣ, ମହାଭାରତ ଓ ଅନ୍ୟାନ୍ୟ ହିନ୍ଦୁ ପୁରାଣ ମାନଙ୍କର ବିଭିନ୍ନ ଚରିତ୍ର ସହିତ ମଣିଷ ସ୍ୱଭାବର ସୁଗୁଣ ଓ ଦୁର୍ଗୁଣ ଗୁଡ଼ିକୁ ଏ ପୁସ୍ତକରେ ଚିହ୍ନିତ କରାଯାଇଛି, ଯେପରିକି ରାବଣ ସହିତ ଭାଗର, ସୁମନ୍ତ ମନ୍ତ୍ରୀଙ୍କ ସହିତ ସମବୁଦ୍ଧି, ଦେବକୀଙ୍କ ସହ ପୁଣ୍ୟର ଇତ୍ୟାଦି । କାମ ଶାସ୍ତ୍ର ମତେ ନାରୀ ପୁରୁଷଙ୍କର ମିଳନ ଚିତ୍ର ଏ ପୁସ୍ତକରେ ବର୍ଣ୍ଣିତ ହୋଇଥିବାରୁ ମହିମା ସନ୍ନ୍ୟାସୀ ମାନଙ୍କ ପାଇଁ ଏ ପୁସ୍ତକ ପାଠ ନିଷିଦ୍ଧ କରାଯାଇଛି । ଏହାର ଶେଷ ଅଧ୍ୟାୟରେ ବିନ୍ଦୁ ମହିମା ଧର୍ମତତ୍ତ୍ୱ, କଳିଯୁଗରେ ଧର୍ମର ଅବକ୍ଷୟ, ପ୍ରକୃତ ଭକ୍ତର ଲକ୍ଷଣ ଇତ୍ୟାଦି ବର୍ଣ୍ଣିତ ହୋଇଥିବାରୁ ଏ ଅଧ୍ୟାୟ ପାଠ କରିବାକୁ ମହିମା ଭକ୍ତମାନଙ୍କୁ ବାରଣ ନାହିଁ । କଳିଯୁଗରେ ଧର୍ମର ଅବକ୍ଷୟ ପ୍ରସଙ୍ଗରେ ବିସ୍ତାରିତ ବିବରଣୀ ଦେଇ କବି କହିଅଛନ୍ତି ଯେ ଲୋକମାନେ ପାପ ପଙ୍କରେ ବୁଡ଼ିରହି ପଶୁପ୍ରାୟ ଜୀବନ ଯାପନ କରୁଅଛନ୍ତି ଏବଂ ସେମାନଙ୍କୁ ଏ ଦୁର୍ଦ୍ଦଶାରୁ ଉଦ୍ଧାର କରିବା ପାଇଁ ଅଲେଖ ପରଂବ୍ରହ୍ମ ବୁଦ୍ଧ ରୂପରେ ପୃଥିବୀରେ ଅବତୀର୍ଣ୍ଣ ହୋଇ ଅଛନ୍ତି । ବୁଡ଼ିଥାର ପାପ ପଙ୍କରୁ ଉଦ୍ଧାର ପାଇବା ପାଇଁ ଅଣାକାର ବ୍ରହ୍ମଙ୍କ ପ୍ରତି ନିଷ୍କାମ ଭକ୍ତି ଓ ଗୁରୁସେବା ହିଁ ଏକମାତ୍ର ଉପାୟ ବୋଲି କହିବା ସହିତ ଏହି ଅଧ୍ୟାୟରେ ଭୀମଭୋଇ ପ୍ରକୃତ ଭକ୍ତର ଲକ୍ଷଣ ମଧ୍ୟ ସୁନ୍ଦର ଭାବେ ବର୍ଣ୍ଣନା କରି ଅଛନ୍ତି ।

"ସକଳ ଜୀବେ ଯାହାର ଗୋ ଦୟା ଥାଇ,
ତାହାଠାରେ ଶୂନ୍ୟବ୍ରହ୍ମ ଗୋ ବଶ୍ୟ ହୋଇ ।
ସର୍ବଭୂତେ କରେ ଯେହୁ ଗୋ ସମଚିତ୍ତ,
ତାଙ୍କୁ ପ୍ରସନ୍ନ ହୁଅନ୍ତି ଗୋ ଅବଧୂତ ।

ପୃଥିବୀ ପରାଏ ଯେହୁ ଗୋ ସହିପାରେ,

ଅଲେଖ ବ୍ରହ୍ମ ଖେଳଇ ଗୋ ତା ଅଙ୍ଗରେ ।"

ଅଷ୍ଟକ ବିହାରୀ ଗୀତା-

ଏ ପୁସ୍ତକଟି ଛଅ ଅଧ୍ୟାୟ ବିଶିଷ୍ଟ । ଗୋଟିଏ ଅକ୍ଷରକୁ ଆଦ୍ୟରେ ରଖାଯାଇ ଆଠଟି ଲେଖା ପଦ ରଚନା କରାଯାଇ ଥିବାରୁ ଏହାର ନାମ ଅଷ୍ଟକ ବିହାରୀ ଗୀତା ର ଖାଯାଇଛି । ବର୍ଣ୍ଣମାଳାକୁ ବିଭିନ୍ନ ଗୀତରେ ବ୍ୟବହାର କରି କାବ୍ୟ ରଚନା କରିବା ଏକ ମଧ୍ୟଯୁଗୀୟ ପଦ୍ଧତି । ଏ ଗୀତାଟି ସରଳ ଭାଷାରେ ନବାକ୍ଷରୀ ବୃତ୍ତରେ ରଚିତ । କଳି ଯୁଗର ଭୟାବହ ପରିଣତି ବର୍ଣ୍ଣନା କରି ଏଥିରୁ ଉଦ୍ଧାର ପାଇବାକୁ ହେଲେ ମହିମା ନାମକୁ ଆଶ୍ରା କରିବା ପାଇଁ କବି ଲୋକମାନଙ୍କୁ ପରାମର୍ଶ ଦେଇଅଛନ୍ତି :

"ମହିମା ନାମ ଆଶ୍ରେକର, ବ୍ରହ୍ମାଣ୍ଡେ ଅଛ ଯେତେନର
ମହାମଣ୍ଡଳରେ ରହିବ, ପୃଥ୍ୱୀକି ବିହ୍ଵଳ ହୋଇବ ।"

ନିର୍ବେଦ ସାଧନ -

କୋଡ଼ିଏ ଅଧ୍ୟାୟ ବିଶିଷ୍ଟ ଏହି ଗ୍ରନ୍ଥ ନବାକ୍ଷରୀ ବୃତ୍ତରେ ରଚିତ । ଅଲେଖ ପରଂବ୍ରହ୍ମଙ୍କୁ ବନ୍ଦନା କରି ଗ୍ରନ୍ଥ ଆରମ୍ଭ କରାଯାଇଛି । ଗୋବିନ୍ଦ ଓ ଅବଧୂତଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ଛଳରେ ଏଥିରେ ବ୍ରହ୍ମତତ୍ତ୍ୱ, ମହିମା ଧର୍ମର ସୃଷ୍ଟିତତ୍ତ୍ୱ- ଅନାଦିଙ୍କ ଠାରୁ ବ୍ରହ୍ମା, ବିଷ୍ଣୁ, ହର, ଆଦିଶକ୍ତି ଏବଂ ରାମ, କୃଷ୍ଣ ପ୍ରଭୃତି ଅବତାରଙ୍କ ସୃଷ୍ଟି ବିଷୟରେ ବିସ୍ତାରିତ ଭାବେ ବର୍ଣ୍ଣନା କରାଯାଇଛି । କୌଳ ବଳାସିଂହା ଠାରେ ସନ୍ନ୍ୟାସ ଜୀବନ ଯାପନ କରୁଥିବା ଜଗନ୍ନାଥ ଦାସ ମହିମା ଗୋସାଇଁଙ୍କ ଠାରୁ ଦୀକ୍ଷା ଗ୍ରହଣ କରି ଗୋବିନ୍ଦ ବାବା ନାମରେ ପରିଚିତ ହେବା, ମହିମା ଗୋସାଇଁ ଭୀମଭୋଇଙ୍କୁ ତାଙ୍କ ଜେଠ୍ନା-ଖୋଲଣ ବାସଗୃହରେ ସାକ୍ଷାତ କରି ତାଙ୍କୁ ମହିମା ଧର୍ମରେ ଦୀକ୍ଷିତ କରିବା ଓ କାବ୍ୟ କବିତା ରଚନା କରି ମହିମା ଧର୍ମ ପ୍ରଚାର ପାଇଁ ଆଦେଶ ଦେବା ଇତ୍ୟାଦି ଘଟଣା ଏ ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି । ମହିମା ଗୋସାଇଁ ତାଙ୍କର ଆଦିଶିଷ୍ୟ ଜଗନ୍ନାଥ ଦାସଙ୍କୁ ନୀଳକନ୍ଦର ତ୍ୟାଗ କରି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିବା ମାନବ ବିଷ୍ଣୁମୂର୍ତ୍ତି ସ୍ୱୟଂ

ଜଗନ୍ନାଥ ବୋଲି କହିଅଛନ୍ତି । ଗ୍ରନ୍ଥର ଶେଷ ଅଧ୍ୟାୟ ଗୁଡ଼ିକରେ କଳିଯୁଗରେ ଧର୍ମର ଅବକ୍ଷୟ ଓ ବ୍ୟାପକ ଅନ୍ୟାୟ ଅତ୍ୟାଚାରର ବିଶଦ ବିବରଣୀ ଦିଆ ଯାଇଛି :

"ସୁର ଅସୁର ଏକ ହୋଇ, ପାପରେ କମ୍ପୁଥିବ ମହୀ
କେହି କାହାକୁ ନମାନିବେ, ମୂର୍ଖ ପଣରେ ଦିନ ନେବେ ।
ଧର୍ମ ଅଧର୍ମ ନ ବିଚାରି, ସୁକର୍ମ ପଥ ନ ଆଚରି
ଏକ ଆରେକ ଅନ୍ୟେ ଅଳି, କାହା ବଚନ କେ ନମାନି ।
ଆପ ବଡ଼ିମା ଆପେ କରି, ଦ୍ରୋହ କର୍ମରେ ଯିବେ ସରି
ସତ୍ୟ ଧର୍ମକୁ ନମାନିବେ, ମଦ ମାଂସରେ ଦିନ ନେବେ ।"

(୧୮ଶ ଅଧ୍ୟାୟ)

ଅନନ୍ତ କୋଟି ସାଧୁ, ଚୌଷଠି ସିଦ୍ଧ ଋଷି କଷାବାସ ପରିଧାନ କରି ଜନ୍ମିତ ହୋଇ କଳିର ଦୁର୍ବିପାକରୁ ଭକ୍ତମାନଙ୍କୁ ଉଦ୍ଧାର କରିବେ । ସତ୍ୟ ମହିମା ଧର୍ମ ଚଉଦିଗରେ ବିସ୍ତାର ଲାଭ କରିବ :

"ସମ୍ବଲପୁର ପରିସରେ, ପ୍ରଚାର କରିବେ ଭକତେ -
ଯାଜପୁର ସୀମାନ୍ତରୁ, ଘୋଡି ସମ୍ବଲପୁର ଠାରୁ ।
ମହାବିଦେଶ ଭୂଖଣ୍ଡ, ଭକ୍ତିରେ ଭାସୁଥିବ ପିଣ୍ଡ
ଏକୌଶତାଳ ଭକ୍ତି ନଦୀ, ବହିବ ଜମ୍ବୁଦ୍ୱୀପ ଭେଦି ।"

(୨ୟ ଅଧ୍ୟାୟ)

କଳି ଯୁଗ ଯାଇ ସତ୍ୟ ଯୁଗ ଆରମ୍ଭ ହେଲେ ସ୍ୱୟଂ ଅନାଦି ରାଜରାଜେଶ୍ୱର ରୂପେ ବ୍ରହ୍ମାଣ୍ଡରେ ବିରାଜମାନ ହେବେ । ଅନାଦିଙ୍କ ଉକ୍ତି :

"ଏ କଳି ଯୁଗ ଯେବେ ଯିବ, ସତ୍ୟଯୁଗ ଯେ ପ୍ରକାଶିବ ।
ମୋ ଭକ୍ତବୃନ୍ଦ ଦାସ ଦାସୀ, ବହୁ ତେଜରେ ପରକାଶି
ଯେତେ ଏ ବଦ୍ଧ ଲୋକମାନ, ତେଜକୁ କଲେଣି ହରଣ ।

ଲକ୍ଷେ ରାଜାର ଛତ୍ରବାନା,　　ଘାତରେ ଯୋଡାଯିବ ସିନା,
ଆମ୍ଭେ ବସିବୁ ରାଜପଦେ,　　ଅଶେଷ ବ୍ରହ୍ମାଣ୍ଡର ମଧେ ।"

(୨୦ଶ ଅଧ୍ୟାୟ)

ଶ୍ରୁତିନିଷେଧ ଗୀତା-

ସାତ ଅଧ୍ୟାୟ ବିଶିଷ୍ଟ 'ଶ୍ରୁତିନିଷେଧ ଗୀତା' ଜନପ୍ରିୟ ନବାକ୍ଷରୀ ବୃତ୍ତରେ ଲିଖିତ । ଗୁରୁ ଅନାଦି ଓ ଶିଷ୍ୟ ଗୋବିନ୍ଦଙ୍କ ମଧ୍ୟରେ କଥୋପକଥନ ଶୈଳୀରେ ମହିମା ଧର୍ମର ବିଭିନ୍ନ ବିଷୟ ଏଥିରେ ଆଲୋଚିତ ହୋଇଛି । ବ୍ରହ୍ମା, ହର, ହରି କେହିହେଲେ ଅରୂପ ବ୍ରହ୍ମଙ୍କ ଅନ୍ତ ପାଇ ନାହାନ୍ତି । ଦେହଧାରୀ କେତେ ରାମ, କୃଷ୍ଣ ନିଜ ପିଣ୍ଡ ବଞ୍ଚାଇ ନ ପାରି ଲୋପ ପାଇଗଲେ । ଏମାନଙ୍କୁ ଭଜନ ନ କରି ଅବ୍ୟୟ, ଅକ୍ଷୟ, ଅନାଦି ପରଂବ୍ରହ୍ମଙ୍କ ଭଜନ, ମନନ ଦ୍ୱାରାହିଁ କେବଳ ମୁକ୍ତି ମିଳି ପାରିବ । ତେତିଶ କୋଟି ଦେବତା ଏହି ଶରୀର ମଧ୍ୟରେ ବିଦ୍ୟମାନ : 'ଘଟରେ ବ୍ରହ୍ମକୁ ନ ଚିହ୍ନି, ବାହ୍ୟରେ ଭ୍ରମୁଅଛି ପ୍ରାଣୀ' । ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱର ବିସ୍ତାରିତ ବର୍ଣ୍ଣନା ଏ ଗ୍ରନ୍ଥରେ କରାଯାଇଛି । ତୁଳସୀ ବୃକ୍ଷ ପୂଜା, ନିର୍ମାଲ୍ୟ ସେବନ, ବ୍ରତ ପାଳନ ଇତ୍ୟାଦି ହିନ୍ଦୁ ଧର୍ମର ନାନା ଆଚାର ବିଚାରକୁ ନିରର୍ଥକ ବୋଲି କବି ଏ ଗ୍ରନ୍ଥରେ ପ୍ରକାଶ କରି ଅଛନ୍ତି । ଦଶମୀ ବ୍ରତରେ ଭିନ୍ନ ଅର୍ଥ କରି ସେ କହିଅଛନ୍ତି :

" ଦଶ ଇନ୍ଦ୍ରିୟ ଦଶ ଦିଗ,　　ପ୍ରକୃତି ଗଣେ ହୋନ୍ତି ଭୋଗ
ଯାକୁ ପାଳିଲେ ସିଦ୍ଧି ହୋଇ,　　ଦଶମୀ ବ୍ରତ ବୋଲି କହି ।"

ଅଲେଖ ବ୍ରହ୍ମଙ୍କର ନାହିଁ ବିକାର, ପାପପୁଣ୍ୟ, ଜାତି ଅଜାତିର ବିଚାର ନାହିଁ । ସର୍ବ ଘଟରେ ସେ ପୂରି ରହିଛନ୍ତି । ନିର୍ବେଦ ଧର୍ମ ମତ ହେଉଛି :

"ଜାତି ଅଜାତି ନ ବାଛିବୁ,　　ସକଳ ଗୃହରେ ଭୁଞ୍ଜିବୁ,
ମଚ୍ଛ ମାଂସାଦି ଭାତ କାଞ୍ଜି,　　ଯା ଗୃହେ ପ୍ରଭୁ ଦେବେ ଖଞ୍ଜି ।
ଖଣ୍ଡ ଶାକର ଦୁଧ ଦହି,　　ଚାରି ଚଉଦ ସର୍ବ ଖାଇ,
ବାଇନ ପାତକ ଜାତିରେ,　　ବିକାର ନଧରି ମନରେ
ଅଛି ନିର୍ବିକାରେ ଭୁଞ୍ଜଇ,　　ନିର୍ବେଦ ସାର ଧର୍ମ ଏହି ।"

(୭ମ ଅଧ୍ୟାୟ)

ସ୍ୱୟଂ ଅନାଦି ଦେହ ଧାରଣ କରି ଜଗତ ଉଦ୍ଧାର ପାଇଁ ଧରାଧାମରେ ଅବତୀର୍ଣ୍ଣ ହୋଇଥିବା କଥା ଏ ଗ୍ରନ୍ଥରେ କୁହାଯାଇଛି ।

ଚଉତିଶା ଗ୍ରନ୍ଥମାଳା-

ଚଉତିଶା ଏକ ପ୍ରାଚୀନ କାବ୍ୟ ରଚନା ପଦ୍ଧତି । କ ଠାରୁ କ୍ଷ ପର୍ଯ୍ୟନ୍ତ ବ୍ୟଞ୍ଜନ ବର୍ଣ୍ଣ ଗୁଡ଼ିକୁ ପର୍ଯ୍ୟାୟକ୍ରମେ ପଦାଦ୍ୟରେ ରଖି ଚଉତିଶା ରଚନା କରାଯାଏ । ଓଡ଼ିଆ ବ୍ୟତୀତ ହିନ୍ଦୀ, ବଙ୍ଗଳା, ଆସାମୀ ସାହିତ୍ୟରେ ମଧ୍ୟ ଏ ଧରଣର ରଚନା ଦେଖିବାକୁ ମିଳେ । ଓଡ଼ିଆ ସାହିତ୍ୟରେ ବତ୍ସାଦାସଙ୍କ 'କଳସା ଚଉତିଶା'କୁ ପ୍ରଥମ ଚଉତିଶା ରଚନା ବୋଲି କୁହାଯାଏ । ଦୀନକୃଷ୍ଣ ଦାସଙ୍କ 'ଆର୍ତ୍ତତ୍ରାଣ ଚଉତିଶା' ଓ ଭକ୍ତ ଚରଣ ଦାସଙ୍କ 'ମନବୋଧ ଚଉତିଶା'ର ଲୋକପ୍ରିୟତା କାହାରିକୁ ଅବିଦିତ ନୁହେଁ । କବି ଉପେନ୍ଦ୍ର ଭଞ୍ଜ 'ଯମକରାଜ ଚଉତିଶା' ରଚନା କରିଥିଲେ । ବ୍ୟଞ୍ଜନ ବର୍ଣ୍ଣ ଅନୁକ୍ରମରେ ରଚିତ ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି'କୁ ମଧ୍ୟ ଚଉତିଶା ପର୍ଯ୍ୟାୟଭୁକ୍ତ କରାଯାଇଛି । କବି ହୃଦୟର ଭାବାବେଗ ସ୍ୱଚ୍ଛନ୍ଦ ରୀତିରେ ଚଉତିଶାରେ ପ୍ରକାଶ ପାଇଥାଏ । ଏଗୁଡ଼ିକ ସାଧାରଣତଃ ଗୀତିଧର୍ମୀ ।

ଭୀମ ଭୋଇ ଓଡ଼ିଆ ସାହିତ୍ୟର ଏହି ଲୋକ ପ୍ରିୟ କାବ୍ୟରୀତି ଅନୁସରଣ କରି କେତେକ ଚଉତିଶା ରଚନା କରି ଅଛନ୍ତି । ଧର୍ମଗ୍ରନ୍ଥ ଷ୍ଟୋରଙ୍କ ଦ୍ୱାରା ପ୍ରକାଶିତ 'ଭକ୍ତକବି ଭୀମଭୋଇ ଗ୍ରନ୍ଥାବଳୀ'ରେ ୪୧ଟି ଚଉତିଶା ସଙ୍କଳିତ ହୋଇଛି । ଚଉତିଶା ସଂଖ୍ୟା-୮, "ବିପ୍ର ମୁଁ କହିବି ତୋତେ । କରଧରି ବୃନ୍ଦା କହୁଛି ଏତେ, ହାରପୁର । କୃଷ୍ଣ ଆଣି ଦେବୁ ମୋତେ," ଏବଂ ଚଉତିଶା ସଂଖ୍ୟା-୪୦, "କରୁଣା ସାଗର ହରି କମ୍ବୁ, ଚକ୍ରପାଣି, କର ଧରି ରାଧିକାକୁ କହେ ଚକ୍ରପାଣି, କଦମ୍ବ ମୂଳରେ ବଂଶି ନାଗର, କଲା ବଂଶୀ ଧ୍ୱନି, ରସ ଯା ବାଜିଯାଉରେ,"- ଏହି ଦୁଇଟି ଚଉତିଶାକୁ ବାଦ ଦେଲେ ଅନ୍ୟ ଚଉତିଶା ଗୁଡ଼ିକ ମହିମା ଧର୍ମ ସମ୍ବନ୍ଧୀୟ ରଚନା । ମହିମା ଧର୍ମରେ ଦୀକ୍ଷିତ ହେବା ପୂର୍ବରୁ ତରୁଣ କବି ପଶ୍ଚିମ ଓଡ଼ିଶାର ଲୋକ ସଙ୍ଗୀତ ରୀତି ଅନୁସରଣ କରି ଲେଖିଥିବା ଗୀତ ଗୁଡ଼ିକ ମଧ୍ୟରେ ଏ ଦୁଇଟି ଚଉତିଶା ଅନ୍ତର୍ଭୁକ୍ତ । ଚଉତିଶା ସାଧାରଣତଃ କ ଠାରୁ କ୍ଷ ପର୍ଯ୍ୟନ୍ତ ବର୍ଣ୍ଣମାଳା କ୍ରମରେ ଲେଖା ଯାଉଥିଲେ ବି କବି କ୍ଷ ଠାରୁ ଆରମ୍ଭ କରି କ ପର୍ଯ୍ୟନ୍ତ ଓଲଟ ରୀତିରେ କେତେକ ଚଉତିଶା ରଚନା କରିଅଛନ୍ତି । କବିଙ୍କ ଦ୍ୱାରା ଏ

ପ୍ରକାର ଏଗାରଟି ଓଲଟ ଚଉତିଶା ରଚିତ ହୋଇଛି । ଚଉତିରିଶଟି ବ୍ୟଞ୍ଜନ ବର୍ଣ୍ଣକୁ ନେଇ ସାଧାରଣତଃ ଚଉତିରିଶଟି ପଦରେ ଚଉତିଶା ଲେଖା ଯାଉଥିଲେ ବି ଭୀମଭୋଇ ନିଜର ଭାବ ପ୍ରକାଶ ପାଇଁ କେତେକ ଚଉତିଶାରେ ଏହାର ବ୍ୟତିକ୍ରମ କରି ଚଉତିରିଶରୁ ଅଧିକ ସଂଖ୍ୟକ ପଦର ଉପଯୋଗ କରିଅଛନ୍ତି ।

ଚଉତିଶା ଗୁଡ଼ିକରେ ମହିମା ଧର୍ମତତ୍ତ୍ୱ, ପିଣ୍ଡ ବ୍ରହ୍ମାଣ୍ଡ ଅଭେଦତ୍ୱ, କଳିଯୁଗରେ ଧର୍ମହାନୀ ଓ ପାପାଚାରର ବୃଦ୍ଧି, ସଂସାର ଉଦ୍ଧାର ପାଇଁ ଅଲେଖ ପରଂବ୍ରହ୍ମଙ୍କ ଅବତାର ଗ୍ରହଣ, ମହିମା ଗୋସାଇଁଙ୍କ ଗୁଣ କୀର୍ତ୍ତନ ଓ ତାଙ୍କ ପ୍ରତି ଭକ୍ତି ନିବେଦନ ଇତ୍ୟାଦି ସ୍ଥାନ ପାଇଛି । ମହିମା ଧର୍ମ ମୁଖ୍ୟତଃ ଏକ ଭକ୍ତି ଧର୍ମ । ଏକ ଚଉତିଶାରେ ପ୍ରକୃତ ଭକ୍ତର ଲକ୍ଷଣ କବି ସୁନ୍ଦର ଭାବେ ବର୍ଣ୍ଣନା କରିଅଛନ୍ତି :

"ଭକତ-ଲକ୍ଷଣ ଅଟଇ ନିର୍ଗୁଣ କାହାକୁ ଅନ୍ତର ନାହିଁ,
ଭାଇ ବନ୍ଧୁ ପ୍ରାୟେ ସମାନରେ ଚାହିଁ ଏକ ଆତ୍ମା ମଣୁଥାଇ ରେ,
ଭଜୁଥାଇ ମୋ ନାମ,
ଭାବେ ମୋ ପଦେ ପଶେ ଶରଣ ।

(ଚଉତିଶା, ସଂଖ୍ୟା-୨୦)

ବଙ୍ଗଳା ଆଠ ଭଜନ-

ଧର୍ମଗ୍ରନ୍ଥ ଷ୍ଟୋରଙ୍କ ଦ୍ୱାରା ପ୍ରକାଶ ପାଇଥିବା 'ଭକ୍ତ କବି ଭୀମ ଭୋଇ ଗ୍ରନ୍ଥାବଳୀ' ରେ 'ବଙ୍ଗଳା ଆଠ ଭଜନ' ଶୀର୍ଷକରେ ଦଶଟି ଭଜନ ପ୍ରକାଶ ପାଇଛି । ପ୍ରଥମ ଆଠଟି ଭଜନ ପ୍ରତ୍ୟେକ ଆଠ ପଦ ବିଶିଷ୍ଟ ହୋଇଥିବାରୁ ବୋଧହୁଏ ଶୀର୍ଷକର ନାମକରଣ ଏପରି କରାଯାଇଛି । ଶେଷ ଭଜନଟି ଚାରିପଦ ବିଶିଷ୍ଟ ଏବଂ ପାଞ୍ଚଟି ପଦଥିବା ଅବଶିଷ୍ଟ ଭଜନର ପ୍ରତ୍ୟେକ ପଦ ଚାରିପାଦ ବିଶିଷ୍ଟ । ଶେଷ ଭଜନ ଦୁଇଟିର ଛନ୍ଦ ବିନ୍ୟାସ ମଧ୍ୟ ପ୍ରଥମ ଆଠଟି ଭଜନ ଠାରୁ ଭିନ୍ନ । ବଙ୍ଗଳା ଭାଷୀ ଭକ୍ତ ମାନଙ୍କ ପାଇଁ ବୋଧ ହୁଏ ଭୀମଭୋଇ ଓଡ଼ିଆ ବଙ୍ଗଳା ମିଶ୍ରା ଏ ଭଜନ ଗୁଡ଼ିକ ରଚନା କରିଥିଲେ । ଅଧା ଓଡ଼ିଆ ବଙ୍ଗଳା ଭାଷାରେ ଲିଖିତ ତାଙ୍କର ଏକ ବୃହତ ପୋଥି 'ମହିମା ବିନୋଦ', ଏଯାବତ୍ ଅପ୍ରକାଶିତ ଥିବାର ଜଣାଯାଏ । ଭୀମଭୋଇଙ୍କ ଦ୍ୱାରା ରଚିତ ଅନ୍ୟାନ୍ୟ ଭଜନ ଭଳି ଏ

ଭଜନ ଗୁଡ଼ିକରେ ମଧ୍ୟ ଅଲେଖ ପରଂବ୍ରହ୍ମଙ୍କ ମହିମା ବର୍ଣ୍ଣନ, ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ ଅନାଦି ପୁରୁଷ ରୂପ ମହିମା ସ୍ୱାମୀ ରୂପେ ଅବତାର ଗ୍ରହଣ, ମହିମା ଧର୍ମତତ୍ତ୍ୱ ଇତ୍ୟାଦି ବିଷୟ ସ୍ଥାନ ପାଇଛି । କବିଙ୍କ ଓଡ଼ିଆ ବଙ୍ଗଳା ଭାଷା ମିଶ୍ରିତ ଭଜନର ଏକ ଦୃଷ୍ଟାନ୍ତ ନିମ୍ନରେ ଉଦ୍ଧୃତ ହେଲା :

"ମହାଶୂନ୍ୟବାସୀ ପ୍ରଭୁ ନାହିଁ ରୂପରେଖ,
କେ ଲେଖି ପାରିବ ତାକେ ଅନାଦି ଅଲେଖ ।
ବର୍ଣ୍ଣଚିହ୍ନ ନା ବିଶତି କେ ପାରିବେ ଦେଖି,
ସର୍ବଘଟେ ରହିପ୍ରଭୁ ହୈୟାଛେନ ସାକ୍ଷୀ ।
ଅକ୍ଷର କେ ବସା ଅବ ତାର ନାମ ଧରି,
ମୁନି ମାନେ କୋଥା ପାବେ ଛନ୍ଦି ଅନୁସରି ।
ଅଚବକା ବ୍ରହ୍ମ ସେ ସେ ଜାତିତେଛେ ଧରା,
ଭକତ କେ ଆଛ ଯଦି ବାନ୍ଧ ପ୍ରେମ ଡୋରା" ।

ମନୁସଭା ମଣ୍ଡଳ -

ଭୀମଭୋଇଙ୍କର କେତେକ ଭଜନ, ଜଣାଣ ଏବଂ ଓଡ଼ିଆ ମିଶା ବଙ୍ଗଳାରେ ଲିଖିତ ବୃହତ ପୋଥି 'ମହିମା ବିନୋଦ' ଓ 'ମନୁସଭା ମଣ୍ଡଳ' ନାମକ ଅନ୍ୟ ଏକ ପୋଥି ଅପ୍ରକାଶିତ ଅବସ୍ଥାରେ ରହିଥିବା ବିଷୟ ମହିମା ଧର୍ମ ଏବଂ କବି ଭୀମଭୋଇଙ୍କ ଉପରେ ଗବେଷଣା କରିଥିବା କେତେକ ଲେଖକ ପୂର୍ବରୁ ସୂଚନା ଦେଇଥିଲେ । ଭୀମଭୋଇ ଗ୍ରନ୍ଥାବଳୀରେ ପ୍ରକାଶିତ ଏବଂ ସଂପ୍ରତି ଆଲୋଚିତ 'ବଙ୍ଗଳା ଆଠଭଜନ' ଅପ୍ରକାଶିତ 'ମହିମା ବିନୋଦ' ର ଅଂଶବିଶେଷ ବୋଲି କେତେକ ଗବେଷକ ମତବ୍ୟକ୍ତ କରିଅଛନ୍ତି । ଅତି ସୁଖର ବିଷୟ ବହୁ ପ୍ରତୀକ୍ଷିତ 'ମନୁସଭା ମଣ୍ଡଳ' ପୋଥିଟି ପ୍ରାଧ୍ୟାପକ ଡଃ ପବିତ୍ର ମୋହନ ନାୟକଙ୍କ ଦ୍ୱାରା ସଂଗୃହୀତ ଓ ସଂକଳିତ ହୋଇ ୧୯୯୩ରେ ପୁସ୍ତକ ଆକାରରେ ପ୍ରକାଶ ପାଇଛି । ଏହି ଦୁର୍ଲ୍ଲଭ ପୋଥିଟି କୋଉଠାରୁ ପାଇଥିବା ବିଷୟ ଡଃ ନାୟକ ତାହାର ମୁଖବନ୍ଧରେ ଉଲ୍ଲେଖ କରିଅଛନ୍ତି । ବାଉତି ଛାନ୍ଦ ବିଶିଷ୍ଟ ସଂସ୍କୃତ ମିଶ୍ରିତ ଓଡ଼ିଆ ଭାଷାରେ ରଚିତ ଏହି କାବ୍ୟଟି କେବଳ ଭୀମ ଭୋଇଙ୍କ ସମସ୍ତ

କାବ୍ୟ କୃତି ଠାରୁ ଭାଷା ଓ ଭାବ ପ୍ରକାଶ ଦୃଷ୍ଟିରୁ ସଂପୂର୍ଣ୍ଣ ଭିନ୍ନ ନୁହେଁ, ସମସ୍ତ ଓଡ଼ିଆ ସାହିତ୍ୟରେ ମଧ୍ୟ ଅନନ୍ୟ ମନେ ହୁଏ । ଏ ଅନନ୍ୟତା କେବଳ ଏହାର ଦୁର୍ବୋଧତା ଓ ଶବ୍ଦ କାଠିନ୍ୟ ପାଇଁ । କଠିନ ଓ ଦୁର୍ବୋଧ ବୋଲି ଏକ ଅପବାଦ ଥିବା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ଯେ କୌଣସି ଦୁର୍ବୋଧ ଛାନ୍ଦକୁ ଏ କାବ୍ୟ ନିଷ୍ପ୍ରଭ କରିଦେବ । 'ମନୁସଭା ମଣ୍ଡଳ' କାବ୍ୟର ପ୍ରଥମ ଛାନ୍ଦ ଆରମ୍ଭ ହୋଇଛି ଏକ ବିଚିତ୍ର ଶ୍ଳୋକରେ :

''ମୋଭି ମାତ୍ରା ଶବ୍ଦ ଭୋତଙ୍କ ନମିପାର୍ମ ଅବ୍ୟୟୁକ୍ତେଃ
ପିବ ସଂଷ୍ଠାପାମା ରୋଷଃ,
ଦ୍ଵୁବାକ୍ଷତ ପହିରୋ ଯଃ ମମଃ ଧୂପଗଙ୍ଗ ଭିରୁତଃ ଗଜ୍ୟତୁ ଜିତଙ୍ଗଃ
ଅବଶୋ-ମରଣ୍ଡ'' । ଇତ୍ୟାଦି

ସଂକଳକ ଡଃ ନାୟକ କାବ୍ୟର ମୁଖବନ୍ଧରେ କହିଅଛନ୍ତି : ''ଏହି ଭଳି ସମସ୍ତ କାବ୍ୟ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ଵକୁ ଆଧାର କରି ଭୀମଭୋଇଙ୍କ ସ୍ଵକୀୟ 'ମୋଭି ମାତ୍ରା' ଶବ୍ଦରେ ଲିଖିତ ହୋଇଛି । ମହିମା ଧର୍ମର ଦୁର୍ବୋଧ ଦର୍ଶନରେ ଭରି ଉଠିଛି । କେବେ କେବେ କାବଲର ସାନ୍ଦ୍ରତା ଭିତରେ ବିଜୁଳି ଭଳି ଉଠିଲା ଭଳି କେଉଁପଦ ହଠାତ୍ ବୋଧଗମ୍ୟ ହୋଇଯାଏ : ଯଥା-' ଚିତ୍ରମନ୍ତ୍ର ପିତୃପାଳକ, ବିଭୂଷଣ ଜୀରିଥିବ ସର୍ବ କାଳକ । ଆଉ କେବେ କେବେ ଉଦ୍ଭଟୀୟ ଯମକ ଭିତରେ ପାଠକ ଅର୍ଥ ଅଣ୍ଡାଳି ଅଣ୍ଡାଳି ବୁଲୁଥାଏ ।'' ପାଠକମାନଙ୍କ କୌତୁହଳ ଚରିତାର୍ଥ ପାଇଁ 'ମନୁସଭା ମଣ୍ଡଳ'ର ପ୍ରଥମ ଛାନ୍ଦରୁ ଦୁଇଟି ପଦ ନିମ୍ନରେ ଉଦ୍ଧାର କରାଗଲା :

''ଅବା ବିଭୁ ସମଧିରେ ଅଣ୍ଟୁଟି ବିଧିରେ
ଅଣ୍ଡ ନିରୂପଣ ବିଭ୍ୟସକେ ।
ଆହ୍ରା ଆବଦେଅ ଜାଉ କଉକୁ ନଗ୍ଧାଇ
ନିକଣନ୍ତୁ ମସ୍ତ୍ରଂ ଏକେ ଏକେ ।

.. .. ..

ଶୋଭା ନିରୋପ ଧଇତ . ପବିକୃତ ବୃତ୍ୟ
ଅକ୍ରାଳବ ମଢେ ଗଦଗଦ ।
ଶୂନ୍ୟ ଅବକାଶ ଛଦ ଭଣେ ଭୀମ କନ୍ଧ
ଏଠାବକୁ ବୟାଳିଶ ପଦ ।"[୪]

କାବ୍ୟର ପ୍ରଥମ ଛାନ୍ଦ ୪୨ ପଦ ବିଶିଷ୍ଟ ଓ ଏହା ଘୋଷ ରାଗରେ ରଚିତ ବୋଲି ଏଥିରେ ଉଲ୍ଲେଖ ଅଛି । ମହିମା ଧର୍ମ ଓ ଭୀମଭୋଇଙ୍କ ଉପରେ ଦୀର୍ଘ ଗବେଷଣା କରି ବହୁ ତଥ୍ୟ ସଂଗ୍ରହ କରିଥିବା ଶ୍ରୀ ଭାଗୀରଥି ନେପାକ 'ମନୁ ସଭାମଣ୍ଡଳ' କାବ୍ୟ ସଂପର୍କରେ ଜଣେ ମହିମା ଧର୍ମାବଲମ୍ବୀ ସାଧୁଙ୍କ ଠାରୁ ଶୁଣିଥିବା ଏକ ବିବରଣୀ ଅତ୍ୟନ୍ତ କୌତୂହଳପ୍ରଦ । ବିବରଣୀଟି ଏହିପରି :- ଢେଙ୍କାନାଳ କରଦରାଜ୍ୟର ତତ୍କାଳୀନ ରାଜା ଭୀମଭୋଇଙ୍କୁ କବି ହିସାବରେ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲେ । ସେ କହିଥିଲେ ଯେ ଯଦି ଭୀମ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ରାଜକବି ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟଭଳି ଏକ କାବ୍ୟ ରଚନା କରିଦେଇ ପାରିବେ ତାହା ହେଲେ ସେ ତାଙ୍କୁ କବି ବୋଲି ସ୍ୱୀକାର କରିବେ । ଭୀମଭୋଇ ରାଜାଙ୍କର ଏ ଆକ୍ଷେପକୁ ଏକ ଆହ୍ୱାନ ରୂପେ ଗ୍ରହଣ କରି 'ମନୁସଭା ମଣ୍ଡଳ' ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ ରଚନା କରି ରାଜାଙ୍କ ନିକଟକୁ ପଠାଇ ଦେଲେ । ରାଜ ଦରବାରର କୌଣସି କବି ଓ ପଣ୍ଡିତ ଏ ଗ୍ରନ୍ଥର ବିନ୍ଦୁବିସର୍ଗ ବୁଝିପାରିଲେ ନାହିଁ । ଏହା ପରେ ରାଜାଙ୍କର ଧାରଣା ହେଲା ଯେ ଭୀମଭୋଇ ଜଣେ ସାଧାରଣ ଲୋକ ନୁହଁନ୍ତି । ଗ୍ରନ୍ଥର ଅର୍ଥ ବୁଝିବାକୁ ଆଗ୍ରହୀ ହୋଇ ରାଜା 'ମହିମା ସାଧୁ ସଭା' କୁ ଜଣେ ଦକ୍ଷ ବ୍ୟକ୍ତିଙ୍କୁ ପଠାଇ ଅର୍ଥ ବୁଝାଇବାକୁ ସମ୍ବାଦ ଦେଲେ । ମହିମା ସାଧୁସଭା ଏଥିପାଇଁ କାନ୍ଦୁବାବାଙ୍କୁ ବାଛିଲେ । କାନ୍ଦୁବାବା ପାଠ ପଢ଼ିନଥିଲେ ମଧ୍ୟ ଜଣେ ଜ୍ଞାନୀ ପୁରୁଷ ଓ ମହିମା ଧର୍ମ ସମ୍ପର୍କରେ ତାଙ୍କର ଅଗାଧ ଜ୍ଞାନ ଥିଲା । ସେ ଅଫିମ ନିଶାରେ ମଜ୍ଜି ରହୁଥିଲେ । କାନ୍ଦୁବାବା ବହୁପରିମାଣର ଅଫିମ ସଂଗ୍ରହ କରି ତାକୁ ଉପରେ ରଖି ଢେଙ୍କାନାଳ ଚାଲିଲେ । ଦରବାରରେ ପହଞ୍ଚି ସେ 'ମନୁସଭା ମଣ୍ଡଳ'ର

(୪) ମନୁସଭା ମଣ୍ଡଳ, ସଂକଳକ ଓ ସମ୍ପାଦକ ଡା ଉପେନ୍ଦ୍ର ମୋହନ ନାୟକ, ପ୍ରକାଶକ ଓ ପ୍ରାପ୍ତିସ୍ଥାନ- ଶ୍ରୀମତୀ ବିଦେଶିନୀ ପଣ୍ଡା, ଭୁବନେଶ୍ୱର

ଅର୍ଥ ବୁଝାଇବାକୁ ସମର୍ଥ ବୋଲି କହିବାରୁ ଦରବାର ଆହୂତ ହେଲା । କାନୁବାବା ନିର୍ଦ୍ଦିଷ୍ଟ ତିଥିରେ ଆସନ ଉପରେ ବସି ମସ୍ତକରେ ଥିବା ଅଫିମ ଡେହରୁ ଗୋଟିଏ ସୂତ୍ର ପ୍ରସ୍ତୁତ କଲେ । ତାହା ମସ୍ତକରୁ କପାଳ ଉପରେ ହୋଇ ନାସିକାଗ୍ର ପର୍ଯ୍ୟନ୍ତ ଲମ୍ବିଆସିଲା ଓ ସେହି ଧାରାକୁ ଅଳ୍ପ ଅଳ୍ପ ଖାଇ ଅଫିମ ମୁଣ୍ଡା ନିଃଶେଷ ହେବା ବେଳକୁ କାନୁବାବାଙ୍କ ଆଖି ଦୁଇଟି ରକ୍ତବର୍ଣ୍ଣ ଧାରଣକଲା । ଏହା ପରେ ସେ 'ମନୁସଭା ମଣ୍ଡନ'ର ଜଟିଳ ପଂକ୍ତିଏକୁ ଆବୃତ୍ତି କରି ତାଉପରେ ଅନର୍ଗଳ ଭାଷଣ ଦେବାକୁ ଲାଗିଲେ । ଗୋଟିଏ ଗୋଟିଏ ପଦକୁ ଏକାଧିକ ଅର୍ଥକରି ବୁଝାଇଲା ବେଳକୁ ଉପସ୍ଥିତ ଜନତା ମୁଗ୍ଧ ହୋଇଗଲେ । ଯେଉଁ କାବ୍ୟ ରାଜଦରବାରର ଜ୍ଞାନୀ ଓ ପଣ୍ଡିତମାନଙ୍କର ବୋଧସ୍ଫୁଟ ହେଉନଥିଲା ପାଠପଢ଼ିନଥିବା କାନୁବାବା ତାର ସଠିକ୍ ଅର୍ଥକରି ସରଳଭାବରେ ବୁଝାଇ ଦେବାରୁ ରାଜା ନିଜେ ମଧ୍ୟ ବିସ୍ମିତ ହୋଇଗଲେ । ଏହା ପରେ ଭୀମ ଭୋଇ ରାଜାଙ୍କ ଠାରୁ କବିର ସମ୍ମାନ ଲାଭ କଲେ ଓ ତାଙ୍କର କବିଯଶ ବହୁ ମୁଖରେ ପ୍ରଚାରିତ ହେଲା ।(୫)

ଶ୍ରୀ ନେପାକଙ୍କ କହିବା ଅନୁଯାୟୀ ଉପର ଲିଖିତ ବିବରଣୀ ସମ୍ବଲପୁର ଅଞ୍ଚଳରେ ଏକ ଜନଶ୍ରୁତି ରୂପେ ପ୍ରଚଳିତ ଅଛି । କିନ୍ତୁ ଭୀମଭୋଇଙ୍କର ପ୍ରକାଶିତ କାବ୍ୟ, କବିତା, ସ୍ତୁତି, ଭଜନ, ଚଉତିଶା ଇତ୍ୟାଦିର ଲୋକକଥିତ ଗଣ ଭାଷା ଓ ସରଳ କାବ୍ୟ ଶୈଳୀ ସହିତ 'ମନୁସଭା ମଣ୍ଡନ'ର ଦୁର୍ବୋଧ ସଂସ୍କୃତ ମିଶ୍ରିତ ଓଡ଼ିଆ ଭାଷା ଓ କାବ୍ୟ ଶୈଳୀର କୌଣସି ସାମଞ୍ଜସ୍ୟ ଥିବା ଭଳି ମନେହୁଏ ନାହିଁ । 'ମନୁସଭା ମଣ୍ଡନ' ପ୍ରକୃତରେ ଭୀମଭୋଇଙ୍କର ରଚନା କି ନୁହେଁ ଏ ନେଇ ପାଠକ ମନରେ ସ୍ୱତଃ ସନ୍ଦେହ ଜାତ ହୁଏ ।

---

(୫) ଭଗୀରଥ୍ ନେପାକ - ଓଡ଼ିଆ ସାହିତ୍ୟର ଇତିହାସ, ପୃଷ୍ଠା-୧୩୬-୧୩୭

# ଉପସଂହାର

ଊନବିଂଶ ଶତାବ୍ଦୀରେ ମହିମା ଗୋସାଇଁ ପ୍ରତିଷ୍ଠା କରିଥିବା ମହିମା ଧର୍ମ ତାଙ୍କର ସୁଯୋଗ୍ୟ ଶିଷ୍ୟ ଭୀମଭୋଇଙ୍କ ବିପୁଳ ସଂଖ୍ୟକ ସ୍ତୁତି, ଭଜନ, ଜଣାଣ ଓ କାବ୍ୟ କବିତା ମାଧ୍ୟମରେ  ଏକ ଲୋକପ୍ରିୟ ଗଣଧର୍ମରେ ପରିଣତହୋଇଛି । ଭୀମଭୋଇ ମାତ୍ର ୪୫/୪୬ବର୍ଷ ଜୀବିତ ଥିଲେ । ଏହି ସ୍ୱଳ୍ପଜୀବନ କାଳ ଭିତରେ ସେ ଯେଉଁ ବିପୁଳ ସାହିତ୍ୟ ସଂପଦ ଦେଇଯାଇଅଛନ୍ତି ତାହା ବିସ୍ମୟକର । କୌଣସି ଓଡ଼ିଆ ଭକ୍ତକବି ଏତେ ସଂଖ୍ୟାରେ ଭକ୍ତି ସାହିତ୍ୟ ରଚନା କରିନାହାନ୍ତି । ତାଙ୍କର ଆହୁରି କେତେକ ଲେଖା ଏଯାବତ ଅପ୍ରକାଶିତ ହୋଇ ରହିଛି ।

ଭୀମଭୋଇ ତାଙ୍କ ସମୟର ପ୍ରଖ୍ୟାତ ସାହିତ୍ୟରଥୀ ଫକୀରମୋହନ, ରାଧାନାଥ, ମଧୁସୂଦନ ଓ ଗଙ୍ଗାଧରଙ୍କର ପ୍ରାୟତଃ ସମସାମୟିକ ଥିଲେ ବି ସେମାନଙ୍କ ଭଳି ସାହିତ୍ୟିକ ପ୍ରତିଷ୍ଠା ଓ ଖ୍ୟାତି ନିଜ ଜୀବନ କାଳ ଭିତରେ ଅର୍ଜନ କରିପାରି ନଥିଲେ । ଭୀମଭୋଇଙ୍କର ମାର୍ଗ ଓ ପରିବେଶ ଥିଲା ଭିନ୍ନ । ସହରୀ ସଭ୍ୟତା ଠାରୁ ବହୁତ ଦୂର ପୂର୍ବତନ ସୋନପୁର ରାଜ୍ୟର ଏକ ଅଖ୍ୟାତ ପଲ୍ଲୀ ଖଲିଆପାଲି ଠାରେ ଆଶ୍ରମିକ ଜୀବନ ଯାପନ କରି ସେ ତାଙ୍କର ସହଜାତ କାବ୍ୟ ପ୍ରତିଭାକୁ ମହିମାଧର୍ମ ସାହିତ୍ୟ ରଚନାରେ ସଂପୂର୍ଣ୍ଣ ବିନିଯୋଗ କରିଥିଲେ । ମହିମାଗୋସାଇଁଙ୍କ ନିର୍ଦ୍ଦେଶ ମତେ ପ୍ରଥମେ ଦରିଦ୍ର, ନିରକ୍ଷର ଗିରିଜନ ଓ ସମାଜର ନିମ୍ନବର୍ଗର ଲୋକମାନଙ୍କ ମଧ୍ୟରେ ହିଁ ମହିମା ଧର୍ମ ପ୍ରଚାର କରାଯାଉଥିଲା ଓ ବହୁସଂଖ୍ୟାରେ ସେମାନେ ଏ ଧର୍ମରେ ଦୀକ୍ଷିତ ହୋଇଥିଲେ । ଧର୍ମଗୁରୁ ଓ ଭକ୍ତକବି ଭୀମଭୋଇଙ୍କୁ ଏହି ମହିମା ଭକ୍ତମାନେ ଦେବତାତୁଲ୍ୟ ଭକ୍ତି କରୁଥିଲେ । ଭୀମଭୋଇଙ୍କ ଲୋକପ୍ରିୟତା ଓ କବି ଗୌରବ ଏହି ନିରକ୍ଷର ବା ଅର୍ଦ୍ଧସାକ୍ଷର ଭକ୍ତମାନଙ୍କ ମଧ୍ୟରେ ପ୍ରାୟତଃ ସୀମାବଦ୍ଧ ଥିଲା । ବାହାରର ସଭ୍ୟ ଜଗତ  ତାଙ୍କ ସମ୍ବନ୍ଧରେ ବିଶେଷ କିଛି ଜାଣିବା କିମ୍ବା ତାଙ୍କ କାବ୍ୟ ପ୍ରତିଭା ସହିତ ପରିଚିତ ହେବାର କୌଣସି ସୁଯୋଗ ପାଇନଥିଲେ । ୧୮୯୫ ମସିହାରେ ଖଲିଆପାଲି ଠାରେ ଭୀମଭୋଇଙ୍କ ଦେହାବସାନର ପ୍ରାୟ ତିରିଶ ବର୍ଷ ପରେ କଟକର 'ପ୍ରାଚୀ

ସମିତି' ତାଙ୍କର ସ୍ତୁତି ଚିନ୍ତାମଣି, ବ୍ରହ୍ମନିରୂପଣ ଗୀତା ଓ ଅନ୍ୟକେତେକ ଗ୍ରନ୍ଥର ପୋଥି ସଂଗ୍ରହ କରି ସେ ଗୁଡ଼ିକୁ ପୁସ୍ତକ ଆକାରରେ ପ୍ରକାଶ କରିବା ପରେ ଓଡ଼ିଶା ଶିକ୍ଷିତ ସମାଜର ଦୃଷ୍ଟି ତାଙ୍କପ୍ରତି ଆକୃଷ୍ଟ ହୋଇଥିଲା । ପ୍ରତିଭା ଚିରକାଳ ପାଇଁ ଲୁଚିରହି ପାରେ ନାହିଁ । ନିରବଧି କାଳ, ବିପୁଳାଚ ପୃଥ୍ୱୀ, ଦିନେ ନା ଦିନେ ଏ ବିଶାଳ ପୃଥ୍ୱୀ ବାରେ ପ୍ରତିଭା ଲୋକଲୋଚନକୁ ଆସେ ଓ ଆଦୃତ ହୁଏ । ଭୀମଭୋଇଙ୍କ ତିରୋଧାନର ଶହେ ବର୍ଷ ପରେ ତାଙ୍କ କାବ୍ୟ କବିତାର ଆଦର ଯେପରି ବଢ଼ି ବଢ଼ି ଚାଲିଛି ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ତାଙ୍କର ଯେଉଁ ଭଜନ, ଜଣାଣର ଆଦର କେବଳ ମହିମା ଭକ୍ତମାନଙ୍କ ମଧ୍ୟରେ ସୀମିତ ଥିଲା ଓ ସେମାନଙ୍କୁ ଆଧ୍ୟାତ୍ମିକ ଆନନ୍ଦ ଦେଉଥିଲା ତାହା ଏବେ ରେଡ଼ିଓ, ଟେଲିଭିଜନ ମାଧ୍ୟମରେ ପ୍ରସାରିତ ହୋଇ ଲକ୍ଷ ଲକ୍ଷ ଶ୍ରୋତାଙ୍କୁ ମୁଗ୍ଧ କରୁଛି । ଭୀମଭୋଇଙ୍କ ରଚନା ବିଶ୍ୱ ବିଦ୍ୟାଳୟ ଉପାଧିଉର ଶ୍ରେଣୀର ପାଠ୍ୟକ୍ରମରେ ସ୍ଥାନ ଲାଭ କରିଛି ।

ଊନବିଂଶ ଶତାବ୍ଦୀ ଥିଲା ଓଡ଼ିଶା ଇତିହାସର ଏକ ଅନ୍ଧକାରମୟ ଯୁଗ ଏବଂ ଓଡ଼ିଆ ଜାତି ପାଇଁ ସବୁଠାରୁ ବଡ଼ ଦୁର୍ଦ୍ଦିନର ସମୟ । ଇଂରେଜ ରାଜତ୍ୱରେ ଓଡ଼ିଶା ତାର ସ୍ୱତନ୍ତ୍ର ସ୍ଥିତି ହରାଇ କେତୋଟି ଜିଲ୍ଲାକୁ ନେଇ ଗଠିତ ଏକ ଡ଼ିଭିଜନ ରୂପେ ବଙ୍ଗ ସରକାରଙ୍କ ଅଧିନରେ ଶାସିତ ହେଉଥିଲା । ଦକ୍ଷିଣାଞ୍ଚଳର ବହୁ ଓଡ଼ିଆ ଭାଷୀ ଅଞ୍ଚଳକୁ ତତ୍କାଳୀନ ମାଡ୍ରାସ ପ୍ରେସିଡେନ୍‌ସି ଅଧୀନରେ ଏବଂ ପଶ୍ଚିମର ବହୁ ଓଡ଼ିଆଭାଷୀ ଅଞ୍ଚଳକୁ ସେ ସମୟର ସେଣ୍ଟ୍ରାଲ ପ୍ରଭିନ୍‌ସେସ୍ (ମଧ୍ୟପ୍ରଦେଶ) ଅଧୀନରେ ରଖାଯାଇଥିଲା । ଓଡ଼ିଶାର ଗଡ଼ଜାତ ସମୂହ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କର୍ତ୍ତୃତ୍ୱାଧୀନ ହୋଇ ରହିଥିଲା । ପ୍ରଶାସନିକ ସୁବିଧା ଆଳରେ ବ୍ରିଟିଶ ସରକାର ଓଡ଼ିଶାକୁ ଖଣ୍ଡବିଖଣ୍ଡିତ କରି ଓଡ଼ିଆ ଜାତିର ମେରୁଦଣ୍ଡ ଭାଙ୍ଗିଦେଇଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ପରିବହନ ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାକୁ ଅବହେଳା କରାଯାଉଥିଲା । ଯେଉଁ ଓଡ଼ିଆଭାଷୀ ଲୋକମାନେ ପଡ଼ୋଶୀ ରାଜ୍ୟ ଶାସନାଧୀନ ହୋଇ ରହିଥିଲେ ସେମାନଙ୍କ ଦୁଃଖ ଓ ନିର୍ଯ୍ୟାତନାର ଅନ୍ତ ନଥିଲା । ଯେଉଁ ଦୁର୍ଦ୍ଦଶା ଜାତି ଦିନେ ଗଙ୍ଗାଠାରୁ

ଗୋଦାବରୀ, କୃଷ୍ଣା ଓ କାବେରୀ ଯାଏ ତା'ର ସାମ୍ରାଜ୍ୟ ବିସ୍ତାର କରିଥିଲା ପରିସ୍ଥିତିର ଚାପାରେ ସେ ଜାତି ଯେପରି ପଙ୍ଗୁ, ହୀନବଳ ଓ କ୍ଲୀବ ପାଲଟି ଯାଇଥିଲା ଯେଉଁ ଆଘାତରୁ ସେ ଏଯାବତ୍ ସଂପୂର୍ଣ୍ଣ ମୁକ୍ତ ହୋଇପାରି ନାହିଁ । ମାତୃଭାଷା ହେଉଛି ଗୋଟିଏ ଜାତିର ଏକତା ଓ ଭାବଗତ ସଂହତିର ସବୁଠାରୁ ବଳି ବଳିଷ୍ଠ ଯୋଗସୂତ୍ର । ଓଡ଼ିଶାରୁ ଓଡ଼ିଆ ଭାଷାକୁ ଲୋପ କରି ବଙ୍ଗଳା, ତେଲୁଗୁ ଓ ହିନ୍ଦୀ ଭାଷା ପ୍ରଚଳନକରିବା ପାଇଁ ପଡ଼ୋଶୀ ରାଜ୍ୟ ଗୁଡ଼ିକ ପ୍ରବଳ ଉଦ୍ୟମ କରିଥିଲେ । ୧୮୯୨ ସାଲରେ ସମ୍ବଲପୁର ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ ହେବାପରେ ସେଠାରେ ଭାଷା ସମସ୍ୟା ସୃଷ୍ଟି ହୋଇଥିଲା । ସମ୍ବଲପୁର ଅଞ୍ଚଳରେ ହିନ୍ଦୀଭାଷା ପ୍ରଚଳନ ପାଇଁ ହିନ୍ଦୀଭାଷୀମାନେ ଉଦ୍ୟମ ଚଳାଇ ଥିଲେ ଯଦିଓ ୧୮୯୬ଠାରୁ ବିଧିବଦ୍ଧଭାବରେ କୋର୍ଟ, କଚେରୀ ଇତ୍ୟାଦିରେ ହିନ୍ଦୀଭାଷା ପ୍ରଚଳନପାଇଁ ସରକାରୀ ଆଦେଶନାମା ଜାରି ହୋଇଥିଲା । ସମଗ୍ର ଓଡ଼ିଶାରେ ଏହା ବିରୁଦ୍ଧରେ ଜନଆନ୍ଦୋଳନ ସୃଷ୍ଟି ହୋଇଥିଲା । ବରପାଲିନିବାସୀ କବି ଗଙ୍ଗାଧର ମେହେର ମଧ୍ୟ ଏ ଓଡ଼ିଆଭାଷା ବିଲୋପ ଚକ୍ରାନ୍ତ ବିରୁଦ୍ଧରେ ସ୍ୱରଉତ୍ତୋଳନ କରିଥିଲେ ଯାହାକି ତାଙ୍କର 'ଉତ୍କଳମାତାର ରୋଦନ', 'ଉତ୍କଳ ଜନନୀର ଉକ୍ତି' ଆଦି କବିତାରେ ପ୍ରକାଶ ପାଇଛି । ବରପାଲି ଠାରୁ ଅନତି ଦୂରରେ ଖଲିଆପାଲି ଠାରେ ଅବସ୍ଥାନ କରୁଥିବା ଭୀମଭୋଇଙ୍କ ଉପରେ ଏହି ଭାଷା ଆନ୍ଦୋଳନର କୌଣସି ପ୍ରଭାବ ପଡ଼ିଥିବାର ମନେହୁଏ ନାହିଁ । ଧର୍ମଭାବନାରେ ସେ ସମ୍ପୂର୍ଣ୍ଣ ନିମଜ୍ଜିତ ଥିଲେ । କିନ୍ତୁ ସରଳ ଲୋକକଥିତ ଭାଷାରେ ସେ ଯେଉଁ ବିପୁଳ ସାହିତ୍ୟ ସୃଷ୍ଟି କରିଯାଇ ଅଛନ୍ତି ତାହା ସମ୍ବଲପୁର ସମେତ ସମଗ୍ର ପଶ୍ଚିମ ଓଡ଼ିଶାରେ ଓଡ଼ିଆ ଭାଷାର ଭିତ୍ତି ଭୂମିକୁ ଯେ ସୁଦୃଢ଼ କରିଥିଲା ଏବଂ ପରୋକ୍ଷ ଭାବରେ ହେଲେ ବି ଓଡ଼ିଆ ଭାଷା ବିରୋଧୀ ଆନ୍ଦୋଳନକୁ ପ୍ରତିହତ କରିବାରେ ସହାୟକ ହୋଇଥିଲା ଏହାକୁ ଅସ୍ୱୀକାର କରିହେବ ନାହିଁ । ଭୀମଭୋଇଙ୍କ ରଚନାରେ ଭାଷା ପ୍ରୟୋଗର କୌଣସି ଆଞ୍ଚଳିକତା ପରିଦୃଷ୍ଟ ହୁଏ ନାହିଁ । ଏହା ସମଗ୍ର ଓଡ଼ିଶାର ସର୍ବଜନବୋଧ୍ୟ ଓ ସାଧାରଣରେ ବ୍ୟବହୃତ ଭାଷା । ସେ କନ୍ଧ ପରିବାରରେ ଲାଳିତ ପାଳିତ ହୋଇ କନ୍ଧ

ସମାଜ ସହିତ ସଂପୃକ୍ତ ଥିଲେବି ତାଙ୍କ ରଚନାରେ କନ୍ଧ ମାନଙ୍କ ଭାଷାର କୌଣସି ପ୍ରଭାବ ପରିଲକ୍ଷିତ ହୁଏ ନାହିଁ ।

ଭୀମଭୋଇ ଥିଲେ ଜଣେ ସନ୍ଥକବି । ମହିମା ଗୋସାଇଁ ମହିମା ଧର୍ମ ପ୍ରତିଷ୍ଠା କରି ଏ ଧର୍ମର ପ୍ରଚାର ପ୍ରସାର ଦାୟିତ୍ୱ ଭୀମଭୋଇଙ୍କ ଉପରେ ନ୍ୟସ୍ତ କରିଥିଲେ । ମହିମା ଧର୍ମରେ ଦୀକ୍ଷିତ ହେବାପରେ ଗୁରୁଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଶେଷ ଜୀବନ ପର୍ଯ୍ୟନ୍ତ ସେ କେବଳ ମହିମା ଧର୍ମ ସାହିତ୍ୟହିଁ ରଚନା କରିଅଛନ୍ତି । ମହିମା ଧର୍ମର ଏହି ସନ୍ଥ ସାଧକଙ୍କ ଜୀବନ ତଥା ସାହିତ୍ୟ କୃତିକୁ ମହିମା ଧର୍ମଠାରୁ ପୃଥକ କରି ବିଚାର କରାଯାଇପାରିବ ନାହିଁ । ୧୮୭୬ ସାଲରେ ମହିମା ଧର୍ମର ପ୍ରବର୍ତ୍ତକ ମହିମା ଗୋସାଇଁଙ୍କ ତିରୋଧାନ ପରେ ଏ ଧର୍ମର ଧର୍ମାଧିକାରୀମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ବିଭେଦ ସୃଷ୍ଟି ହୋଇ ମହିମା ଧର୍ମ ଯେତେବେଳେ ବିପଦର ସମ୍ମୁଖୀନ ହୋଇଥିଲା ଭୀମଭୋଇ ଏ ଧର୍ମର ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ଧର୍ମ ପ୍ରବର୍ତ୍ତକମାନଙ୍କ ଜୀବନ କାଳ ମଧ୍ୟରେ ଧର୍ମର ନୀତି ଓ ଆଦର୍ଶ ଯେପରି ଭାବରେ ବଳବତ୍ତର ଥାଏ ସେମାନଙ୍କ ତିରୋଧାନ ପରେ ତାର ଯେ ଅବକ୍ଷୟ ଆରମ୍ଭ ହୋଇଯାଏ ପୃଥିବୀର ଧର୍ମ ଇତିହାସରେ ଏହାର ଦୃଷ୍ଟାନ୍ତ ବିରଳ ନୁହେଁ । ବୌଦ୍ଧ ଧର୍ମ ପରି ଏକ ମହାନ ଧର୍ମ ଯାହାକି ଭାରତରେ ଅଖଣ୍ଡ ପ୍ରଭାବ ବିସ୍ତାର କରିଥିଲା ଗୌତମ ବୁଦ୍ଧଙ୍କ ପରିନିର୍ବାଣ ପରେ ତାହା ହୀନଯାନ, ମହାଯାନ, ତନ୍ତ୍ରଯାନ ଇତ୍ୟାଦି ବହୁ ଶାଖା ପ୍ରଶାଖାରେ ବିଭକ୍ତ ହୋଇ ଏବଂ ଧର୍ମର ମୂଳ ଆଦର୍ଶରୁ ବିଚ୍ୟୁତ ହୋଇ କ୍ରମେ ଭାରତଭୂମିରୁ ଏକ ପ୍ରକାର ନିର୍ବାସିତ ହୋଇଗଲା । ମହିମା ଧର୍ମର ପ୍ରତିଷ୍ଠାତା ମହିମା ଗୋସାଇଁଙ୍କ ଜୀବନକାଳ ଭିତରେ ମଧ୍ୟ ସେ ସୃଷ୍ଟି କରିଥିବା ବଳ୍କଳଧାରୀ ପରସନ୍ୟାସୀ ଓ କୌପୀନଧାରୀ ଅପର ସନ୍ୟାସୀଙ୍କ ମଧ୍ୟରେ କିଏ ବଡ଼ କିଏ ସାନ ନେଇ ଦ୍ୱନ୍ଦ୍ୱ ଆରମ୍ଭ ହୋଇଯାଇଥିଲା, କିନ୍ତୁ ମହିମା ସ୍ୱାମୀଙ୍କ ମହାନ ବ୍ୟକ୍ତିତ୍ୱ ଯୋଗୁଁ ଏ ଦ୍ୱନ୍ଦ୍ୱ ବେଶି ଦୂର ଆଗେଇ ପାରି ନଥିଲା । ବାନା ଭିନ୍ନ ହେଲେ ବି ଧର୍ମ ଏକ ଏବଂ ଏଥିନେଇ ମତଭେଦ ନିରର୍ଥକ ବୋଲି ସେ ତାଙ୍କର ଅନୁଗାମୀମାନଙ୍କୁ ବୁଝାଇ ଦେଇଥିଲେ । କିନ୍ତୁ ଯୋରନ୍ଦା

ଠାରେ ମହିମା ଗୋସାଇଁଙ୍କ ମହାପ୍ରୟାଣ ପରେ ପର ଓ ଅପର ସନ୍ନ୍ୟାସୀ ମାନଙ୍କ ମଧ୍ୟରେ ଏହି ଦ୍ୱନ୍ଦ୍ୱ କୌଣସି ଧର୍ମଗତ କାରଣରୁ ନୁହେଁ, ତୁଚ୍ଛ ସାଂସାରିକ କାରଣରୁ ଅତି ନିମ୍ନ ସ୍ତରକୁ ଚାଲି ଆସିଥିଲା । ଗୁରୁଦେବଙ୍କ ତିରୋଧାନ ସମ୍ବାଦ ଭକ୍ତ ଭୀମଭୋଇଙ୍କୁ ମର୍ମାହତ କରିଥିଲା । ଭଗ୍ନ ହୃଦୟରେ ସେ ଖଲିଆପାଲି ଆଶ୍ରମରୁ ଚାଲି ଚାଲି ଯୋରନ୍ଦା ଆସି ଯାହା ଦେଖିଲେ ତାଙ୍କର ଦୁଃଖ ଦ୍ୱିଗୁଣିତ ହେଲା । ମହିମା ଧର୍ମର ସର୍ବମୟକର୍ତ୍ତା ପରମଗୁରୁ ମହିମା ଗୋସାଇଁଙ୍କ ଅବର୍ତ୍ତମାନରେ ସତ୍ୟ ମହିମାଧର୍ମ କିପରି ରକ୍ଷାହେବ ସେ ଚିନ୍ତା ତିଳେ ହେଲେ କାହାର ଥିବାର ସେ ଦେଖିଲେ ନାହିଁ । ବରଂ ବଳ୍କଳଧାରୀ ବାବା ଓ କୌପୀନଧାରୀ ସନ୍ନ୍ୟାସୀଙ୍କ ମଧ୍ୟରେ ସ୍ୱସ୍ୱ ପଦ ମର୍ଯ୍ୟାଦା ଓ ମଠ ସମ୍ପତ୍ତିର ଅଧିକାର ନେଇ କଳହ ହିଂସ୍ର ରୂପ ଧାରଣ କରିଥିଲା । ମହିମା ସନ୍ନ୍ୟାସୀଙ୍କର ଏ ପ୍ରକାର ଆଚରଣରେ ବ୍ୟସ୍ତ ଓ ବିବ୍ରତ ହୋଇ ଅଲେଖ ମହିମା ଧର୍ମର ସୁରକ୍ଷା ପାଇଁ ସନ୍ନ୍ୟାସୀ ସ୍ତମର ସଂଯମ ରକ୍ଷା ପାଇଁ ଭୀମଭୋଇ ବିନୟର ସହିତ ସମାନଙ୍କୁ ଯେତେ ବୁଝାଇଲେ ବି କେହି ତାଙ୍କ କଥାକୁ କର୍ଣ୍ଣପାତ କରିନଥିଲେ । ଏହି ଘଟଣାକୁ ନେଇ ଭୀମଭୋଇଙ୍କର କ୍ଷୋଭ ଓ ନୈରାଶ୍ୟ ଏକ ଭଜନରେ ମର୍ମସ୍ପର୍ଶୀ ଭାଷାରେ ପ୍ରକାଶ ପାଇଛି :

"ବର୍ଣ୍ଣ ନୁହିଁ, କର୍ମ ବିଚାରଣ ହେତୁ ଚେତା ହୁଅ ହେ ।
ଏବେବଡ଼ ଧର୍ମକର୍ମ　　ହୋଇଯାଉଛି ଅଧର୍ମ
ହୃଦରେ ବିବେକ କରି ବୁଝିନିଅ ।
ବେଦ ବତାଉଛି ଯାହା　　କରିନ ପାରୁଛ ତାହା
'ମହିମା' ପଣରେ ସର୍ବେ କରୁଛ ଅନ୍ୟାୟ ହେ ।

.. .. ..

ବଡ଼ ପ୍ରଭୁଙ୍କୁ ଭଜୁଛ　　ସାନ ବୁଦ୍ଧି କରୁଅଛ
ବଡ଼ ବୁଦ୍ଧି ବିବେକ ସମ୍ଭାଳି ଏବେ ରୁହ ହେ ।

ସତ୍ୟ ଧର୍ମରେ ଯେ ଥିବ     ଯଶ କୀରତି ପାଇବ
ଶୁଭ ମଙ୍ଗଳ ଶୁଣିବ ଜୟ ଜୟ ।
ଭଣେ ଭୀମ ହୀନ ଦାସ     ପ୍ରଭୁଙ୍କୁ ଭେଟିବା ଆଶ
ସମସ୍ତଙ୍କୁ କରଯୋଡ଼ି କରୁଛି ବିନୟ ହେ ।''

(ଭଜନମାଳା, ସଂଖ୍ୟା -୧୭୬)

କିନ୍ତୁ ଯୋରଣ୍ଡାରେ ମଠର ଅଧିକାର ଓ ଧନ ସମ୍ପତ୍ତିକୁନେଇ ବଳ୍କଳଧାରୀ ବାବା ଓ କୌପୀନଧାରୀ ସନ୍ନ୍ୟାସୀଙ୍କ ମଧ୍ୟରେ ଥିବା ବିବାଦର କୌଣସି ସମାଧାନ ହେବା ପରିବର୍ତ୍ତେ ବରଂ ଏହା ତୀବ୍ରତର ହୋଇଛି ଏବଂ ମାମଲା କୋର୍ଟ କଚେରୀ ଯାଏ ଯାଇଛି । ମହିମା ଧର୍ମର ପର, ଅପର ଏହି ଦୁଇଟି ଶ୍ରେଣୀ ଅଲଗା ଅଲଗା ସ୍ଥାନରେ ଆସ୍ଥାନ ଜମାଇ ବସ୍ତୁତଃ ଦୁଇଟି ସଂପ୍ରଦାୟରେ ବିଭକ୍ତ ହୋଇଯାଇ ଅଛନ୍ତି । ଆଦର୍ଶ ଓ ନୀତିଗତ କାରଣରୁ ବୌଦ୍ଧ ଧର୍ମ ହୀନଯାନ ଓ ମହାଯାନ ଏହି ଦୁଇଟି ସଂପ୍ରଦାୟରେ ବିଭାଜିତ  ହୋଇଯାଇଥିଲା । କିନ୍ତୁ ମହିମା ଧର୍ମର ଏ ବିଭାଜନ କୌଣସି ଧର୍ମଗତ କାରଣରୁ ନୁହେଁ, ଆତ୍ମବଡ଼ିମା ଓ ତୁଚ୍ଛ ପାର୍ଥିବ କାରଣରୁ ହିଁ ହୋଇଛି ।

ଯୋରଣ୍ଡାରେ ମହିମା ସନ୍ନ୍ୟାସୀମାନଙ୍କ ମଧ୍ୟରେ ଚାଲିଥିବା ବିବାଦ ସମାଧାନର କୌଣସି ଆଶା ନ ଦେଖି ଭଗ୍ନ ହୃଦୟରେ ଭୀମଭୋଇ ଖଲିଆପାଲି ଫେରିଯାଇଥିଲେ ଏବଂ ମହିମା ଧର୍ମର ସୁରକ୍ଷା ଦାୟିତ୍ୱ ନିଜେ ଗ୍ରହଣ କରିଥିଲେ । ଗୃହୀ ସନ୍ନ୍ୟାସୀ  ହୋଇ ମଧ୍ୟ ସେ ଲୋକମାନଙ୍କୁ ମହିମା ଧର୍ମରେ ଦୀକ୍ଷିତ କଲେ ଏବଂ ତାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ନାରୀମାନଙ୍କୁ ଦୀକ୍ଷା ଦାନ କଲେ ।  ଭୀମ ଭୋଇଙ୍କ ବ୍ୟକ୍ତିତ୍ୱ ବଳରେ  ବହୁତ ଲୋକ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ ଏବଂ ମହିମା ଧର୍ମ ପଶ୍ଚିମ ଓଡ଼ିଶାରେ  ଦ୍ରୁତ ପ୍ରସାର ଲାଭ କଲା । ଭକ୍ତମାନେ ଭୀମଭୋଇ ଓ ତାଙ୍କର ପ୍ରଥମା ପତ୍ନୀ ଅନ୍ନପୂର୍ଣ୍ଣାଙ୍କୁ ଉଚ୍ଚ ମଣ୍ଡପ ଉପରେ  ବସାଇ ପୂଜାର୍ଚ୍ଚନା କରି ଭୀମଭୋଇଙ୍କ ପାଦୋଦକ ପାନ କରି ନିଜକୁ କୃତକୃତ୍ୟ ମଣିଲେ । ଭକ୍ତମାନେ ମଠକୁ ବହୁ ଧନସମ୍ପତ୍ତି ମଧ୍ୟ ଦାନ କଲେ । ଭୀମ ଭୋଇ ଖଲିଆପାଲି ଆଶ୍ରମରେ  ଯେଉଁ ବିଧିବିଧାନ ପ୍ରଚଳନ କଲେ ତାହା ମୂଳ ମହିମା

ଧର୍ମର ବିରୁଦ୍ଧାଚରଣ କରୁଥିଲା । ଗୃହୀ ସନ୍ନ୍ୟାସୀ ହୋଇ ଦୀକ୍ଷାଦାନ କରିବା, ଆଶ୍ରମରେ ନାରୀମାନଙ୍କୁ ଅନ୍ତେବାସୀରୂପେ ଗ୍ରହଣ କରିବା ଏବଂ ବ୍ୟକ୍ତି ପୂଜା ମହିମା ଧର୍ମରେ ନିଷିଦ୍ଧ । ଏସବୁ କାରଣରୁ ଯୋରନ୍ଦାର ମହିମା ସନ୍ନ୍ୟାସୀମାନେ ଖଲିଆପାଲି ମହିମା ସନ୍ନ୍ୟାସୀ ମାନଙ୍କ ଠାରୁ ସଂପର୍କ ଛିନ୍ନ କରି ଅଛନ୍ତି ଓ ସିଦ୍ଧ ସନ୍ନ୍ୟାସୀମାନେ ଖଲିଆପାଲି ଆଶ୍ରମରୁ ଭିକ୍ଷା ସୁଦ୍ଧା ଗ୍ରହଣ କରନ୍ତି ନାହିଁ । ଧର୍ମ ଏକ ହେଲେ ବି ମହିମା ସଂପ୍ରଦାୟ ଏବେ ବଲ୍କଳଧାରୀ ବାବା, କୌପୀନଧାରୀ ସନ୍ନ୍ୟାସୀ ଏବଂ ଖଲିଆପାଲି ମହିମା ସନ୍ନ୍ୟାସୀ- ଏହି ତିନି ଭାଗରେ ବିଭକ୍ତ ହୋଇ ଯାଇଛି ।

ହିନ୍ଦୁ ଧର୍ମରେ ସଂସ୍କାର ଆଣିବା ପାଇଁ ମହିମା ଗୋସାଇଁ ମହିମା ଧର୍ମର ପ୍ରବର୍ତ୍ତନ କରିଥିଲେ । ଭାରତର ସର୍ବକନିଷ୍ଠ ଧର୍ମବୋଲି କୁହାଯାଉଥିବା ଏହି ମାନବବାଦୀ ଧର୍ମର ଏକ ସାର୍ବଜନୀନ ଆବେଦନ ରହିଛି । ପୃଥିବୀର ପ୍ରତିଷ୍ଠିତ ଧର୍ମଗୁଡ଼ିକ ମଧ୍ୟରେ ମୌଳିକ ଆଦର୍ଶ ଓ ନୀତିଗତ ପାର୍ଥକ୍ୟ ବିଶେଷ ନଥିଲେ ବି କେତେକ ବାହ୍ୟ ବିଧିବିଧାନ ଓ ଆଚାର ବିଚାରକୁ ନେଇ ଅହେତୁକ ବିଭେଦ ଓ ତିକ୍ତତା ସାଧାରଣତଃ ସୃଷ୍ଟି ହୋଇଥାଏ । ମହିମା ଧର୍ମ ବାହ୍ୟ ଉପଚାରରୁ ପ୍ରାୟତଃ ମୁକ୍ତ ଅହିଂସା, ଆତ୍ମସଂଯମ, ତ୍ୟାଗ, ଚାରିତ୍ରିକ ଶୁଦ୍ଧତା ଓ ବିଶ୍ୱବାସୀଙ୍କ ମଙ୍ଗଳ କାମନା ଏ ଧର୍ମର ମୌଳିକ ଆଦର୍ଶ.। ଜାତି ଭେଦ ପ୍ରଥା, ପ୍ରତିମା ପୂଜା, ଉଚ୍ଚନୀଚ ବିଚାର, ବ୍ରାହ୍ମଣ୍ୟ କର୍ମକାଣ୍ଡ, ତୀର୍ଥ, ବ୍ରତ ଇତ୍ୟାଦିରେ ଏ ଧର୍ମ ବିଶ୍ୱାସ କରେ ନାହିଁ । ଗୁରୁବାଦର ଅତ୍ୟାଚାର ମଧ୍ୟ ଏ ଧର୍ମରେ ନାହିଁ । ମହିମା ଧର୍ମରେ ମହିମା ଗୋସାଇଁ ଏକମାତ୍ର ଗୁରୁ ଏବଂ ଅନ୍ୟ ସମସ୍ତେ ଅନୁଗାମୀ ଭକ୍ତ ଓ ଭାଇ ଭାଇ । କିନ୍ତୁ ମହିମା ଗୋସାଇଁଙ୍କ ତିରୋଧାନ ପରେ ଗୋଷ୍ଠୀ କନ୍ଦଳ ଯୋଗୁଁ ଏ ଧର୍ମ କ୍ରମେ ମୂଳ ଆଦର୍ଶରୁ ଦୂରେଇ ଯିବା ପରିଲକ୍ଷିତ ହେଉଛି । ଯେଉଁ ହିନ୍ଦୁ ଧର୍ମରେ କେତେକ ମୌଳିକ ସଂସ୍କାର ଆଣିବା ପାଇଁ ଏ ଧର୍ମ ବିଦ୍ରୋହ ଘୋଷଣା କରିଥିଲା . ସେହି ହିନ୍ଦୁ ଶାସ୍ତ୍ର ପୁରାଣର ନଜିର ଦେଇ ବିଭିନ୍ନ ମହିମାଗୋଷ୍ଠୀ ନିଜନିଜକୁ ସନାତନ ହିନ୍ଦୁ ଧର୍ମର ଏକ ସଂପ୍ରଦାୟ ରୂପେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇ ଅଛନ୍ତି । ହିନ୍ଦୁ ଧର୍ମ ବୁଦ୍ଧଙ୍କୁ ବିଷ୍ଣୁଙ୍କର ଏକ ଅବତାର ରୂପେ ଗ୍ରହଣ କରିନେଇ

ବୌଦ୍ଧଧର୍ମକୁ ନିଜର କୁକ୍ଷିଭୂତ କଲାଭଳି ମହିମା ଧର୍ମର ଅବସ୍ଥା ଯେ ଦିନେ ଏପରି ନ ହେବ କିଏ କହିପାରିବ । ଏ ସଂପର୍କରେ ମହିମା ଧର୍ମ ଉପରେ ବିଶେଷ ଗବେଷଣା କରିଥିବା ଶ୍ରୀ ଚିତ୍ତରଞ୍ଜନ ଦାସଙ୍କ ମନ୍ତବ୍ୟ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ : "ହୁଏତ ଏପରି ଏକ ସମୟ ଆସିବ, ଯେତେବେଳେ ମହିମାଙ୍କର ପିତୁଳା କଳ୍ପନା ହେବ ଓ ସିଏ ଶୂନ୍ୟ ମନ୍ଦିର ଭିତରେ ଯେ କୌଣସି ଦେବତାଙ୍କୁ ପ୍ରଦର୍ଶନ କରାଯାଉଥିବା ମାନ୍ୟ ସହିତ ଭକ୍ତମାନଙ୍କ ଦ୍ୱାରା ପୂଜା ପାଇବେ, ଦିନେ ହୁଏତ ମହିମାପନ୍ଥାର ଠାକୁର ଲୋଭୀ ଭକ୍ତମାନେ ମହିମା ଗୋସାଇଁଙ୍କୁ ମଧ୍ୟ ଠାକୁର ସ୍ଥାନରେ ବିଷ୍ଣୁଙ୍କର ଅଥବା ବ୍ରହ୍ମଙ୍କର ଏକ ପୂର୍ଣ୍ଣାବତାର ବୋଲି କହିବେ । ପୁରୀର ବଡ଼ଦାଣ୍ଡ ଆହୁରି ପ୍ରଲମ୍ବିତ ହୋଇ ସମ୍ଭବତଃ ଯୋରନ୍ଦା ପୀଠକୁ ମଧ୍ୟ ଗ୍ରାସ କରିବ ଏବଂ ତାହାକୁ ଭକ୍ତମାନେ ପ୍ରଭୁଙ୍କର ଅପାର ମହିମା ବୋଲି ହିଁ ସ୍ୱୀକାର କରିବାକୁ ଅଗ୍ରସର ହୋଇ ଆସିବେ ।"(୧)

ଊନବିଂଶ ଶତାବ୍ଦୀରେ ହିନ୍ଦୁଧର୍ମରେ ସଂସ୍କାର ଆଣିବା ପାଇଁ ଜନ୍ମନେଇଥିବା ବ୍ରାହ୍ମଧର୍ମ କେତୋଟି ସମ୍ଭ୍ରାନ୍ତ ପରିବାର ମଧ୍ୟରେ ସୀମିତ ରହିଯାଇ ଜନଧର୍ମରେ ପରିଣତ ହୋଇ ପାରିଲା ନାହିଁ । ଏବେ ଏହାର ପ୍ରଭାବ କ୍ୱଚିତ ଅନୁଭୂତ ହୋଇଥାଏ । କିନ୍ତୁ ରାମକୃଷ୍ଣ ପରମହଂସଙ୍କ ନିଷ୍ଠାପର ଅନୁଗାମୀମାନଙ୍କ ଦ୍ୱାରା ରାମକୃଷ୍ଣମିଶନ ତଥା ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟ ସମାଜ ଦୃଢ଼ ସଂଗଠନ ଓ ଉତ୍ସର୍ଗୀକୃତ ସେବା ବଳରେ ଭାରତ ଓ ଭାରତ ବାହାରେ ସୁପ୍ରତିଷ୍ଠିତ ହୋଇପାରିଛି । ମହିମା ଧର୍ମ ସଂସ୍କାରବାଦୀ ଗଣଧର୍ମ ଭାବରେ ଏକ ସ୍ୱତନ୍ତ୍ର ଧର୍ମମାର୍ଗ ପ୍ରଦର୍ଶନ କରିଥିଲେ ବି ମହିମା ଗୋସାଇଁ ଓ ଭୀମ ଭୋଇଙ୍କ ତିରୋଧାନ ପରେ ଏଧର୍ମକୁ ସୁସଂଗଠିତ କରି ଏହାର ପ୍ରଚାର ଓ ପ୍ରସାର ପାଇଁ ସେଭଳି କୌଣସି ମହାନ ବ୍ୟକ୍ତିତ୍ୱଙ୍କର ଆବିର୍ଭାବ ହୋଇନାହିଁ । ଓଡ଼ିଶାର ଶିକ୍ଷିତ ବୁଦ୍ଧିଜୀବୀମାନେ ମଧ୍ୟ ଏଯାବତ ଏ ଧର୍ମ ପ୍ରତି ବିଶେଷ ଧ୍ୟାନ ଦେଇ ଥିବା ଭଳି ମନେ ହୁଏ ନାହିଁ ।

---

(୧) ଚିତ୍ତରଞ୍ଜନ ଦାସ, ସନ୍ଥ (ଭକ୍ତି) ସାହିତ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ପୃ : ୫୯୬

ମହିମା ଧର୍ମ ଉପରେ ଅଧିକ ଗବେଷଣା କରି ଏହାକୁ ଏକ ସୁସଂଗଠିତ ଧର୍ମ ରୂପେ ପ୍ରତିଷ୍ଠିତ ଓ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ୧୯୮୩ ସାଲ ଏପ୍ରିଲ ମାସ ୯ ତାରିଖରେ ଯୋରନ୍ଦା ଠାରେ ସାନ ମଠ ଦ୍ୱାରା ପରିଚାଳିତ କଲେଜରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଡ଼ଃ ନବୀନ କୁମାର ସାହୁ, ପୂର୍ବତନ ମନ୍ତ୍ରୀ ଆଡଭୋକେଟ ହରିହର ପଟେଲ, ଭାଗୀରଥି ନେପାକ, ଡଃ ଉଦ୍ଧବ ଚରଣ ନାୟକ, ଏ ଲେଖକ ଓ ଅନ୍ୟ କେତେକ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ । ଯୋରନ୍ଦାଠାରେ ମହିମା ଆବାସିକ ବିଶ୍ୱବିଦ୍ୟାଳୟ (Mahima Residential University) ପ୍ରତିଷ୍ଠାର ପରିକଳ୍ପନା ସେତେବେଳେ କରାଯାଇଥିଲା । କିନ୍ତୁ ନାନା କାରଣରୁ ଏ ଦିଗରେ ବିଶେଷ ଅଗ୍ରଗତି ହୋଇପାରିନଥିଲା । ଏବେ ଓଡ଼ିଶା ବାହାରର ବହୁ ଲୋକ ତଥା ଅନେକ ବୈଦେଶିକ ଅନୁସନ୍ଧିତ୍ସୁ, ଗବେଷକ ଓ ଧର୍ମାନୁରାଗୀ ମହିମା ଧର୍ମ ସଂପର୍କରେ ଅଧିକ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରୁଅଛନ୍ତି । ଜର୍ମାନୀସ୍ଥ ହେଡ଼ଲବର୍ଗ ବିଶ୍ୱବିଦ୍ୟାଳୟର ଜଣେ ଗବେଷିକା କୁମାରୀ ଡ଼ଃ ଆନ୍‌ଚାରଲୋଟ ଏସ୍‌ମାନ (Dr, Anncharlott Eschman) ଓଡ଼ିଶାରେ ରହି ମହିମାଧର୍ମ ସଂପର୍କରେ ଗବେଷଣା କରୁଥିବା ସମୟରେ ସ୍ୱାସ୍ଥ୍ୟଗତ କାରଣରୁ ଅକାଳ ମୃତ୍ୟୁ ବରଣ କରିଅଛନ୍ତି । ବାହାରର ଲୋକମାନଙ୍କୁ ଜଣାଇବା ପାଇଁ ଇଂରାଜୀ ଭାଷାରେ ମହିମା ଧର୍ମ ସଂପର୍କରେ କୌଣସି ଗବେଷଣା-ମୂଳକ ପୁସ୍ତକ ଏ ପର୍ଯ୍ୟନ୍ତ ଲେଖା ଯାଇନାହିଁ । ସେହିଭଳି ମହିମା ଧର୍ମର ଇତିହାସ ତଥା ସାଧୁ ସନ୍ଥମାନଙ୍କର ଜୀବନୀ ବୈଜ୍ଞାନିକ ଦୃଷ୍ଟିକୋଣରୁ ଉପଯୁକ୍ତ ଐତିହାସିକ ଓ ଜୀବନୀ ଲେଖକମାନଙ୍କ ଦ୍ୱାରା ଲେଖାଯିବା ଉଚିତ । ସନ୍ଥକବି ଭୀମଭୋଇଙ୍କ କାବ୍ୟ ପ୍ରତିଭା ସଂପର୍କରେ ବାହାରର ଲୋକଙ୍କ ଅବଗତି ନିମନ୍ତେ ତାଙ୍କର କେତେକ ନିର୍ବାଚିତ କାବ୍ୟ କବିତା ହିନ୍ଦୀ ତଥା ଇଂରାଜୀ ଭାଷାରେ ଅନୁଦିତ ହେବା ଏକାନ୍ତ ଆବଶ୍ୟକ । କବିଙ୍କର ବିଶିଷ୍ଟ କାବ୍ୟକୃତି 'ସ୍ତୁତି ଚିନ୍ତାମଣି'ର ହିନ୍ଦୀ ଓ ଇଂରାଜୀ ଅନୁବାଦ ପ୍ରଥମେ ହାତକୁ ନିଆଯାଇ ପାରେ । ମହିମା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇ ପାରିଲେ ବିଶ୍ୱବିଦ୍ୟାଳୟର ବିଦ୍ୱାନ ମାନେ ମହିମା ଧର୍ମ ସମ୍ବନ୍ଧରେ ଅଧିକ ଗବେଷଣା ମୂଳକ ଗ୍ରନ୍ଥ ବିଭିନ୍ନ ଭାଷାରେ

ରଚନା କରିବା ସହିତ ଅନୁବାଦ କାର୍ଯ୍ୟ ମଧ୍ୟ ହାତକୁ ନେଇ ପାରିବେ ଏବଂ ରାମକୃଷ୍ଣ ମିଶନ ଭଳି ଏ ବିଶ୍ୱବିଦ୍ୟାଳୟ ମହିମା ଧର୍ମର ପ୍ରଚାର ଓ ପ୍ରସାର ପାଇଁ ଏକ କେନ୍ଦ୍ରୀୟ ଅନୁଷ୍ଠାନ ରୂପେ କାର୍ଯ୍ୟ କରିବା ସହିତ ମହିମା ସଂସ୍ଥାର ସାଂଗଠନିକ ବ୍ୟାପାରରେ ମଧ୍ୟ ସହଯୋଗ କରିପାରିବ ।

ମହିମା ଧର୍ମ ଆଧୁନିକ ଭାରତୀୟ ଧର୍ମ ଧାରାକୁ ଓଡ଼ିଶାର ଏକ ବିଶିଷ୍ଟ ଅବଦାନ । ଧର୍ମ କ୍ଷେତ୍ରରେ ମହିମା ଧର୍ମ ଭଳି ଆଦିବାସୀ କନ୍ଧ ସଂପ୍ରଦାୟରୁ ଆସିଥିବା ସନ୍ଥ କବି ଭୀମଭୋଇଙ୍କ ରଚନାବଳୀ ଆଧୁନିକ ଭାରତୀୟ ଭକ୍ତି ସାହିତ୍ୟକୁ ଏକ ଅନନ୍ୟ ଅବଦାନ । ତାଙ୍କର କେତେକ କାବ୍ୟ କବିତା ଏବେ ସୁଦ୍ଧା ଅପ୍ରକାଶିତ ଅବସ୍ଥାରେ ଥିବାର ଜଣାଯାଏ । ସଂଗୃହୀତ କେତେକ ରଚନାକୁ ନେଇ କଟକର ଦୁଇଟି ବ୍ୟକ୍ତିଗତ ପ୍ରକାଶନ ସଂସ୍ଥା ଦୁଇଟି ଭୀମଭୋଇ ଗ୍ରନ୍ଥାବଳୀ ପ୍ରକାଶ କରିଅଛନ୍ତି । ଉତ୍କଳ ସାହିତ୍ୟ ସମାଜ କିମ୍ବା ଓଡ଼ିଶା ସାହିତ୍ୟ ଏକାଡେମୀ ଭଳି ସାରସ୍ୱତ ସଂସ୍ଥା ପକ୍ଷରୁ ଏ ଦିଗରେ ଉଦ୍ୟମ କରିବା କାମ୍ୟ । ଭୀମ ଭୋଇଙ୍କର ପ୍ରକାଶିତ ଓ ଅପ୍ରକାଶିତ ରଚନା ବଳୀକୁ ନେଇ ଏକ ସୁସଂପାଦିତ ଗ୍ରନ୍ଥାବଳୀ ଯଥାଶୀଘ୍ର ପ୍ରକାଶ ପାଇବା ଆବଶ୍ୟକ ।

# ପରିଶିଷ୍ଟ- ୧

## ଭୀମଭୋଇଙ୍କ ରଚନାବଳୀ

୧. ସ୍ତୁତିଚିନ୍ତାମଣି
୨. ଭଜନ ମାଳା
୩. ବ୍ରହ୍ମନିରୂପଣ ଗୀତା
୪. ଆଦିଅନ୍ତ ଗୀତା
୫. ଅଷ୍ଟକ ବିହାରୀ ଗୀତା
୬. ଚଉତିଶା (୪୧ଟି)
୭. ନିର୍ବେଦ ସାଧନ
୮. ଶ୍ରୁତି ନିଷେଧ ଗୀତା
୯. ବଙ୍ଗଳା ଆଠଭଜନ
୧୦. ପଦ୍ମକଳ୍ପ
୧୧. ବ୍ରହ୍ମ ଚାଳକ
୧୨. ମନୁସଭା ମଣ୍ଡଳ
୧୩. ମହିମା କାର୍ତ୍ତିକଳ୍ପ
୧୪. କଳ୍ପ ସଂହିତା
୧୫. ଭୀମଭୋଇ ମାଳିକା
୧୬. ଅନାଦି ସଂହିତା
୧୭. ପୂର୍ଣ୍ଣ ସଂହିତା
୧୮. ଶୂନ୍ୟ ରାହାସ
୧୯. ମହିମା ବିନୋଦ (୪ଖଣ୍ଡ)
୨୦. ବ୍ରହ୍ମ ସଂଯୁକ୍ତ ଗୀତା
୨୧. ବ୍ରହ୍ମ ସଂଘତ
୨୨. ନବାନ ବିହାରୀ ଗୀତା
୨୩. ଅହିଂସା ଧର୍ମ ବ୍ରହ୍ମଗୀତା
୨୪. କଳିଯୁଗ ଗୀତା

ଏଥିମଧ୍ୟରୁ ପ୍ରଥମ ୧୧ ଖଣ୍ଡ ପୁସ୍ତକ ଗ୍ରନ୍ଥାବଳୀ ଆକାରରେ ପ୍ରକାଶ ପାଇଥିବା ବେଳେ 'ମନୁସଭା ମଣ୍ଡଳ' ଏକ ସ୍ୱତନ୍ତ୍ର ପୁସ୍ତକ ରୂପେ ନିକଟରେ ପ୍ରକାଶ ପାଇଛି । 'ପଦ୍ମକଳ୍ପ' ଓ 'ବ୍ରହ୍ମଚାଳକ' ଅର୍ବାଚୀନ ଓ ଭୀମଭୋଇଙ୍କ ତିରୋଧାନ ପରେ ଅନ୍ୟ କାହା ଦ୍ୱାରା ରଚିତ ହୋଇ ଭୀମ ଭୋଇଙ୍କ ନାମରେ ଭଣିତା ହୋଇଥିବା ବିଶ୍ୱାସ କରାଯାଏ । ଉପରେ ଦିଆଯାଇଥିବା ତାଲିକା ବ୍ୟତୀତ ଭୀମ ଭୋଇଙ୍କ ଦ୍ୱାରା ରଚିତ କେତେକ ଭଜନ, ଜଣାଣ ଓ ପଶ୍ଚିମ ଓଡ଼ିଶାର ଲୋକ ଗୀତ ବ୍ୟକ୍ତି ବିଶେଷଙ୍କ ପାଖରେ ରହିଥିବାର ଅନୁମାନ କରାଯାଏ । ତାଲିକାର ୧୩ ଠାରୁ ୨୪ ଯାଏ ଥିବା ପୁସ୍ତକମାନ ଏଯାବତ ଅପ୍ରକାଶିତ ।

(ଧର୍ମଗ୍ରନ୍ଥ ଷ୍ଟୋର, କଟକଙ୍କ ଦ୍ୱାରା ପ୍ରକାଶିତ 'ଭକ୍ତକବି ଭୀମଭୋଇ ଗ୍ରନ୍ଥାବଳୀ', ଭାଗୀରଥି ନେପାକଙ୍କ 'ଭୀମଭୋଇଙ୍କ ମହିମା ଧର୍ମ', ଏବଂ ଅଧ୍ୟାପକ ରାମଚନ୍ଦ୍ର ଦାସଙ୍କ 'କବି ଭୀମଭୋଇ' ପୁସ୍ତକରୁ ସଂଗୃହୀତ ।)

# ପରିଶିଷ୍ଟ- ୨

## ମହିମା ଧର୍ମର ପ୍ରସାର

ହେଡଲବର୍ଗ ବିଶ୍ୱବିଦ୍ୟାଳୟର ଜଣେ ଗବେଷିକା ତଥା ଓଡ଼ିଶା ଗବେଷଣା ସଂସ୍ଥା (Orissa Research Project) ର ସଭ୍ୟା କୁମାରୀ ଡଃ ଆନ୍‌ସାରଲୋଟ ଏସ୍‌ମାନ (Dr. Anncharlott Eschman) ଅନୁସନ୍ଧାନ କରି ଦେଇଥିବା ଏକ ରିପୋର୍ଟରୁ ଜଣାଯାଏ ଯେ ଆସାମ, ପଶ୍ଚିମ ବଙ୍ଗ, ବିହାର, ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶର ବିଭିନ୍ନ ସ୍ଥାନରେ ମହିମା ଧର୍ମର ଆଶ୍ରମମାନ ସ୍ଥାପିତ ହୋଇଛି । ନିମ୍ନରେ ଏହାର ଏକ ବିବରଣୀ ଦିଆଗଲା । ଏଥିରେ ଗଞ୍ଜାମ ଜିଲ୍ଲା ସ୍ଥାନ ପାଇନାହିଁ । ଏହା ଏକ ପରିପୂର୍ଣ୍ଣ ବିବରଣୀ ବୋଲି ମନେହୁଏ ନାହିଁ ।

| ସ୍ଥାନର ନାମ | ବଳ୍କଳଧାରୀ | କୌପୀନଧାରୀ |
|---|---|---|
| ଓଡ଼ିଶା – | | |
| ବାଲେଶ୍ୱର | ୭୭ | .. |
| ବଲାଙ୍ଗୀର | ୫ | ୨ |
| କଟକ | ୩୩୪ | ୩ |
| ଢେଙ୍କାନାଳ | ୧୪୩ | ୨୫ |
| କଳାହାଣ୍ଡି | .. | .. |
| କେନ୍ଦୁଝର | ୨୯ | .. |
| କୋରାପୁଟ | ୪ | .. |
| ମୟୂରଭଞ୍ଜ | ୭୪ | ୨ |
| ଫୁଲବାଣୀ | ୪ | .. |
| ପୁରୀ | ୨୪ | .. |
| ସମ୍ବଲପୁର | ୨୧ | ୪ |
| ସୁନ୍ଦରଗଡ଼ | .. | ୬ |
| ଆନ୍ଧ୍ରପ୍ରଦେଶ- | ୫୦ | .. |
| ବିହାର- | | ୧୨ |
| ଆସାମ- | .. | ୩୩ |
| ମଧ୍ୟପ୍ରଦେଶ- | .. | ୭୪ |
| ବଙ୍ଗଳା- | .. | ୬୩ |

* ଓଡ଼ିଶା ଜିଲ୍ଲା ଗେଜେଟିଅର୍‌, ଢେଙ୍କାନାଳ (ଓଡ଼ିଆ ସଂସ୍କରଣ), ୧୯୮୧, ପୃ :୪୦୧